

ପବିତ୍ର ବାରି କହିଲେ, ତୀର୍ଥଜଳ ବା ଗଙ୍ଗାଜଳ ନୁହେଁ, ନୟନର ବାରି ହିଁ ପବିତ୍ର। ଯେ ନେତ୍ର ଜଳରେ ପ୍ରଭୁଙ୍କର ପଦଧୌତ କରେ ତା'ର ଜନ୍ମ ଜନ୍ମର ପାପ ଧୋଇ ହୋଇଯାଏ।
- ଠାକୁର ଅଭିରାମ ପରମହଂସ



## ସଂକ୍ଷେପରେ

### ବିପ୍ଳବୀ କବି ରବି ସିଂ ଅସୁସ୍ଥ, ଆଇସିୟୁରେ ଭର୍ତ୍ତି

**ଭୁବନେଶ୍ୱର, ୬।୧(ବ୍ୟୁରୋ):** ଓଡ଼ିଆ ସାହିତ୍ୟ ଜଗତର ବିପ୍ଳବୀ କବି ଭାବେ ପରିଚିତ ରବି ସିଂ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ରବିବାର ସେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ତାଙ୍କର ରକ୍ତ ଶର୍କରା କମିଯାଇଛି ଓ ଆବଶ୍ୟକତା ଦୃଷ୍ଟିରୁ ତାଙ୍କୁ ଆଇସିୟୁରେ ରଖି ଚିକିତ୍ସିତ କରାଯାଉଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଓ ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ କ୍ୟାପିଟାଲ ହସ୍ପିଟାଲ ଯାଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ।

### ଲୁପ୍ତପ୍ରାୟ ଲୋକକଳାରେ ଢୁମ୍ପା ସଙ୍ଗୀତ



**ଭୁବନେଶ୍ୱର, ୬।୧(ବ୍ୟୁରୋ):** ଭାରତୀୟ ବିଦ୍ୟାଭବନ ଓ ଇନ୍ଫୋସିସ ଫାଉଣ୍ଡେଶନର ମିଳିତ ସହଯୋଗରେ ସୋମବାର ଲୁପ୍ତପ୍ରାୟ ଲୋକକଳାର ୮୭ତମ ସନ୍ଧ୍ୟାରେ ଢୁମ୍ପା ସଙ୍ଗୀତ ପରିବେଷିତ ହୋଇଛି। ଗଞ୍ଜାମ ଜିଲା ଦିଗପହଣ୍ଡିର ଦଧିବାମନ ଢୁମ୍ପା ସଙ୍ଗୀତ କଳାପୀଠର ସଦସ୍ୟମାନେ ସଙ୍ଗୀତ ପରିବେଷଣ କରିଥିଲେ। ଢୁମ୍ପା ଏକ ପ୍ରାଚୀନ ତାଳ ବାଦ୍ୟଯନ୍ତ୍ର। ଏହା ବାଉଁଶରେ ତିଆରି ହୋଇଥାଏ। କବିସୂର୍ଯ୍ୟ ବଳଦେବ ରଥ ଢୁମ୍ପା ଆଧାରରେ ଚମ୍ପୂ ସଙ୍ଗୀତ ରଚନା କରିଥିଲେ ବୋଲି କୁହାଯାଏ। ଦଶଫୁଟ ଲମ୍ବା ବାଉଁଶକୁ ତଳେ ରଖି ଚାରି ବାଦ୍ୟକାର ବିଭିନ୍ନ ରାଗ ତାଳରେ ଢୁମ୍ପାବାଦ୍ୟ ପରିବେଷଣ କରନ୍ତି।

### ଅଭିଯୁକ୍ତଙ୍କୁ ଧରିବା ପାଇଁ ରାଜଧାନୀରେ ଆନ୍ଧ୍ର ପୋଲିସ

**ଭୁବନେଶ୍ୱର, ୬।୧(ବ୍ୟୁରୋ):** ଚିଟଫଣ୍ଡ ଠକେଇରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବା ନେଇ ଆନ୍ଧ୍ରପ୍ରଦେଶ ପୋଲିସ ଭୁବନେଶ୍ୱରରେ ପହଞ୍ଚିଛି। ଆନ୍ଧ୍ର ପୋଲିସ ଠାରୁ ମିଳିଥିବା ସୂଚନା ଅନୁଯାୟୀ ଆନ୍ଧ୍ରପ୍ରଦେଶ ସିକାକୁଲମ ଜିଲା ଅନ୍ତର୍ଗତ କାଶିବୁଗା ଥାନା ଅଞ୍ଚଳରେ ରହୁଥିବା ଜଣେ ଯୁବକ ଉକ୍ତ ସ୍ଥାନରେ ଚିଟଫଣ୍ଡ ମାଧମରେ ପ୍ରାୟ ୨ କୋଟି ଟଙ୍କା ଠକେଇ କରି ଓଡିଶା ପଳାଇ ଆସିଥିଲା। ଯିଏକି ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ନୀଳାଦ୍ରି ବିହାର ଅଞ୍ଚଳ ରହୁଥିବା ତଦନ୍ତରୁ ଆନ୍ଧ୍ର ପୋଲିସ ଜାଣିବାକୁ ପାଇଥିଲା। ଆନ୍ଧ୍ର ପୋଲିସ ରବିବାର ଚନ୍ଦ୍ରଶେଖରପୁର ଥାନାରେ ପହଞ୍ଚି ଅଭିଯୁକ୍ତଙ୍କ ନାମରେ ୱାରେଣ୍ଟ ଥିବା ଜଣାଇଥିଲେ। ସୋମବାର ଭୋର ୫ଟା ସମୟରେ ଚନ୍ଦ୍ରଶେଖରପୁର ପୋଲିସ ସହାୟତାରେ ଉକ୍ତ ଘରେ ଚଢ଼ାଉ କରିଥିଲେ। କିନ୍ତୁ ଅଭିଯୁକ୍ତ ଜଣକ ପୂର୍ବରୁ ଖବରପାଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଫଳରେ କାଶିବୁଗା ପୋଲିସକୁ ଖାଲି ହାତରେ ଫେରିବାକୁ ପଡିଛି।

### ୨ ବାଇକ୍ ମୁହାଁମୁହିଁ: ଜଣେ ମୃତ, ୩ ଗୁରୁତର

**କଟକ ସଦର, ୬।୧(ଡି.ଏନ୍.ଏ.):** କଟକ-ପାରାଦୀପ ରାସ୍ତାର ନାହାଭଙ୍ଗା ନିକଟରେ ସୋମବାର ସନ୍ଧ୍ୟାରେ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ୩ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଯାଜପୁର ଜିଲା ବାଲିଚନ୍ଦ୍ରପୁର ଅଞ୍ଚଳର ସୁନୀଲ ସେଠୀ(୨୪)। ଆହତ କଟକ ସଦର ଥାନା ଅଧୀନ ପ୍ରତାପନଗରୀର ଦୁଃଶାସନ ରାଉତ, ନରାଜ ଅଞ୍ଚଳର ସୁଦର୍ଶନ ସାହୁ ଓ ଚୌଦ୍ୱାର ଥାନା ଅନ୍ତର୍ଗତ ନୂଆପାଟଣା ଅଞ୍ଚଳର ବାସୁଦେବ ସ୍ୱାଇଁଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୁନୀଲ ବାଇକ୍(ଓଡି୦୫ଏଇ-୧୪୪୮)ରେ କଟକ ଅଭିମୁଖେ ଯାଉଥିଲେ। ଦୁଃଶାସନ, ସୁଦର୍ଶନ ଓ ବାସୁଦେବ ଅନ୍ୟଏକ ବାଇକ୍(ଓଡି୦୫ୟୁ-୭୨୯୦)ରେ ବିପରୀତ ଦିଗରୁ ଆସୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ସୁନୀଲଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ କନ୍ଦରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା।

# ୧୧ରେ ଷ୍ଟାଣ୍ଡ୍ଅପ୍ ଶୋ' 'ଟୁ ମଚ୍'

**ଭୁବନେଶ୍ୱର,୬।୧(ବ୍ୟୁରୋ)**

ରାଉଣ୍ଡ ଟେବୁଲ୍ ଇଣ୍ଡିଆର ପ୍ରମୁଖ ଚାପ୍ଟର 'ବିଏମ୍ଆର୍‌ଟି ୯୩' ପକ୍ଷରୁ ଆସନ୍ତା ୧୧ ତାରିଖରେ ଏକ ଭିନ୍ନସ୍ୱାଦର ଷ୍ଟାଣ୍ଡ-ଅପ୍ ଲାଇଭ୍ ଶୋ' 'ଟୁ ମଚ୍' ନୟାପଲ୍ଲୀସ୍ଥିତ ହୋଟେଲ କ୍ରାଉନ୍‌ଠାରେ ଅନୁଷ୍ଠିତ ହେବ। ଦେଶର ଦୁଇ ଖ୍ୟାତନାମା ଷ୍ଟାଣ୍ଡ-ଅପ୍ କମେଡିଆନ୍ ଦେବେଶ ଦୀକ୍ଷିତ ଏବଂ ସୃଜନ କୌଶିକ ଏଥିରେ ଯୋଗଦେବେ। ସନ୍ଧ୍ୟା ୭ଟା ୩୦ରୁ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଥିବାବେଳେ ଦୁଇଘଣ୍ଟା ଧରି ଏହି ଦୁଇ ଷ୍ଟାଣ୍ଡଅପ୍ ଆର୍ଟିଷ୍ଟ ଦର୍ଶକଙ୍କୁ ଢେର୍ ମନୋରଞ୍ଜନର ଖୋରାକ ଯୋଗାଇବେ। ସବୁଠାରୁ ବଡ଼କଥା ହେଲା, ଆର୍ଥିକ ଅନଗ୍ରସର ପିଲାମାନଙ୍କ ପାଇଁ ସ୍କୁଲ୍ ଗୃହ ନିର୍ମାଣ ନିମନ୍ତେ ପାଣ୍ଠି ସଂଗ୍ରହ କରିବାକୁ 'ବିଏମ୍ଆର୍‌ଟି ୯୩' ଏହି କାର୍ଯ୍ୟକ୍ରମର ଆୟୋଜନ କରିବ। ଏହି ଫଣ୍ଡ୍ ରେଜିଂ ଇଭେଣ୍ଟରୁ ମିଳିବାକୁ ଥିବା ଅର୍ଥରେ ଗରିବ ତଥା ଅପହଞ୍ଚ ଅଞ୍ଚଳରେ ସ୍କୁଲ୍ ତିଆରି କରାଯିବ। ଫାଲ୍‌କନ୍ ରିୟଲ ଇଷ୍ଟେଟ୍ ଦ୍ୱାରା 'ଧରିତ୍ରୀ', 'ଓଡ଼ିଶା ପୋଷ୍ଟ', 'ଖୁମ୍‌ଜୀ', 'ରେଡ୍ ଏଫ୍‌ଏମ୍' ଏବଂ ଜାଗୁଆର୍ ସହଯୋଗରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ଦେଖିବା ଲାଗି ଦର୍ଶକ ବୁକ୍ ମାଇଁ ଶୋ'ରେ ଟିକେଟ୍ ବୁକ୍ କରିପାରିବେ। ଏଥିପାଇଁ ୫୦୦ ଟଙ୍କାରୁ ଆରମ୍ଭକରି ୨ ହଜାର ଟଙ୍କା ପର୍ଯ୍ୟନ୍ତ ଟିକେଟ୍ ରହିଛି। ଦର୍ଶକ ଏହି ଅବସରରେ ଏକ ଦମ୍‌ଦାର ସନ୍ଧ୍ୟାର ମଜାନେବା ସହ ଦେଶର ଭବିଷ୍ୟତ ଗଠନ କରିବାରେ ଭାଗୀଦାରି ହୋଇପାରିବେ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଗତ ୨୧ବର୍ଷରେ 'ରାଉଣ୍ଡ ଟେବୁଲ୍ ଇଣ୍ଡିଆ' ଦେଶର ୨୮୪୯ ବିଦ୍ୟାଳୟରେ ୬୬୨୩ରୁ ଅଧିକ ଶ୍ରେଣୀଗୃହ ନିର୍ମାଣ କରି ୭.୨୮ ମିଲିୟନ୍ ପିଲାଙ୍କ ଭବିଷ୍ୟତକୁ ଉଜ୍ଜ୍ୱଳ କରିଛି।

## ୮ରୁ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା

# ଏଥର 'ଫୋକସ୍ ଏମ୍‌ଏସ୍‌ଏମ୍‌ଇ-୨୦୨୦'

**ଭୁବନେଶ୍ୱର,୬।୧(ବ୍ୟୁରୋ)**



ଖବରଦାତା ସମ୍ମିଳନୀରେ ବାଣିଜ୍ୟମେଳା ସମ୍ପର୍କରେ ସୂଚନା ଦିଆଯାଉଛି।

- ଆୟୋଜନ ହେବ ବିଟୁବି, ବିଟୁସି ଓ ବିଟୁଜି ବୈଠକ
- ବିଜନେସ୍ ନେଟ୍‌ୱର୍କିଂ ଉପରେ ଗୁରୁତ୍ୱ
- ଭବିଷ୍ୟତ ଉଦ୍ୟୋଗୀଙ୍କ ପାଇଁ ଟେକ୍ନୋଲୋଜି ଡେମୋନ୍‌ଷ୍ଟ୍ରେଶନ

ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ ଇଣ୍ଟରନ୍ୟାଶନାଲ ଟ୍ରେଡ୍ ଫେୟାର-୨୦୨୦ ଜାନୁୟାରୀ ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ୟୁନିଟ୍-୩ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଅନୁଷ୍ଠିତ ହେବ। ରାଜ୍ୟ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିଭାଗ ଦ୍ୱାରା ଆୟୋଜିତ ହେବାକୁ ଥିବା ଏହି ମେଳାର ଥିମ୍ ଚଳିତବର୍ଷ 'ଫୋକସ୍ ଏମ୍‌ଏସ୍‌ଏମ୍‌ଇ ୨୦୨୦' ରହିବ। ଶିଳ୍ପ ନିର୍ଦ୍ଦେଶାଳୟ, ରପ୍ତାନି, ପ୍ରସାର ଓ ବିପଣନ ନିର୍ଦ୍ଦେଶାଳୟ ଏବଂ ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ (ଓଏସ୍‌ଆଇସି) ମେଳା ଆୟୋଜନରେ ସହଯୋଗ କରିବେ। ୮ ତାରିଖ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମେଳାକୁ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଉଦ୍‌ଘାଟନ କରିବେ ବୋଲି ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର ସୂଚନା ଦେଇଛନ୍ତି।

ଏହି ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ କ୍ରେତା-ବିକ୍ରେତା ସମ୍ମିଳନୀ, ପ୍ରଯୁକ୍ତିବିଦ୍ୟା ପ୍ରଦର୍ଶନ, ଷ୍ଟାର୍ଟଅପ୍, ଇନୋଭେଶନ, ବିଶ୍ୱ ବାଣିଜ୍ୟ କେନ୍ଦ୍ର ମାଧ୍ୟମରେ ମହିଳା ଉଦ୍ୟୋଗୀଙ୍କ ପାଇଁ ନୂଆ ବଜାର ସୁଯୋଗ, ସେକ୍ଟରାଲ ସେମିନାର, ଇରାନ୍ ଓ ବାଂଲାଦେଶରୁ ଆସିବାକୁ ଥିବା ପ୍ରତିନିଧିଙ୍କ ସହ ବିଜନେସ୍ ନେଟ୍‌ୱର୍କିଂ ଉପରେ ଗୁରୁତ୍ୱ ଦିଆଯିବ। ଏହି ଅବସରରେ ରାଜ୍ୟର ଏମ୍‌ଏସ୍‌ଏମ୍‌ଇଗୁଡ଼ିକ ନିଜର ଉତ୍ପାଦ ପ୍ରଦର୍ଶନ କରିବା ସହ ରାଜ୍ୟ ଏବଂ ରାଜ୍ୟ ବାହାରୁ ଆସିବାକୁ ଥିବା ପ୍ରତିନିଧି ଓ କ୍ରେତାମାନଙ୍କ ସହ ବିଟୁବି, ବିଟୁସି ଓ ବିଟୁଜି ବୈଠକରେ ରହିଥିବା ବ୍ୟବସାୟ ସୁଯୋଗ ସମ୍ପର୍କରେ ଆଲୋଚନା କରିପାରିବେ। ୫ ଦିନିଆ ଏହି ବାଣିଜ୍ୟ ମେଳାରେ ବିଭିନ୍ନ ପ୍ରକାର କର୍ମଶାଳା ସହ ଭିନ୍ନ ଭିନ୍ନ ବିଷୟବସ୍ତୁ ଉପରେ ସେମିନାର୍ ଆୟୋଜନ କରାଯିବ। ସେହିଭଳି ପ୍ରତି ସନ୍ଧ୍ୟାରେ ମେଳା ମଞ୍ଚରେ ଓଡ଼ିଶାର ଖ୍ୟାତନାମା କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ୧୫ ଷ୍ଟଲ୍‌କୁ ନେଇ ହେବାକୁ ଥିବା ଫୁଡ୍‌କୋର୍ଟରେ ଦର୍ଶକମାନେ ଓଡ଼ିଶା ସହ ବିଭିନ୍ନ ରାଜ୍ୟର ସୁସ୍ୱାଦୁ ଖାଦ୍ୟ ଖାଇପାରିବେ। ଚଳିତବର୍ଷ ଏହି ମେଳାକୁ ପ୍ରାୟ ୩ ଲକ୍ଷ ଲୋକ ଆସିବେ ବୋଲି ବିଭାଗ ଆକଳନ କରିଛି। ମୋଟ ୪ ବିଭାଗରେ ୭୦ ଲେଖାଁଏ ମୋଟ ୨୮୦ ଷ୍ଟଲ୍ ଖୋଲିବ, ଯେଉଁଥିରେ ରାଜ୍ୟର ଏମ୍‌ଏସ୍‌ଏମ୍‌ଇ ଉତ୍ପାଦଗୁଡ଼ିକୁ ପ୍ରଦର୍ଶନ କରାଯିବ। ଏହାବ୍ୟତୀତ ୩୨ ଷ୍ଟଲ୍‌ରେ ଆଗାମୀ ପିଢ଼ିର ଉଦ୍ୟୋଗୀମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଟେକ୍ନୋଲୋଜି ଡେମୋନଷ୍ଟ୍ରେଶନ କରାଯିବ। ଏହି ମେଳା ଅଣ-ଶିଳ୍ପ ରାଜ୍ୟଗୁଡ଼ିକରୁ ଆସିଥିବା ଉଦ୍ୟୋଗୀମାନଙ୍କୁ ନିଜ ଉତ୍ପାଦକୁ ଅନ୍ତର୍ଜାତୀୟସ୍ତରୀୟ ଦର୍ଶକଙ୍କ ଆଗରେ ପ୍ରଦର୍ଶନ କରିବାକୁ ପ୍ଲାଟଫର୍ମ ପ୍ରଦାନ କରିବ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଅଧୀନ ସଂସ୍ଥାଗୁଡ଼ିକୁ ୨୮ ଷ୍ଟଲ୍ ପ୍ରଦାନ କରାଯିବ।

## ମିଳିତ ଗବେଷଣା ପାଇଁ ଆଇଆଇଟି ଓ ଏମ୍ସ ମଧ୍ୟରେ ବୁଝାମଣା

**ଭୁବନେଶ୍ୱର, ୬।୧(ବ୍ୟୁରୋ)**




ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଭୁବନେଶ୍ୱର ଓ ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍ (ଏମ୍ସ) ମଧ୍ୟରେ ସୋମବାର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ମାନବସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିୟାଲ ନିଶାଙ୍କ ସୋମବାର ଭୁବନେଶ୍ୱର ଆସିଥିବାବେଳେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଭିନ୍ନ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକଙ୍କ ସହିତ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଦୁଇଟି ଶିକ୍ଷାନୁଷ୍ଠାନ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ଆଇଆଇଟି ପକ୍ଷରୁ ନିର୍ଦ୍ଦେଶକ ପ୍ରଫେସର ଆର୍. ଭି. ରାଜା କୁମାର ଓ ଏମ୍ସ ପକ୍ଷରୁ ନିର୍ଦ୍ଦେଶିକା ପ୍ରଫେସର ଗୀତାଞ୍ଜଳି ବାଟ୍‌ମାନାବେନ୍ ଏହି ଚୁକ୍ତି ସ୍ୱାକ୍ଷରିତ କରିଥିଲେ। ଏହାଦ୍ୱାରା ଦୁଇଟି ଶିକ୍ଷାନୁଷ୍ଠାନର ମିଳିତ ଗବେଷଣା ଏବଂ ଫାକଲ୍‌ଟି ଓ ବୈଜ୍ଞାନିକଙ୍କ ମଧ୍ୟରେ ଏକାଡେମିକ୍ ଇଣ୍ଟରାକ୍ସନ କରାଯିବ। ଚୁକ୍ତିର ଅବଧି କାର୍ଯ୍ୟକାରୀ ହେବା ଦିନଠାରୁ ଆଗାମୀ ୫ବର୍ଷ ପର୍ଯ୍ୟନ୍ତ ରହିବ। ଏହି କାର୍ଯ୍ୟକ୍ରମ ଯଦି ସଫଳ ହୁଏ, ତେବେ ଉଭୟ ଶିକ୍ଷାନୁଷ୍ଠାନ ମଧ୍ୟରେ ଆଲୋଚନା ଓ ନିଷ୍ପତ୍ତି ପରେ ଚୁକ୍ତିର ଅବଧିକୁ ବୃଦ୍ଧି କରାଯିବ।

## ଦୁର୍ଘଟଣା ପ୍ରବଣ ସ୍ଥାନରେ ଲାଗିଲା ଅସ୍ଥାୟୀ ବ୍ୟାରିକେଡ

**ବାଲିଅନ୍ତା,୬।୧(ଡି.ଏନ.ଏ.)**

ହଂସପାଳ-ଭିଙ୍ଗାରପୁର ପୂର୍ତ୍ତ ରାସ୍ତାର ମହାତ୍ମା ସେତୁ ଆପ୍ରୋଚ ରୋଡର ଶେଷ ମୁଣ୍ଡରେ ଏକ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ସେଠାରେ ବାରମ୍ବାର ଦୁର୍ଘଟଣା ଘଟୁଛି। ସପ୍ତାହକ ମଧ୍ୟରେ ୬ ଦୁର୍ଘଟଣା ଘଟିଛି। ରବିବାର ରାତିରେ ଏକ ବାଇକ ରାସ୍ତା ତଳକୁ ଖସି ପଡ଼ିବାରୁ ୨ଜଣ ଯୁବକ ଗୁରୁତର ଆହତ ହୋଇଥିଲେ। ଅନ୍ୟପଟେ ଆପ୍ରୋଚ ରାସ୍ତାର ଶେଷ ମୁଣ୍ଡରେ ଅଯଥାରେ ମାଟି, ମୋରମ ରଖାଯାଇଥିବାରୁ ରାସ୍ତାଟି ଆହୁରି ସଂକୀର୍ଣ୍ଣ ହୋଇପଡ଼ିଛି। ହଠାତ ରାସ୍ତାଟି ଟର୍ନିଂ ହେବା ଯୋଗୁ ଚାଳକମାନେ ଜାଣିପାରୁ ନ ଥିବାବେଳେ ରାତିରେ ଅଧିକ ଦୁର୍ଘଟଣା ଘଟୁଛି। ଏଥିପ୍ରତି ଦୃଷ୍ଟି ଦେବାକୁ ପୂର୍ତ୍ତ ବିଭାଗ ନିକଟରେ ଅଞ୍ଚଳବାସୀ ଦାବି କରିଛନ୍ତି। ଦୁର୍ଘଟଣାକୁ ରୋକିବା ପାଇଁ କେତେଜଣ ସାମାଜିକ କର୍ମୀ ସୋମବାର ଉକ୍ତ ସ୍ଥାନରେ ପୋଲିସର ଏକ ଅସ୍ଥାୟୀ ବ୍ୟାରିକେଡ ରଖିଛନ୍ତି।

## କଟକରେ ଭାଜପାର ବିଶାଳ ଶୋଭାଯାତ୍ରା

**କଟକ ଅଫିସ, ୬।୧**

**ସିଏଏ ସମର୍ଥନରେ ସଚେତନତା**

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ଆଳରେ ସୋମବାର ଭାଜପା କଟକରେ ଶକ୍ତି ପ୍ରଦର୍ଶନ କରିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ କଟକ କଲେଜ ଛକରୁ ଏକ ଶୋଭାଯାତ୍ରା ବାହାରି ଖାନ୍‌ନଗରସ୍ଥିତ କାଳୀମନ୍ଦିର ନିକଟରେ ପହଞ୍ଚିଥିଲା। ପରେ ସେଠାରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ, ସିଏଏ ବିରୋଧରେ ପାକିସ୍ତାନ, ଆଇଏସ୍‌ଆଇ ସହିତ କଂଗ୍ରେସ କହୁଛି। ପାକିସ୍ତାନ ଓ ଆଇଏସ୍‌ଆଇକୁ କଷ୍ଟ ହେବା ସ୍ୱାଭାବିକ। କିନ୍ତୁ କଂଗ୍ରେସକୁ କଷ୍ଟ ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଧର୍ମେନ୍ଦ୍ର କଟାକ୍ଷ କରିଥିଲେ। ଶରଣାର୍ଥୀମାନଙ୍କୁ ନାଗରିକତା ଦେବା ପାଇଁ ପୂର୍ବରୁ ଜବାହରଲାଲ ନେହେରୁ, ଇନ୍ଦିରା ଗାନ୍ଧୀ, ରାଜୀବ ଗାନ୍ଧୀ ଓ ମନମୋହନ ସିଂ ମଧ୍ୟ ଉଦ୍ୟମ କରିଥିଲେ। ମାତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥିରେ ସଫଳ ହୋଇଛନ୍ତି। ଏହାକୁ ଦେଶବାସୀ ସମର୍ଥନ କରୁଛନ୍ତି। ଏହି ଆଇନ ୧ କୋଟିରୁ ଊର୍ଦ୍ଧ୍ୱ ଶରଣାର୍ଥୀଙ୍କୁ ଯନ୍ତ୍ରଣାରୁ ମୁକ୍ତି ଦେଇଛି। ଦେଶ ଅପେକ୍ଷା ଭୋଟ୍ ରାଜନୀତିକୁ ଗୁରୁତ୍ୱ ଦେଉଥିବା ଲୋକମାନେ ମୋଦିଙ୍କ ଜନସମର୍ଥନ ଦେଖି ଭୟଭୀତ ହୋଇପଡ଼ିଥିବା ଧର୍ମେନ୍ଦ୍ର କହିଥିଲେ। ତେବେ ଧର୍ମେନ୍ଦ୍ରଙ୍କ ମନ୍ତବ୍ୟକୁ କଂଗ୍ରେସ ପକ୍ଷରୁ କଡ଼ା ସମାଲୋଚନା କରାଯାଇଛି। କଂଗ୍ରେସର ବରିଷ୍ଠ ନେତା ପଞ୍ଚାନନ କାନୁନ୍‌ଗୋ କହିଛନ୍ତି, କଂସଙ୍କୁ ସବୁବେଳେ କୃଷ୍ଣଙ୍କ ଭୟ ଗୋଡାଉଥିଲା। ଏବେ ଠିକ୍ ସେହିଭଳି ଭାଜପାକୁ କଂଗ୍ରେସର ଭୟ ଗୋଡାଇଛି। ଦେଶରେ ବିଭ୍ରାନ୍ତକର ପ୍ରଚାର କରି ବିଷ ମଞ୍ଜି ବୁଣୁଥିବା ଏହି ଦଳର ନେତାମାନଙ୍କ ଅସଲ ଚରିତ୍ର ଲୋକେ ଜାଣିଗଲେଣି। ଏହି ଶୋଭାଯାତ୍ରାରେ ଭାଜପା ରାଜ୍ୟ ସଭା ସଦସ୍ୟ ଅଶ୍ୱିନୀ ବୈଷ୍ଣବ, ଜିଲା ସଭାପତି ପ୍ରକାଶ ବେହେରା, ଦଳର ନେତା ନୟନ କିଶୋର ମହାନ୍ତି, ସମୀର ଦେ, ପୃଥ୍ୱୀରାଜ ହରିଚନ୍ଦନ ପ୍ରମୁଖ ଯୋଗଦେଇଥିଲେ। ଏହି ଶୋଭାଯାତ୍ରା ଯୋଗୁ ସହରରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ସହର ମଧ୍ୟରେ ବାଲିଯାତ୍ରା ପଡ଼ିଆ ଭଳି ଅନେକ ଖୋଲା ଜାଗା ଥିବାବେଳେ ଜନଗହଳିପୂର୍ଣ୍ଣ ରାସ୍ତାରେ ଶୋଭାଯାତ୍ରା ଅନୁମତି ଦେବାକୁ ନେଇ ସାଧାରଣ ଲୋକେ ସମାଲୋଚନା କରିଛନ୍ତି।



ଶୋଭାଯାତ୍ରାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ ନେତୃବୃନ୍ଦ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



ବିଶ୍ୱଜିତ



ଚନ୍ଦନ



ରତିକାନ୍ତ



ମାନସ



ତାରାପ୍ରସାଦ



ଗୋବିନ୍ଦା

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

## ସୋଆ ଶିକ୍ଷାଦାନକୁ କେନ୍ଦ୍ରମନ୍ତ୍ରୀଙ୍କ ପ୍ରଶଂସା

# ଅନୁସନ୍ଧାନ ବିନା ଶିକ୍ଷା ସମ୍ଭବ ନୁହେଁ

**ଭୁବନେଶ୍ୱର, ୬।୧ (ବ୍ୟୁରୋ)**




'ଜୟ ଯବାନ, ଜୟ କିଷାନ' ଥିଲା ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଆହ୍ୱାନ। ଏହା ସହିତ 'ଜୟ ବିଜ୍ଞାନ'କୁ ଯୋଡ଼ିଥିଲେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ। ଏବେ ଏହି ଆହ୍ୱାନ ସହ 'ଜୟ ଅନୁସନ୍ଧାନ'କୁ ଯୋଡ଼ିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଅନୁସନ୍ଧାନ ବିନା ଶିକ୍ଷା ସମ୍ଭବ ନୁହେଁ ବୋଲି କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ଡ. ରମେଶ ପୋଖରିୟାଲ୍ ନିଶାଙ୍କ ମତ ପ୍ରକାଶ କରିଛନ୍ତି।

ସୋମବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଦର୍ଶନରେ ଆସିଥିବା ଡ. ପୋଖରିୟାଲ୍ କହିଛନ୍ତି, ଶିକ୍ଷା କ୍ଷେତ୍ରରେ ଭାରତ ହେଉଛି ସାରା ବିଶ୍ୱର ଗୁରୁ। ଭାରତ ସହ କାହାର ତୁଳନା ନାହିଁ। ନୂଆ ଭାରତ ପାଇଁ ନୂଆ ଶିକ୍ଷା ନୀତିର ଆବଶ୍ୟକତା ରହିଛି। ବିଜ୍ଞାନ ଓ ପ୍ରଯୁକ୍ତି କ୍ଷେତ୍ରରେ ଭାରତ ଖୁବ୍ ଆଗରେ ଅଛି। ସୋଆ ବିଶ୍ୱବିଦ୍ୟାଳୟ ଭଳି ଶିକ୍ଷାନୁଷ୍ଠାନ ସଶକ୍ତ ଭାରତ ଗଠନରେ ସକ୍ରିୟ ଭୂମିକା ନେଇପାରିବ ବୋଲି ସେ କହିଥିଲେ। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ସଭାପତି ପ୍ରଫେସର ଡ. ମନୋଜରଞ୍ଜନ ନାୟକଙ୍କ ଚିନ୍ତାଧାରା ଓ ପରିକଳ୍ପନାର ଶୈଳୀକୁ ସେ ପ୍ରଶଂସା କରିଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଡ. ପୋଖରିୟାଲଙ୍କୁ ସୋଆର ପ୍ରତିଷ୍ଠାତା ଡ. ନାୟକ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ଆର.କେ. ଚୌହାନ୍ ଉପସ୍ଥିତ ଥିଲେ। ଡ. ପୋଖରିୟାଲଙ୍କ ଦ୍ୱାରା ଲିଖିତ କିଛି ବଛା ବଛା ଗଳ୍ପକୁ ନେଇ ସଂକଳିତ 'ସମୟର ଚିତ୍ରଶିଳ୍ପୀ' ଶୀର୍ଷକ ପୁସ୍ତକଟି ଉନ୍ମୋଚିତ ହୋଇଥିଲା। ପରେ କେନ୍ଦ୍ରମନ୍ତ୍ରୀ ଡ. ପୋଖରିୟାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ମଧ୍ୟ ବୁଲି ଦେଖିଥିଲେ। ଏହି ଅବସରରେ ନୂତନ ପିଜି ହଷ୍ଟେଲ୍ ଏବଂ କନଭେନ୍ସନ୍ ସେଣ୍ଟର ଉଦ୍‌ଘାଟିତ ହୋଇଥିଲା।

# ଜେଏନ୍‌ୟୁ ସହ ଆମେ ଅଛୁ

ଦେଶର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) ପରିସରରେ ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କୁ କାଠଫାଳିଆ, ଲୁହାରଡରେ ଆକ୍ରମଣକୁ ନେଇ ଦେଶବ୍ୟାପୀ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏନେଇ ବିଭିନ୍ନ ମହଲରେ କ୍ଷୋଭ ପ୍ରକାଶ ପାଇଛି। ବିଶେଷ କରି ବିଭିନ୍ନ ଛାତ୍ର ସଂଗଠନ ଓ ଛାତ୍ରୀଛାତ୍ରମାନେ କଡ଼ା ନିନ୍ଦା କରିଛନ୍ତି।

## ସୁଧୁରିଯାଅ, ନଚେତ୍ ପରିସ୍ଥିତି ଆହୁରି ଭୟଙ୍କର ହେବ



ଛାତ୍ରମାନଙ୍କ ଉପରେ ଆକ୍ରମଣ ଅର୍ଥ ନିଜ ଗୋଡ଼ରେ ନିଜେ କୁରାଢ଼ି ମାରିବା ଭଳି। ଏସବୁ ପଛରେ କେନ୍ଦ୍ର ସରକାର ଓ ଦିଲ୍ଲୀ ପୋଲିସ ଅଛନ୍ତି। ଛାତ୍ରମାନଙ୍କ ଉପରେ ଆକ୍ରମଣ କରି ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧୀ ଆନ୍ଦୋଳନକୁ ଚପାଇଦେବେ ବୋଲି ଯଦି ସେମାନେ ଭାବୁଛନ୍ତି ତାହା ଦୁର୍ଭାଗ୍ୟଜନକ। ବରଂ ଏହା କରି ସେମାନେ ଆହୁରି ହିଂସାକୁ ପ୍ରଶ୍ରୟ ଦେଉଛନ୍ତି ଓ ଛାତ୍ରୀଛାତ୍ରଙ୍କୁ ଉସ୍‌କାଉଛନ୍ତି। ଏବେ ବି ସମୟ ଅଛି ସୁଧୁରିଯାଅ। ନ ହେଲେ ପରିସ୍ଥିତି ଆହୁରି ଭୟଙ୍କର ହେବ।

**- ସୁଲଗ୍ନା ମହାନ୍ତି, ସେଣ୍ଟ୍ରାଲ ୟୁନିଭର୍ସିଟି ଅଫ୍ ହରିୟାଣା**

## ମୁଁ ନୁହେଁ, ଦେଶର ପ୍ରତ୍ୟେକ ଛାତ୍ରୀଛାତ୍ର ବିରୋଧ କରୁଛନ୍ତି



ଦେଶର ଏକ ଉତ୍ତମ ଭବିଷ୍ୟତ ଗଠନ କରିବାକୁ ଆଜି ଛାତ୍ର ସମାଜ ହିଁ ସ୍ୱର ଉତ୍ତୋଳନ କରିଛି। ନିଜକୁ ବଡ଼ ବଡ଼ ବୁଦ୍ଧିଜୀବୀ ଓ ସେଲିବ୍ରିଟି କହୁଥିବା ଲୋକେ ଆଜି ମୁହଁ ଖୋଲୁନାହାନ୍ତି। ସେଭଳିସ୍ଥଳେ ନିଜ ଜୀବନକୁ ବାଜି ଲଗାଇ ଭାରତର ବିବିଧତା ଓ ଏକତାକୁ ବଜାୟ ରଖିବାକୁ ମୋ ଭଳି ଯୁବପିଢି ଆଗକୁ ଆସିଛନ୍ତି। ସେମାନଙ୍କୁ ସମର୍ଥନ କରିବା ପରିବର୍ତ୍ତେ ଏମିତି ନିଷ୍ଠୁର ଆକ୍ରମଣ କରିବା ଅତ୍ୟନ୍ତ ଲଜ୍ଜାଜନକ। ଏହାକୁ କେବଳ ମୁଁ ନୁହେଁ, ଭାରତବର୍ଷର ପ୍ରତ୍ୟେକ ଛାତ୍ରୀଛାତ୍ର ବିରୋଧ କରୁଛନ୍ତି। ଜେଏନ୍‌ୟୁ ସହ ଆମେ ଅଛୁ ଓ ରହିବୁ।

**- ମୋନିକା ନାୟକ, କମ୍ପ୍ୟୁଟର ସାଇନ୍ସ ଛାତ୍ରୀ, ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟ, ଜୟପୁର**

## ଏକ ଯୋଜନାବଦ୍ଧ ଆକ୍ରମଣ



ଏହା ଏକ ଯୋଜନାବଦ୍ଧ ଆକ୍ରମଣ। ଆକ୍ରମଣ କରିବା ପୂର୍ବରୁ କ୍ୟାମ୍ପସ୍‌ରେ ଲାଇଟ୍ ବନ୍ଦ କରିଦେବା, ଗେଟ୍‌ରେ ତାଲା ପକାଇଦେବା, ହଷ୍ଟେଲରେ ପଶି ପିଲାମାନଙ୍କୁ ଅମାନୁଷିକ ଭାବେ ପିଟିବା ବିନା ପଲିଟିକାଲ ବ୍ୟାକ୍‌ଅପ୍‌ରେ ସମ୍ଭବ ନୁହେଁ। ଏହା ପଛରେ ଏକ ବଡ଼ ଷଡ଼ଯନ୍ତ୍ର ଲୁଚିରହିଛି। ଯେଉଁମାନେ ବି ଏହା କରିଛନ୍ତି ସେମାନେ ମଣିଷ ନୁହନ୍ତି। ଲୁହା ରଡ୍ ଧରି ଆଖି ବନ୍ଦକରି ମାରିବା କେବେ ଜଣେ ମଣିଷର କାମ ନୁହେଁ। ତୁରନ୍ତ ଏହା ପଛରେ ଥିବା ଲୋକଙ୍କୁ ଖୋଜି ଦଣ୍ଡ ଦିଆଯାଉ।

**- ତପନ କୁମାର ବିଶ୍ୱାଳ, ସେଣ୍ଟ୍ରାଲ ୟୁନିଭର୍ସିଟି ଅଫ୍ ଓଡ଼ିଶା, କୋରାପୁଟ**

## ଆଜି ଜେଏନ୍‌ୟୁ, କାଲି ଆମେ



ଆଜି ଜେଏନ୍‌ୟୁରେ ପଶି ବାଡ଼େଇଛନ୍ତି। କାଲି ଆମକୁ ବି ଆକ୍ରମଣ ନ କରିବେ ବୋଲି କ'ଣ ମାନେ ଅଛି। ଧୀରେ ଧୀରେ ଛାତ୍ର ଆନ୍ଦୋଳନ ଆହୁରି ବ୍ୟାପକ ହେବ। ଯେବେ ଆମେ ମୁହଁ ଖୋଲିବୁ ସେବେ ଆମକୁ ସମ୍ଭାଳିବା କଷ୍ଟକର ହୋଇପଡ଼ିବ। ଏକଥା ସରକାର ବି ଜାଣିଛନ୍ତି। ଦେଶର ଅର୍ଥନୀତି ଏପଟେ ବୁଡ଼ିଗଲାଣି। ହେଲେ ଲୋକ ଅନ୍ଧ ହୋଇ ସିଏଏ, ଏନ୍‌ଆର୍‌ସିକୁ ସମର୍ଥନ କରୁଛନ୍ତି। ଜେଏନ୍‌ୟୁ ଛାତ୍ରୀଛାତ୍ରଙ୍କ ଉପରେ ଆକ୍ରମଣ ଘଟଣାକୁ ଆମେ ନିନ୍ଦା କରୁଛୁ ଓ ଆମେ ସମସ୍ତେ ଜେଏନ୍‌ୟୁ ସହ ଅଛୁ।

**- ଶୁଭ୍ରା ପ୍ରିୟଦର୍ଶିନୀ, ଛାତ୍ରୀ, ମହର୍ଷି କଲେଜ, ଭୁବନେଶ୍ୱର**

## ଭବିଷ୍ୟତରେ ଏଭଳି ନ ହେଉ



ଜେଏନ୍‌ୟୁ ପରିସରରେ ଛାତ୍ରୀଛାତ୍ରଙ୍କ ଉପରେ ହୋଇଥିବା ଆକ୍ରମଣ ଅତ୍ୟନ୍ତ ନିନ୍ଦନୀୟ। ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ। ଯେଉଁମାନେ ଏଭଳି କାର୍ଯ୍ୟରେ ସଂଶ୍ଳିଷ୍ଟ ସେମାନଙ୍କୁ ତୁରନ୍ତ ଗିରଫ କରାଯିବା ସହିତ ଭବିଷ୍ୟତରେ କିଭଳି ବିଶ୍ୱବିଦ୍ୟାଳୟଗୁଡିକରେ ଏଭଳି ଘଟଣା ନ ଘଟିବ ସେନେଇ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ।

**- ସାଇ ନାରାୟଣ ବେହେରା, ରାଜ୍ୟ ସାଧାରଣ ସମ୍ପାଦକ, ଓଡ଼ିଶା ଡିଗ୍ରୀ ଇଞ୍ଜିନିୟରିଂ ଛାତ୍ରସଂଘ**

## ଛାତ୍ରୀଛାତ୍ରଙ୍କୁ ନ୍ୟାୟ ମିଳୁ



ଜେଏନ୍‌ୟୁ ଛାତ୍ରୀଛାତ୍ରମାନଙ୍କ ଉପରେ ହୋଇଥିବା ଆକ୍ରମଣକୁ ମୁଁ ଦୃଢ ଭାବେ ନିନ୍ଦା କରୁଛି। ଆକ୍ରମଣର ଶିକାର ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ ଉଚିତ ନ୍ୟାୟ ମିଳିବା ଦରକାର। ଆଗାମୀ ଦିନରେ ଏଭଳି ନିନ୍ଦନୀୟ ଘଟଣାର ଯେମିତି ପୁନରାବୃତ୍ତି ନ ହୁଏ ସେଥିଲାଗି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି କରୁଛୁ।

**- ଜ୍ୟୋତି ରଞ୍ଜନ ଶତପଥୀ, ସଭାପତି, ଓଡିଶା ବିପିୟୁଟି ଛାତ୍ରସଂଘ**

## ନିନ୍ଦା କରିବାକୁ ଶବ୍ଦ ନାହିଁ



ଏଭଳି ବର୍ବର ଆକ୍ରମଣକୁ ନିନ୍ଦା କରିବା ପାଇଁ ଶବ୍ଦ ନାହିଁ। ଫି ବୃଦ୍ଧି ପ୍ରସଙ୍ଗକୁ ଏଡ଼ାଇବା ପାଇଁ ଜେଏନ୍‌ୟୁ ପ୍ରଶାସନ ଓ ଏବିଭିପିର ଏହା ମିଳିତ ଉଦ୍ୟମ। ଏହି ଘଟଣା ପଛର ମୁଖ୍ୟ କାର୍ପଟଦାର ଏକଚ୍ଛତ୍ରବାଦ ଓ ଅଗଣତାନ୍ତ୍ରିକ ସରକାର ବିରୋଧରେ ସମସ୍ତେ ଏକତ୍ରିତ ହେବାକୁ ଆହ୍ୱାନ କରୁଛି।

**- ଶିବାଶିଷ ପ୍ରହରାଜ, ଏଆଇଡିଏସ୍‌ଓ**

## ଛାତ୍ର ଅଧିକାରର ହତ୍ୟା



ଜେଏନ୍‌ୟୁରେ ଏହି ହିଂସାତ୍ମକ ଆକ୍ରମଣ ହେଉଛି ସମ୍ପୂର୍ଣ୍ଣ ରୂପେ ଛାତ୍ର ଅଧିକାରର ହତ୍ୟା। ଇତିହାସରେ ଯାହା କେବେ ହୋଇ ନ ଥିଲା, ଏବିଭିପି ତାହା କରିଛି। ଛାତ୍ର ସଂସଦ ସଭାପତିଙ୍କ ଉପରେ ଆକ୍ରମଣ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। କିଛି ଗୁଣ୍ଡାଙ୍କ ଜରିଆରେ ଏବିଭିପି ନିରୀହ ଛାତ୍ରୀଛାତ୍ରଙ୍କ ରକ୍ତରେ ରାଜନୀତି କରୁଛି। ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କୁ ସମାଲୋଚନାରୁ ଦୂରେଇବା ପାଇଁ ଏବିଭିପି ଏହି ବର୍ବରକାଣ୍ଡ ଭିଆଇଛି।

**-ଅରୋ ପ୍ରସାଦ ମିଶ୍ର, ଏନ୍‌ଏସ୍‌ୟୁଆଇ**

## ଏବିଭିପିକୁ ବଦନାମ ପାଇଁ ମିଛ ପ୍ରଚାର



ଜେଏନ୍‌ୟୁରେ ସାଧାରଣ ଛାତ୍ରୀଛାତ୍ର ଓ ଏବିଭିପି କର୍ମକର୍ତ୍ତାଙ୍କୁ କମ୍ୟୁନିଷ୍ଟମାନେ ଯେଉଁଭଳି ଭାବେ ଆକ୍ରମଣ କରିଛନ୍ତି ତାହା ଅତ୍ୟନ୍ତ ନିନ୍ଦନୀୟ। ଏଭଳି ଘଟଣାକୁ ଯେତେ କଡ଼ା ଭାଷାରେ ନିନ୍ଦା କଲେ ବି ତାହା କମ୍ ହେବ। ଏଭଳି କାଣ୍ଡ ଘଟାଇଥିବା ଦୁର୍ବୃତ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଏବିଭିପିକୁ ବଦନାମ୍ କରିବା ପାଇଁ କମ୍ୟୁନିଷ୍ଟ ଛାତ୍ରମାନେ ସୋସିଆଲ ମିଡିଆରେ ମିଛ ପ୍ରଚାର କରୁଛନ୍ତି।

**- ଶଶିକାନ୍ତ ମିଶ୍ର, ଏବିଭିପି**

## ସମ୍ବିଧାନ ସୁରକ୍ଷା ଆନ୍ଦୋଳନକୁ ଚପାଇ ପାରିବେନି



ଯେଉଁମାନଙ୍କ ନିକଟରେ ତର୍କ କରିବା ପାଇଁ ସାମର୍ଥ୍ୟ ନ ଥାଏ ସେମାନେ ହିଂସାର ବାଟ ଆପଣାଇଥାନ୍ତି। ନାଗରିକତ୍ୱ ସଂଶୋଧନ ଆଇନ ବିରୋଧୀଙ୍କୁ ଉଚିତ୍ ଶିକ୍ଷା ଦେବାକୁ ଅମିତ ଶାହାଙ୍କ ଆହ୍ୱାନର ଏହା ହେଉଛି ଫଳ। ପ୍ରଥମେ ଜାମିଆରେ ୟୁନିଫର୍ମରେ ଓ ଏବେ ଜେଏନ୍‌ୟୁରେ ମୁଖାପିନ୍ଧା ଆକ୍ରମଣ କରାଯାଇଛି। ସମ୍ବିଧାନ ସୁରକ୍ଷା ପାଇଁ ଦେଶ ସାରା ହେଉଥିବା ଆନ୍ଦୋଳନକୁ ହିଂସା ମାଧମରେ ସରକାର ଚପାଇ ପାରିବେନି।

**- ସଂଘମିତ୍ରା ଜେନା, ଏଆଇଏସ୍‌ଏଫ୍**

## ଗଭୀର ଆଘାତ ଦେଇଛି



ଜେଏନ୍‌ୟୁ ପରିସରରେ ଛାତ୍ରୀଛାତ୍ରଙ୍କ ଉପରେ ହୋଇଥିବା ଆକ୍ରମଣ ଅତ୍ୟନ୍ତ ନିନ୍ଦନୀୟ। ଯେଉଁଠାରେ ପିଲାଙ୍କ ଭବିଷ୍ୟତ ଗଢ଼ାଯାଉଛି ସେଠାରେ ଏଭଳି ହିଂସା ଲଜ୍ଜାଜନକ। ଏହି ହିଂସା ସମଗ୍ର ଛାତ୍ର ସମାଜକୁ ଗଭୀର ଆଘାତ ଦେଇଛି। ଏଭଳି ଘଟଣାର ପୁନରାବୃତ୍ତି ନ ହେଉ ସେଥିପାଇଁ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ।

**- ପାର୍ଥସାରଥି ମୁଦୁଲି, ବିଜୁ ଛାତ୍ର ଜନତା ଦଳ**

## ଛାତ୍ରୀମାନେ ସମ୍ପୂର୍ଣ୍ଣ ଅସୁରକ୍ଷିତ



ବର୍ତ୍ତମାନ ପରିସ୍ଥିତିରେ ଜେଏନ୍‌ୟୁ କ୍ୟାମ୍ପସ ଅସୁରକ୍ଷିତ। ବିଶ୍ୱବିଦ୍ୟାଳୟର ସୁରକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଉନାହିଁ। ଯେଉଁ ସୁରକ୍ଷାକର୍ମୀମାନେ ଅଛନ୍ତି ସେମାନେ ଠିକ୍ ଭାବେ କାର୍ଯ୍ୟ କରୁନାହାନ୍ତି। ଯେଉଁଭଳି ଭାବରେ ଛାତ୍ରୀଛାତ୍ରଙ୍କ ଉପରେ ଆକ୍ରମଣ କରାଗଲା ତାହା ଅତି ନିନ୍ଦନୀୟ। ଛାତ୍ରୀମାନେ ସମ୍ପୂର୍ଣ୍ଣ ଭାବେ ଅସୁରକ୍ଷିତ। ସେମାନେ ପାଠ ପଢ଼ିବେ ନା ଜୀବନ ବଞ୍ଚାଇବେ ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ଘଟଣା ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତାବରଣକୁ ନଷ୍ଟ କରୁଛି।

**- ଅବନ୍ତିକା ମିଶ୍ର, ଛାତ୍ରୀ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, କଟକ**

## ଛାତ୍ର ଏକତା ଉପରେ ପ୍ରଶ୍ନବାଚୀ



ଛାତ୍ରୀଛାତ୍ରଙ୍କୁ ଆକ୍ରମଣକୁ ମୁଁ ବିରୋଧ କରୁଛି। କୌଣସି ବ୍ୟକ୍ତି ବିଶ୍ୱବିଦ୍ୟାଳୟ ପରିସରରେ ପ୍ରବେଶ କରି ଛାତ୍ରୀଛାତ୍ରଙ୍କୁ ଆକ୍ରମଣ କରିବା ଦୁର୍ଭାଗ୍ୟଜନକ। ଏହି ଘଟଣାକୁ ନେଇ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟରେ ଛାତ୍ର ଏକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଫଳରେ ଏଭଳି ଘଟଣା ଘଟୁଛି। ତେଣୁ ଛାତ୍ର ସମାଜ ସଙ୍ଗଠିତ ହୋଇ ବିଶ୍ୱବିଦ୍ୟାଳୟରେ ଶାନ୍ତି ଫେରାଇ ଆଣିବାକୁ ଚେଷ୍ଟା କରିବା ଆବଶ୍ୟକ।

**- ଦୀପ୍ତିମୟୀ ପ୍ରଧାନ, ଛାତ୍ରୀ, ଜେକେବିକେ ମହାବିଦ୍ୟାଳୟ, କଟକ**

## ଘଟଣା ଅତ୍ୟନ୍ତ ଦୁଃଖଦାୟକ



ଜେଏନ୍‌ୟୁରେ ଘଟିଥିବା ଘଟଣା ଅତ୍ୟନ୍ତ ଦୁଃଖଦାୟକ। ଛାତ୍ରୀଛାତ୍ରମାନେ ଶାନ୍ତିପୂର୍ଣ୍ଣ ଭାବେ ଫି' ବୃଦ୍ଧି ବିରୋଧରେ ପ୍ରତିବାଦ କରୁଥିବାବେଳେ ସେମାନଙ୍କ ସହ ଏଭଳି ଅମାନୁଷିକ ବ୍ୟବହାର କେବେ ଗ୍ରହଣୀୟ ନୁହେଁ। ଏଭଳି ଘଟଣା ମାନବିକ ଅଧିକାରକୁ କ୍ଷୁଣ୍ଣ କରୁଛି। ଛାତ୍ରୀଛାତ୍ରଙ୍କ ଉପରେ ଏଭଳି ଆକ୍ରମଣ ହେଉଥିବାବେଳେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ଭାରତର ଏଭଳି ଏକ ବଡ଼ ବିଶ୍ୱବିଦ୍ୟାଳୟରେ ଏପରି ଘଟଣା ଯଦି ଘଟୁଛି ତେବେ ଅନ୍ୟ ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀଛାତ୍ରମାନେ କିପରି ସୁରକ୍ଷିତ ବୋଲି କହିପାରିବା।

**- ବିଷ୍ଣୁପ୍ରିୟା ବେହେରା, ଛାତ୍ରୀ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, କଟକ**

## ପ୍ରତିଭା ସୃଷ୍ଟି କାରଖାନାର ଭବିଷ୍ୟତ ଅନ୍ଧାର



ଜେଏନ୍‌ୟୁରୁ ଅନେକ ପ୍ରତିଭା ଦେଶ ବିଦେଶରେ ନାଁ କମାଇଛନ୍ତି। ଯଦି ଏଠାରେ ଶୈକ୍ଷିକ ବାତାବରଣ ସୃଷ୍ଟି ହେବା ପରିବର୍ତ୍ତେ ବିଶୃଙ୍ଖଳିତ ଓ ହିଂସାତ୍ମକ ଘଟଣା ଘଟିବ, ତେବେ ଆଗାମୀ ଦିନରେ ଦେଶ ଭବିଷ୍ୟତ ପ୍ରତିଭା ସୃଷ୍ଟି କରିବାର ଏକ କାରଖାନାକୁ ହରାଇବ।

**- ଅର୍ଚ୍ଚନା ବେହେରା, ଛାତ୍ରୀ, ଜେକେବିକେ ମହାବିଦ୍ୟାଳୟ, କଟକ**

## ପାଠପଢ଼ା ସହିତ ରାଜନୀତିକୁ ଯୋଡ଼ା ନ ଯାଉ



ପାଠପଢ଼ା ସହିତ ରାଜନୀତିକୁ ଯୋଡ଼ା ନ ଯାଉ। ପାଠପଢ଼ାଠାରୁ ରାଜନୀତିକୁ ଅଲଗା କରାଯିବା ଦରକାର। ଛାତ୍ର ସଂସଦ ନିର୍ବାଚନ ସମୟରେ ପାଠପଢ଼ାକୁ ଯଦି ଗୁରୁତ୍ୱ ଦିଆଯାଆନ୍ତା ତେବେ ଜେଏନ୍‌ୟୁରେ ବାରମ୍ବାର ଅଶାନ୍ତ ହୁଅନ୍ତା ନାହିଁ।

**- ଜ୍ୟୋତିଶ୍ରୀ ବେହେରା, ଖ୍ରୀଷ୍ଟ ମହାବିଦ୍ୟାଳୟ ଛାତ୍ରୀ, କଟକ**

# ତେଜିଲା ଅସନ୍ତୋଷ

- ଭୁବନେଶ୍ୱରରେ ଏକାଧିକ ଛାତ୍ର ସଂଗଠନର ବିକ୍ଷୋଭ
- ମାଷ୍ଟରକ୍ୟାଣ୍ଟିନରେ ବୁଦ୍ଧିଜୀବୀ, ବାମପନ୍ଥୀ ନେତାଙ୍କ କ୍ଷୋଭ

ଭୁବନେଶ୍ୱର, ୬।୧ (ବ୍ୟୁରୋ)

ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ରେ ରବିବାର ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କ ଉପରେ ହୋଇଥିବା ଆକ୍ରମଣକୁ ଦେଶବ୍ୟାପୀ ନିନ୍ଦା କରାଯାଇଛି। ବିଭିନ୍ନ ସଂଗଠନ ପକ୍ଷରୁ ସୋମବାର ଦୃଢ଼ ପ୍ରତିବାଦ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଓଡ଼ିଶାରେ ରାଜଧାନୀ ଭୁବନେଶ୍ୱର ସମେତ କଟକ, ପୁରୀ ଓ ଅନ୍ୟ ସହରଗୁଡ଼ିକରେ ବିଭିନ୍ନ ଛାତ୍ର ସଂଗଠନ, ରାଜନୈତିକ ଦଳ, ସାମାଜିକ ସଂଗଠନ ପକ୍ଷରୁ ରାଲି, ଧାରଣା ଓ ବିକ୍ଷୋଭ କରାଯାଇଥିଲା।

ସୋମବାର ସକାଳେ ସିପିଆଇ, ସିପିଆଇ ଏମ୍‌ଏଲ୍, ଫରୱାର୍ଡ ବ୍ଲକ, ଏଆଇଏସ୍‌ବି, ଏଆଇଏସ୍‌ଏଫ୍‌ଙ୍କ ସମେତ କେତେକ ବାମପନ୍ଥୀ ଦଳ ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ପ୍ରତିବାଦ କରାଯାଇଛି। କେନ୍ଦ୍ର ସରକାର ଦେଶରେ ଏକ ଅରାଜକତା ସୃଷ୍ଟି କରୁଛନ୍ତି। ଜେଏନ୍‌ୟୁରେ ହୋଇଥିବା ଆକ୍ରମଣରେ ଏବିଭିପିର ଛାତ୍ରମାନେ ସାମିଲ ଥିବା ବେଳେ ସେମାନଙ୍କୁ ସରକାର ଘଣ୍ଟ ଘୋଡ଼ାଉଛନ୍ତି ବୋଲି ବାମପନ୍ଥୀ ନେତାମାନେ ଅଭିଯୋଗ କରିଛନ୍ତି। ସରକାରୀ ପ୍ରାୟୋଜିତ ଦମନ ବନ୍ଦ କରି ଜେଏନ୍‌ୟୁ ଛାତ୍ରୀଛାତ୍ରମାନଙ୍କ ସହିତ ଆଲୋଚନା ଜରିଆରେ ସମସ୍ୟାର ସମାଧାନ କରିବା ପାଇଁ ଦାବି କରାଯାଇଛି। ଏହି ପ୍ରତିବାଦ ସଭାରେ ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ସୁରେଶ ପାଣିଗ୍ରାହୀ, ସିପିଆଇ (ଏମ୍)ର ବରିଷ୍ଠ ନେତା ଜନାର୍ଦ୍ଦନ ପତି ଓ ଅନ୍ୟ ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ।

ସେହିପରି ଏଭଳି ଆକ୍ରମଣକୁ ନିନ୍ଦା କରି ରମାଦେବୀ ବିଶ୍ୱବିଦ୍ୟାଳୟ ଆଗରେ 'ଅଲ୍ ଇଣ୍ଡିଆ ଡିଏସ୍‌ଓ'ର ଛାତ୍ରୀମାନେ ବିକ୍ଷୋଭ କରିଥିଲେ। ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରିବା ପାଇଁ ସେମାନେ ଦାବି କରିଥିଲେ। ଏପରି କି କେନ୍ଦ୍ର ସରକାରଙ୍କ ପ୍ରରୋଚନାରେ ଏଭଳି ଆକ୍ରମଣ କରାଯାଇଥିବା ଏଆଇଡିଏସ୍‌ଓ ଅଭିଯୋଗ କରିଛି। ସରକାର ଶିକ୍ଷାନୁଷ୍ଠାନକୁ ଘରୋଇକରଣ କରି ବିକ୍ରି କରି ଦେବା ପାଇଁ ଯୋଜନା କରିଥିବା ଛାତ୍ରୀ ସପ୍ତସିନୀ ରାହୁଳ କହିଛନ୍ତି। ଛାତ୍ର ବାଲାଜୀ କୁମାର ପାତ୍ର କହିଛନ୍ତି, ଏହି ଆକ୍ରମଣ ପଛରେ ଏବିଭିପିର ଛାତ୍ରମାନେ ସାମିଲ ରହିଛନ୍ତି। କେନ୍ଦ୍ର ସରକାର ଚାହୁଁଛନ୍ତି ଦେଶର ସମସ୍ତ ଶିକ୍ଷାନୁଷ୍ଠାନକୁ ଏବିଭିପି ଦ୍ୱାରା ନିଜ ଆୟତ୍ତରେ ରଖିବେ। ତେଣୁ ଏଭଳି ଆକ୍ରମଣ ପୂରା ନିନ୍ଦନୀୟ। ସରକାର ରାଜନୀତିକରଣ ନ କରି ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରନ୍ତୁ ବୋଲି ସେ କହିଛନ୍ତି। ବିଜୁ ଛାତ୍ର ଜନତା ଦଳର ଛାତ୍ରୀମାନେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଆଗରେ ଜେଏନ୍‌ୟୁ ଆକ୍ରମଣ ଘଟଣାର ପ୍ରତିବାଦରେ ବିକ୍ଷୋଭ କରିଥିଲେ। ସୁରକ୍ଷିତ କ୍ୟାମ୍ପସ୍ ଓ ଛାତ୍ରୀଙ୍କୁ ସୁରକ୍ଷା ଦେବା ପାଇଁ ସେମାନେ ଦାବି କରିଥିଲେ। ଛାତ୍ରୀମାନେ ମୁଣ୍ଡରେ ରକ୍ତଭିଜା କପଡା ବାନ୍ଧି ପ୍ରତିବାଦ କରୁଥିବା ଦେଖିବାକୁ ମିଳିଥିଲା। ସେହିଭଳି ଆକ୍ରମଣ




ଜେନ୍‌ୟୁ ଆକ୍ରମଣ ପ୍ରତିବାଦରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏଆଇଡିଏସ୍‌ଓ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

ବିରୋଧରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ବିଜୁ ଛାତ୍ର ଜନତା ଦଳର ଛାତ୍ରୀଛାତ୍ର ପ୍ରତିବାଦ କରିଥିଲେ। ଏଥିରେ ବିଶ୍ୱବିଦ୍ୟାଳୟ ଶିକ୍ଷକଙ୍କ ସମେତ ବାମପନ୍ଥୀ ଦଳର ଛାତ୍ରୀଛାତ୍ର, ନେତା ଏବଂ କର୍ମୀମାନେ ସାମିଲ ହୋଇଥିଲେ। ଅନ୍ୟପକ୍ଷରେ ଏଭଳି ଆକ୍ରମଣକୁ ବିରୋଧ କରି ଏବିଭିପି ପକ୍ଷରୁ ଉତ୍କଳ ବିଶ୍ୱବିଦ୍ୟାଳୟ ଆଗରେ ବିକ୍ଷୋଭ କରାଯାଇଛି। ଏନେଇ ଏବିଭିପି ପକ୍ଷରୁ କୁହାଯାଇଛି ଯେ, ଏହି ଆକ୍ରମଣ ପଛରେ ବାମଦଳର ଛାତ୍ରମାନେ ସାମିଲ ରହିଛନ୍ତି। ସେମାନେ ଖସିଯିବା ପାଇଁ ଏବିଭିପି ଉପରେ ଦୋଷ ଲଦୁଛନ୍ତି। ସେହିପରି ସନ୍ଧ୍ୟାରେ ମାଷ୍ଟରକ୍ୟାଣ୍ଟିନ ଛକରେ ଓଡ଼ିଶା ଷ୍ଟାଣ୍ଡସ୍ ୱିଥ୍ ଜେଏନ୍‌ୟୁ ସଂଗଠନ ଏବଂ ଓଡ଼ିଶା ବିପିୟୁଟି ଡିପ୍ଲୋମା ସଂଘ ପକ୍ଷରୁ ପ୍ରତିବାଦ ଓ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ବିଜେବି କଲେଜ ଆଗରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା ମାଧ୍ୟମରେ ପ୍ରତିବାଦ କରାଯାଇଥିଲା।

**ଅନ୍ୟ ଖବର**

## ମୈଥାନ ଇସ୍ପାତର ୨ ଅଧିକାରୀ ଗିରଫ, ଜେଲ ଗଲେ

୨୩ କୋଟିର ଜିଏସ୍‌ଟି ଠକେଇ

ଭୁବନେଶ୍ୱର, ୬।୧ (ବ୍ୟୁରୋ)

ଯାଜପୁର କଳିଙ୍ଗ ନଗରରେ ଥିବା ମେସ୍କୋ ଗ୍ରୁପ୍‌ର ମୈଥାନ ଇସ୍ପାତ ଲିମିଟେଡ୍‌ର ୨୩ କୋଟି ଜିଏସ୍‌ଟି ଠକେଇ ଘଟଣାରେ କମ୍ପାନୀର ଦୁଇ ଅଧିକାରୀଙ୍କୁ ଜିଏସ୍‌ଟି ଗୋଇନ୍ଦା ନିର୍ଦ୍ଦେଶାଳୟ ଗିରଫ କରିଛି। ସେମାନେ ହେଲେ କମ୍ପାନୀର ଜେନେରାଲ ମ୍ୟାନେଜର (ଫାଇନାନ୍ସ) ମାନସ ରଞ୍ଜନ ପହି ଓ ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର (ଟ୍ୟାକ୍ସେଶନ) ସୁରେନ୍ଦ୍ର ପାତ୍ର। ଗିରଫ ପରେ ଉଭୟଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ସୋମବାର ୧୪ ଦିନିଆ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

ଜିଏସ୍‌ଟି ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁସାରେ, କଳିଙ୍ଗନଗର ମୈଥାନ ଇସ୍ପାତ ଲିମିଟେଡ୍ ପକ୍ଷରୁ ୨୦୧୮ ଏପ୍ରିଲରୁ ନଭେମ୍ବର ମଧ୍ୟରେ ଜିଏସ୍‌ଟି ପୈଠ କରାଯାଇ ନ ଥିବା ସୂଚନା ମିଳିଥିଲା। ଏନେଇ ଜିଏସ୍‌ଟି ଅଧିକାରୀମାନେ କମ୍ପାନୀରେ ଚଢାଉ କରି ଯାଞ୍ଚ କରିବା ସହ କିଛି କାଗଜପତ୍ର ଜବତ କରିଥିଲେ। କମ୍ପାନୀ ପକ୍ଷରୁ ଏହି ସମୟରେ ୨୩ କୋଟି ଟଙ୍କାର ଆଇଟିସି ଜିଏସ୍‌ଟି ପୈଠ କରାଯାଇଥିବା କାଗଜପତ୍ର ହୋଇଥିଲେ ମଧ୍ୟ ପ୍ରକୃତରେ ତାହା ଜିଏସ୍‌ଟି ବିଭାଗରେ ଦାଖଲ କରାଯାଇ ନ ଥିବା ଜଣାପଡିଥିଲା। ଏପରି ଠକେଇରେ କମ୍ପାନୀର ଦୁଇ ଅଧିକାରୀ ମାନସ ଓ ସୁରେନ୍ଦ୍ରଙ୍କର ସମ୍ପୃକ୍ତି ଥିବା ଜଣାପଡିଥିଲା। ଜିଏସ୍‌ଟି ଦାଖଲ କରାଯାଉଥିବା ନେଇ ଜାଲ୍ କାଗଜପତ୍ର ପ୍ରସ୍ତୁତ କରିଥିଲେ। ଏହାପରେ ଉଭୟଙ୍କ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଆରମ୍ଭ ହୋଇଥିଲା। ଭୁବନେଶ୍ୱରରୁ ସୁରେନ୍ଦ୍ରଙ୍କୁ ଗିରଫ କରାଯାଇ ଏସ୍‌ଡିଜେଏମ୍ କୋର୍ଟରେ ଓ ମାନସଙ୍କୁ କଲିକତାରୁ ଗିରଫ ପରେ ସେଠାକାର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯାଇଥିଲା।




ଗିରଫ ଦୁଇ ଅଭିଯୁକ୍ତ

## ମାଲେସିଆରେ ଓଡ଼ିଆ ଝିଅଙ୍କ ସଫଳତା

ପୁରୁଣା ଭୁବନେଶ୍ୱର, ୬।୧ (ଡି.ଏନ୍.ଏ.)



ମାଲେସିଆରେ ଅନୁଷ୍ଠିତ ମିସ ଲିଟିଲ କୁଇନ ୟୁନିଭର୍ସ-୨୦୨୦ରେ ଓଡ଼ିଶା ଝିଅ ସ୍ନେହଶ୍ରୀ ସାହୁ ଭାଗ ନେଇ ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତାରେ ମିସ ଲିଟିଲ କୁଇନ ଅଫ ଦ ରାମ୍ପ ଇଣ୍ଟରନେଶନାଲ ଗ୍ଲୋବାଲ ଉଇନର ୨୦୨୦, ଗ୍ଲୋବାଲ ଆଇକନ ୨୦୨୦, ବେଷ୍ଟ ଇନ ନ୍ୟାଶନାଲ କଷ୍ଟ୍ୟୁମ ଲିଟିଲ କୁଇନ ଅଫ ଦ ର୍‍ୟାମ୍ପ ଇଣ୍ଟରନେଶନାଲ ୨୦୨୦ରେ ବିଜୟୀ ହୋଇ ଦେଶ ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି।



ମୁଁ ଧୀରେ ଧୀରେ ଚାଲେ, କିନ୍ତୁ ମୋର ଗତି କେବେହେଲେ ପଛ ଆଡ଼କୁ ନୁହେଁ। -ଆବ୍ରାହମ୍ ଲିଙ୍କନ



## ସଂକ୍ଷେପରେ

### ଶୀତ ପ୍ରକୋପରୁ ପର୍ଯ୍ୟଟକଙ୍କ ମୃତ୍ୟୁ

ଗୋପ,୬ା୧(ଡି.ଏନ.ଏ.)- ଉପକୂଳବର୍ତ୍ତୀ ଅଞ୍ଚଳରେ ଶୀତର ପ୍ରକୋପ ଜାରି ରହିଛି। ତେବେ ଶୀତ ସହି ନ ପାରି ସୋମବାର ଭୋର ସମୟରେ ବୁଲିବାକୁ ଆସିଥିବା ଜଣେ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ମଧ୍ୟପ୍ରଦେଶର ଛତ୍ରପୁର ଜିଲା ଗୁଲଗା ଅଞ୍ଚଳର ରାମ କୃପାଲ ଅଗସ୍ତି(୭୦)। ସୂଚନାଯୋଗ୍ୟ, ମଧ୍ୟପ୍ରଦେଶର ଗୁଲଗା ଅଞ୍ଚଳରୁ ୪୦ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଏକ ବସ୍ ଯୋଗେ ପୁରୀ, କୋଣାର୍କ ବୁଲି ଆସୁଥିଲେ। ସୋମବାର ଭୋର ସମୟରେ ପର୍ଯ୍ୟଟକ ଗାଡ଼ିଟି କୋଣାର୍କ ବୁଲି ଯାଉଥିବାବେଳେ ଗୋପ ନିକଟରେ ପ୍ରବଳ ଶୀତ ଯୋଗୁ ହଠାତ୍ ରାମଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିଥିଲା। ତୁରନ୍ତ ତାଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଗୋପ ଥାନା ପୋଲିସ ପହଞ୍ଚି ପର୍ଯ୍ୟଟକଙ୍କ ମୃତଦେହ ଜବତ କରିବା ସହ ଥାନା ଅପମୃତ୍ୟୁ ମାମଲା ନଂ. ୧/୨୦୨୦ ରୁଜୁ କରି ତଦନ୍ତ କରୁଛି। ଏ ସମ୍ପର୍କରେ ଡା. ଶିବପ୍ରସାଦ ମଙ୍ଗରାଜଙ୍କୁ ପଚାରିବାରେ ପର୍ଯ୍ୟଟକ ଜଣକ ବୃଦ୍ଧ ହୋଇଥିବାରୁ ଅଧିକ ଶୀତ ସହି ନ ପାରି ମୃତ୍ୟୁ ହୋଇଥିବା କହିଛନ୍ତି।

### ୨୨ ଗ୍ରାମ ବ୍ରାଉନସୁଗାର ଜବତ: ପୂର୍ବତନ ସେନା କର୍ମଚାରୀ ଗିରଫ

ସାକ୍ଷୀଗୋପାଳ (ଡି.ଏନ୍.ଏ)/ ପୁରୀ ଅଫିସ, ୬ା୧: ସତ୍ୟବାଦୀ ଅଞ୍ଚଳରେ ନିଶା କାରବାର ବଢ଼ିଚାଲିଛି। ସତ୍ୟବାଦୀ ଥାନା ଅଧୀନ ନହଳା ଛକରୁ ସୋମବାର ଅବକାରୀ ବିଭାଗ ପକ୍ଷରୁ ଜଣେ ବ୍ରାଉନସୁଗାର ବ୍ୟବସାୟୀଙ୍କୁ



ଗିରଫ କରିଛି। ସେ ହେଲେ ନହଳା ଗ୍ରାମର ପୂର୍ବତନ ସେନା କର୍ମଚାରୀ ଅବିନାଶ ବିଶ୍ୱାଳ। ଅବିନାଶ ଦୀର୍ଘ ଦିନ ହେଲା ଏଠାରେ ଏହି କାରବାର କରି ଆସୁଥିଲେ। କୌଣସି ସୂତ୍ରରୁ ଖବର ପାଇ ଅବକାରୀ କର୍ମଚାରୀ ଗ୍ରାହକ ସାଜି ନହଳା ଗ୍ରାମରେ ପହଞ୍ଚି ତାଙ୍କୁ ଧରିଥିଲେ। ତାଙ୍କଠାରୁ ୨୨ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୨ଲକ୍ଷ ୨୦ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଜଣାପଡ଼ିଛି।

### ମାର୍କେଟ ବିଲ୍ଡିଂରୁ ହଟିଲା ଜବରଦଖଲ

ଭୁବନେଶ୍ୱର, ୬ା୧ (ବ୍ୟୁରୋ)- ୟୁନିଟ୍-୨ ମାର୍କେଟ ବିଲ୍ଡିଂ ପରିସରରୁ ବେଆଇନ ଜବରଦଖଲ ହଟିଛି। ଭାରତ ପେଟ୍ରୋଲ ପମ୍ପ କଡ଼ରୁ ପୁରୁଣା ବସ୍ ଷ୍ଟାଣ୍ଡ ଯାଏ ସଂଯୋଗ କରୁଥିବା ଆଭ୍ୟନ୍ତରୀଣ ରାସ୍ତା ପାର୍ଶ୍ୱରେ ରହିଥିବା ଜବରଦଖଲକୁ ସୋମବାର ଉଚ୍ଛେଦ କରାଯାଇଛି। ବିଏମ୍‌ସି, ବିଡିଏ, କମିଶନରେଟ୍



ପୋଲିସର ମିଳିତ ଟିମ୍ ଏହି ଉଚ୍ଛେଦ କରିଥିବା ଯୋଗସୂତ୍ର ଅଧିକାରୀ ଶୁଭ୍ରାଂଶୁ ଶେଖର ମହାନ୍ତି ଜଣାଇଛନ୍ତି। ବିଏମ୍‌ସି ଆଡିଶନାଲ କମିଶନରଙ୍କ ଚିଠି ନଂ.୨୯୭୦୩ ଓ ୨୯୯୮୭କୁ ଭିତ୍ତି କରି ମିଳିତ ଟିମ୍ ଏହି ଉଚ୍ଛେଦ କରିଛି। ୧୩ ବାଉଁଶ ବନ୍ଧା ଓ ପଲିଥିନ୍ ବନ୍ଧା ଦୋକାନ, ୨୩ ଆଗକୁ ବାହାରିଥିବା ଦୋକାନ ଓ ଘରର ଆଜବେଷ୍ଟସ୍ ଏବଂ ୪ କ୍ୟାବିନ୍‌କୁ ରାସ୍ତା ପାର୍ଶ୍ୱରୁ ହଟାଇ ଦିଆଯାଇଛି। ଏଥିରେ ଗୋଟିଏ ବୁଲ୍ ଡ୍ରୋଜର ସାମିଲ ହୋଇଥିବାବେଳେ ବିଏମ୍‌ସି ଜୋନାଲ ଡେପୁଟି କମିଶନର ରୂପକ ପଟ୍ଟନାୟକ, ଉଚ୍ଛେଦ ଅଧିକାରୀ ପ୍ରମୋଦ ପାତ୍ର, କ୍ୟାପିଟାଲ ଥାନା ଅଧିକାରୀ ଗିରିଜା ଶଙ୍କର ପ୍ରସାଦ ଚକ୍ରବର୍ତ୍ତୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଗ୍ଲୋରିଫେଷ୍ଟ ରୌପ୍ୟ ଜୟନ୍ତୀ ଉତ୍ସବ ଆରମ୍ଭ

# ‘ସଂସ୍କାରବିହୀନ ବ୍ୟକ୍ତି ମୃତ ସଦୃଶ’

### ସମାଧାନର ବାଟ ହିଂସା ନୁହେଁ, ଆଲୋଚନା

ପୁରୀ ଅଫିସ, ୬ା୧:

ସଂସ୍କାର ବିହୀନ ବ୍ୟକ୍ତି ସମାଜ ପାଇଁ ମୃତ ସଦୃଶ। ଏକ ସୁସ୍ଥ ପରିବାର ପାଇଁ ସଂସ୍କାର ଜରୁରୀ। ରାଷ୍ଟ୍ର ନିର୍ମାଣ କ୍ଷେତ୍ରରେ ଏହା ବେଶ୍ ସହାୟକ ହୋଇଥାଏ ବୋଲି କହିଛନ୍ତି କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିଆଲ ନିଶଙ୍କ। ଶରଧାବାଲି ମୁକ୍ତାକାଶ ମଞ୍ଚରେ ଗ୍ଲୋରିଫେଷ୍ଟର ରୌପ୍ୟ ଜୟନ୍ତୀ ଉତ୍ସବକୁ ଉଦ୍‌ଘାଟନ କରି କେନ୍ଦ୍ରମନ୍ତ୍ରୀ ନିଶଙ୍କ ଭାରତର କୋଣ ଅନୁକୋଣରୁ ଆସିଥିବା ଛାତ୍ରୀଛାତ୍ରଙ୍କୁ ଧନ୍ୟବାଦ ଦେଇଥିଲେ। ୨୫ ବର୍ଷ ଧରି ଗ୍ଲୋରିଫେଷ୍ଟ ଆୟୋଜନ କରିଆସୁଥିବାରୁ ଆୟୋଜକ ଅନୁଷ୍ଠାନ ଜାତୀୟ ଯୁବ ସମନ୍ୱିତ କେନ୍ଦ୍ରର କର୍ମକର୍ତ୍ତାଙ୍କୁ ସେ ପ୍ରଶଂସା କରିଥିଲେ। ଉତ୍ସବରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ଡ. ସମ୍ବିତ ପାତ୍ର ଯୋଗଦେଇ ଜେଏନ୍‌ୟୁ ହିଂସାକୁ ନିନ୍ଦା କରିଥିଲେ। ମୁଖା ପିନ୍ଧି ଯେଉଁମାନେ ଏଭଳି ହିଂସାକାଣ୍ଡ କରିଛନ୍ତି ସେମାନଙ୍କୁ ଭର୍ତ୍ସନା କରିଥିଲେ। ସମାଧାନର ବାଟ ହିଂସା ନୁହେଁ ଆଲୋଚନା ବୋଲି ସେ କହିଛନ୍ତି। କେନ୍ଦ୍ର ସରକାର ଯେଉଁ ସଂଶୋଧିତ ନାଗରିକତ୍ୱ ଆଇନ ଆଣିଛନ୍ତି ଏବଂ ଅଧିକାରକୁ ସଂରକ୍ଷଣ କରିଛନ୍ତି ଏଥିରେ ସମସ୍ତ ଛାତ୍ରୀଛାତ୍ର ସହଯୋଗ କରିବାକୁ ଡ. ପାତ୍ର ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଉଦ୍‌ଘାଟନୀ ସନ୍ଧ୍ୟାରେ ଅନୁଷ୍ଠାନର ଅଧ୍ୟକ୍ଷ କ୍ୟାପ୍ଟେନ ପ୍ରଭାକର ଶତପଥି, ଉପଦେଷ୍ଟା ଡ. ଭଗବାନ ଜୟସିଂହ, କାର୍ଯ୍ୟକାରୀ ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ, ମହୋତ୍ସବ କମିଟି ଅଧ୍ୟକ୍ଷ ଶଙ୍କର ପରିଡ଼ା, ସମ୍ପାଦକ ରାଜେଶ ମହାନ୍ତି, ସଙ୍ଗଠନ ସମ୍ପାଦକ ନବକିଶୋର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ଭାରତର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରୁ ପ୍ରାୟ ୧୦୦୦ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ରୌପ୍ୟ ଜୟନ୍ତୀ ଉତ୍ସବରେ ୨୫ଟି ପ୍ରତିଯୋଗିତା ହେବ। ମଙ୍ଗଳବାରଠାରୁ ୩ଦିନ ଧରି ଟାଉନ ହଲ୍ ପରିସରରେ ବିଭିନ୍ନ ପ୍ରତିଯୋଗିତା ହେବ। ଶେଷ ୩ଦିନ ବେଳାଭୂମିରେ ଉତ୍ସବ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।



### ନୃତ୍ୟ, ଗୀତରେ କମ୍ପିଲା ଶରଧାବାଲି

ଗ୍ଲୋରିଫେଷ୍ଟ ରୌପ୍ୟ ଜୟନ୍ତୀ ଉଦ୍‌ଘାଟନୀ ସନ୍ଧ୍ୟାରେ ଜମିଥିଲା ନୃତ୍ୟ, ଗୀତର ଆସର। ଆରମ୍ଭରୁ ନାଭ୍ୟାଙ୍କ ଗୀତରେ ଝୁମିଥିଲେ ଯୁବଗୋଷ୍ଠୀ। ନାଭ୍ୟା ଏକାଧିକ ହିଟ୍ ଗୀତ ଗାଇ ଶୀତୁଆ ସନ୍ଧ୍ୟାରେ ଉଷ୍ମତା ଭରିଥିଲେ। ପରେ ଶଶାଙ୍କ ଶେଖର ଏବଂ ତାରିକ ଅଜିଜ୍ ସମସ୍ତଙ୍କୁ ମତୁଆଲା କରିଥିଲେ। ଶଶାଙ୍କ ପୁତୁକି ଗାଲି ଫେଶନ ବାଲି... ଗୀତରେ ଆୟୋଜକମାନେ ନାଚିଥିଲେ। ତାରିକ୍ ଏକାଧିକ ଓଡ଼ିଆ ଏବଂ ହିନ୍ଦୀ ଗୀତ ଗାଇ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ଭରିଥିଲେ। ଫଳରେ ନୃତ୍ୟ, ଗୀତରେ କମ୍ପିଥିଲା ଶରଧାବାଲି।




କଳାକାରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ।



ଉତ୍ସବରେ ମଞ୍ଚାସୀନ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିୟାଲ ନିଶଙ୍କ ଏବଂ ଅନ୍ୟ ଅତିଥିମାନେ ।

# ମହାପ୍ରଭୁ ଜଗନ୍ନାଥଙ୍କ ଖାତାରେ ରହିଲା ୭ ହଜାର ଏକର ଜମି

କଟକ ଅଫିସ, ୬ା୧

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଖାତାରେ କାଏମ ରହିଛି ୧୦୫ ବର୍ଗମାଇଲ ଅଞ୍ଚଳ। ଏଥିରେ ପାଖାପାଖି ୭ହଜାର ଏକରରୁ ଅଧିକ ଜମି ରହିଛି। ୧୮୫୮ ମସିହାରେ ଉକ୍ତ ଜମିକୁ ତତ୍କାଳୀନ ପୁରୀ ମହାରାଣୀ ଖୋର୍ଦ୍ଧା ଜିଲାର ଟାପଙ୍ଗ ଓ ରାମେଶ୍ୱର ଅଞ୍ଚଳର ୧୫୮ ଗ୍ରାମର ଲୋକଙ୍କୁ ଜଗନ୍ନାଥଙ୍କ ସେବା ନିମନ୍ତେ ପ୍ରଦାନ କରିଥିଲେ। ଉକ୍ତ ସମ୍ପତ୍ତିକୁ ପୁରାତନ ଏକରାଜ ମହଲ ନାମରେ ନାମିତ କରାଯାଇଥିଲା। ଜମି ଦେବାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ପ୍ରଭୁଙ୍କ ଦର୍ଶନ ଉଦ୍ଦେଶ୍ୟରେ ଯାଉଥିବା ଶ୍ରଦ୍ଧାଳୁମାନଙ୍କର ରକ୍ଷଣାବେକ୍ଷଣ ଦାୟିତ୍ୱ ଉପରୋକ୍ତ ୧୫୮ ଗ୍ରାମର ଲୋକେ ବହନ କରିବେ। ବିଶେଷକରି ଗରିବ ଶ୍ରଦ୍ଧାଳୁମାନଙ୍କ ଭୋଜନ ଓ ଅନ୍ୟାନ୍ୟ ଖର୍ଚ୍ଚ ବହନ କରିବା ଦାୟିତ୍ୱ ତୁଲାଇବେ ବୋଲି ମହାରାଣୀ ଉକ୍ତ ସମ୍ପତ୍ତି ସେମାନଙ୍କୁ ଦେଇଥିଲେ। ପରବର୍ତ୍ତୀ ସମୟରେ ବନ୍ଦୋବସ୍ତ ବେଳେ ରାଜ୍ୟ ସରକାର ଉକ୍ତ ଜମିକୁ ପ୍ରଭୁ ଜଗନ୍ନାଥଙ୍କ ଖାତାକୁ ନେଇ ଆସିବା ସହିତ ଏହାକୁ ଅମୃତ ମଣୋହି ସମ୍ପତ୍ତି ନାମରେ ନାମିତ କରିଥିଲେ। ୨୦୧୩ ଅକ୍ଟୋବର ୩୧ରେ ବନ୍ଦୋବସ୍ତର ଚୂଡ଼ାନ୍ତ ଫଳ ବାହାରିବା ପରେ ଉପରୋକ୍ତ ଗ୍ରାମବାସୀଙ୍କ ମଧ୍ୟରୁ କେତେଜଣ ବନ୍ଦୋବସ୍ତକୁ ଚ୍ୟାଲେଞ୍ଜ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେମାନେ ଉକ୍ତ ଜମିର ମାଲିକାନା ସ୍ୱତ୍ୱ ହାସଲ ନିମନ୍ତେ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ଗତ ବର୍ଷ ମାର୍ଚ୍ଚ ୧୨ରେ ଉକ୍ତ ମାମଲାର ଶୁଣାଣି ହାଇକୋର୍ଟଙ୍କ ମୁଖ୍ୟ ଖଣ୍ଡପୀଠରେ ହୋଇଥିଲା। ଆବେଦନକାରୀ ସେମାନଙ୍କ ଆବେଦନ ସମ୍ପର୍କରେ ସରକାରଙ୍କ ନିକଟରେ ନୂଆ ଦରଖାସ୍ତ ଦେବାକୁ ଆଦେଶ ଦେବା ସହିତ ଆବେଦନକାରୀଙ୍କ ଆବେଦନ ସମ୍ପର୍କରେ ତର୍ଜମା କରିବାକୁ ମଧ୍ୟ ସରକାରଙ୍କୁ ଆଦେଶ ହୋଇଥିଲା। ଉକ୍ତ ଆଦେଶ ଅନୁଯାୟୀ ରାଜ୍ୟ ସରକାର ଗତ ବର୍ଷ ମେ ୭ରେ ରାଜସ୍ୱ ପର୍ଷଦ ସଦସ୍ୟଙ୍କୁ ଆବେଦନକାରୀଙ୍କ ଦରଖାସ୍ତର ଶୁଣାଣି ନିମନ୍ତେ ସୁପାରିସ କରିଥିଲେ। ରାଜସ୍ୱ ପର୍ଷଦଙ୍କ ପକ୍ଷରୁ ସମସ୍ତ ପକ୍ଷଙ୍କୁ ନୋଟିସ ଜାରି କରାଯାଇଥିଲା। ଗତ ବର୍ଷ ଅକ୍ଟୋବର ୧୬ରେ ମାମଲାର ପ୍ରଥମ ଶୁଣାଣି କରାଯାଇଥିଲା। ପରେ ଗତ ଡିସେମ୍ବର ୧୯ରେ ସମସ୍ତ ପକ୍ଷଙ୍କ କାଗଜପତ୍ରର ପୁଙ୍ଖାନୁପୁଙ୍ଖ ବିଚାର କରିବା ସହିତ ମାମଲାର ସମ୍ପୂର୍ଣ୍ଣ ଶୁଣାଣି କରି ରାଜସ୍ୱ ପର୍ଷଦ ସଦସ୍ୟ ସି.ଜେ. ଭେନୁଗୋପାଳ ରାୟ ପ୍ରକାଶ କରିଥିଲେ। ଉକ୍ତ ରାୟ ଅନୁଯାୟୀ ୨୦୧୩ ଅକ୍ଟୋବର ୩୧ରେ ବନ୍ଦୋବସ୍ତ ପକ୍ଷରୁ ଯେଉଁ ନିଷ୍ପତ୍ତି ନିଆଯାଇଥିଲା ତାହାକୁ କାଏମ ରଖିଛନ୍ତି। ଯଦି ଏଥିରେ ଆବେଦନକାରୀଙ୍କ ପକ୍ଷରୁ କୌଣସି ବ୍ୟକ୍ତିଗତ ଆପତ୍ତି ଅଭିଯୋଗ ଥାଏ, ତେବେ ସେମାନେ ଉପଯୁକ୍ତ କୋର୍ଟକୁ ଯାଇ ଆଇନର ଆଶ୍ରୟ ନେଇପାରିବେ ବୋଲି ରାୟରେ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଷ୍ଟାଣ୍ଡିଂ କାଉନସେଲ୍ ଜଗନ୍ନାଥ ରଥ, ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅମ୍ବିକା ପ୍ରସାଦ ମିଶ୍ର ମାମଲା ପରିଚାଳନା କରୁଥିଲେ।

## ତରକୋର ପଞ୍ଚାୟତରେ ଆବାସ ଯୋଜନାରେ ଅନିୟମିତତା

# ଥ୍ରୀ ମ୍ୟାନ୍ କମିଟିକୁ ଲୋକାୟୁକ୍ତଙ୍କ ନୋଟିସ୍

ଗୋପ,୬ା୧(ଡି.ଏନ.ଏ.)

ଗୋପ ବ୍ଲକ ଅଧୀନ ତରକୋର ପଞ୍ଚାୟତରେ ୨୦୧୯-୨୦ ଆର୍ଥିକ ବର୍ଷରେ ବଣ୍ଟନ କରାଯାଇଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି। ଏଥିରେ କୌଣସି କାର୍ଯ୍ୟକାରୀ ନ ହେବାରୁ ଏହି ପଞ୍ଚାୟତର ବିଷ୍ଣୁଚରଣ ବେହେରା ଲୋକାୟୁକ୍ତ କାର୍ଯ୍ୟାଳୟରେ ଅଭିଯୋଗ କରିବା ପରେ ଥ୍ରୀ ମ୍ୟାନ୍ କମିଟି(ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ, ଭିଏଲଡବ୍ଲ୍ୟୁ, ଜିଆର୍‌ଏସ୍)କୁ ହାଜର ହେବା ପାଇଁ ନୋଟିସ୍ ହୋଇଥିବା ଗୋପ ବ୍ଲକ୍ ପକ୍ଷରୁ ଜଣାପଡ଼ିଛି। ସୂଚନାଯୋଗ୍ୟ, ୨୦୧୯-୨୦ ଆର୍ଥିକ ବର୍ଷରେ ଗୋପ ବ୍ଲକ୍‌କୁ ୫୬୮ଗୋଟି ଗୃହ ୩୧ଗୋଟି ପଞ୍ଚାୟତ ଲାଗି ଆସିଥିଲା। ମାତ୍ର ତରକୋର ପଞ୍ଚାୟତରେ ଯୋଗ୍ୟ ବ୍ୟକ୍ତିଙ୍କୁ ବାଦ୍ କରାଯାଇ ଧନୀ ଶ୍ରେଣୀର ବ୍ୟକ୍ତିଙ୍କୁ ସାମିଲ କରାଯାଇଥିବା ବାରମ୍ବାର ଜିଲାପାଳ, ପୁରୀ, ବିଡିଓ ଗୋପଙ୍କୁ ଅଭିଯୋଗ ଦିଆଯାଇଥିଲା। ଏହି ଅଭିଯୋଗ ପରେ ଗୋପ ବିଡିଓ ଦୀପ୍ତିରାଣୀ ଦାସ ବ୍ଲକ୍ ଚିଠି ନଂ ୩୭୧୮ରେ ତା୦୫.୧୧.୨୦୧୯ରେ ଥ୍ରୀ ମ୍ୟାନ୍ କମିଟିକୁ କାରଣ ଦର୍ଶାଅ ନୋଟିସ୍ ମାଗିଥିଲେ। ପରେ ଏହି ଅଭିଯୋଗକୁ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ନ ନିଆଯିବା ପରେ ଶେଷରେ ଅଭିଯୋଗକାରୀ ୧୩.୧୨.୧୯ରେ ଲୋକାୟୁକ୍ତ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଲୋକାୟୁକ୍ତ କାର୍ଯ୍ୟାଳୟ ପତ୍ରସଂଖ୍ୟା ନଂ୭୬୭୯ ତା୩୦.୧୨.୨୦୧୯ ରେ ବିଡିଓ ଗୋପଙ୍କ ସମେତ ଥ୍ରୀ ମ୍ୟାନ୍ କମିଟିକୁ ଫେବୃଆରୀ ୧୪ତାରିଖ ଦିନ ହାଜର ହେବା ସହ ସମସ୍ତ କାଗଜପତ୍ର ଦାଖଲ କରିବାକୁ ନୋଟିସ୍ ଜାରି କରିଛି। ଉଲ୍ଲେଖଯୋଗ୍ୟ, ଏହି ପଞ୍ଚାୟତରେ ୨୦୧୯-୨୦ ଆର୍ଥିକ ବର୍ଷରେ ୩୦ଜଣ ହିତାଧିକାରୀ ଚୟନ କରାଯାଇଥିବାବେଳେ ୨୫ ଜଣ ହିତାଧିକାରୀଙ୍କୁ ଅଗ୍ରୀମ ଗୃହ ନିର୍ମାଣ ପାଇଁ ଅର୍ଥ ଦିଆଯାଇଥିଲା। କିନ୍ତୁ ଏପର୍ଯ୍ୟନ୍ତ ଗୋଟିଏ ହେଲା ଗୃହ ନିର୍ମାଣ କରାଯାଇ ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଗୋପ ବିଡିଓ ଦାସ କୁହନ୍ତି, ଅଭିଯୋଗ ପରେ କାରଣ ଦର୍ଶାଅ ନୋଟିସ୍ କରାଯାଇଥିଲା ମାତ୍ର ସରକାରୀ ନିୟମ ଅନୁସାରେ ଆବାସ ଯୋଜନା ଗୃହ ବଣ୍ଟନ କରାଯାଇଥିବା ଥ୍ରୀ ମ୍ୟାନ୍ କମିଟି ଲିଖିତ ଆକାରରେ ମୋତେ ଦେଇଛନ୍ତି।

## ଶ୍ରୀକ୍ଷେତ୍ର ପୁସ୍ତକ ମେଳା ଉଦ୍‌ଘାଟିତ

# ‘ବହିର ବିକଳ୍ପ ନାହିଁ’

ପୁରୀ ଅଫିସ, ୬ା୧ :

ଶିକ୍ଷାର ପ୍ରଗତିରେ ସମାଜର ପ୍ରଗତି। ବହିର ବିକଳ୍ପ ନାହିଁ। ପୁସ୍ତକ ହେଉଛି ମଣିଷର ବନ୍ଧୁ। ପୁସ୍ତକ ଓ ଶିକ୍ଷକ ଉଚିତ ମାର୍ଗ ପ୍ରଦର୍ଶନ କରନ୍ତି। ହ୍ୱାଟ୍‌ସ ଅପ୍ ଓ ଫେସ୍‌ବୁକ୍ ଅପେକ୍ଷା ପୁସ୍ତକ ଅଧ୍ୟୟନରେ ଧ୍ୟାନ ଦିଅ। ଏହା ଦ୍ୱାରା ଜ୍ଞାନର ପରିସୀମା ବିକଶିତ ହୋଇପାରିବ। ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟି ଆନୁକୂଲ୍ୟରେ ଶରଧାବାଲିରେ ସୋମବାରଠାରୁ ଆରମ୍ଭ ହୋଇଥିବା ୨୬ତମ ଶ୍ରୀକ୍ଷେତ୍ର ପୁସ୍ତକମେଳା ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଚିତ୍ତରଞ୍ଜନ ମିଶ୍ର ଯୋଗଦେଇ ଏହା କହିଛନ୍ତି। ପୁସ୍ତକ ମେଳାକୁ ଉଦ୍‌ଘାଟନ କରି ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି କହିଲେ ଯେ, ଭାଷାକୁ ନେଇ ଗର୍ବ କର। ପୁସ୍ତକ ମେଳା ହେଉଛି ପାଠକ, ପ୍ରକାଶକ, ଲେଖକ ଏବଂ ସାହିତ୍ୟିକଙ୍କ ମିଳନ କେନ୍ଦ୍ର। ଯୁବପିଢ଼ିଙ୍କ ମଧ୍ୟରେ ପୁସ୍ତକ ଅଧ୍ୟୟନ ପ୍ରତି ରୁଚି କମିବାରେ ଲାଗିଛି। ତେଣୁ ସାହିତ୍ୟ, କବିତା, ଆଲୋଚନାଚକ୍ର ମାଧ୍ୟମରେ ଯିବପିଢ଼ିଙ୍କୁ ଯୋଡ଼ିବା ଲାଗି ସେ ପରାମର୍ଶ ଦେଇଥିଲେ। ଉତ୍ସବରେ ପୁସ୍ତକମେଳା କମିଟି ସଭାପତି ଭାଷାବିତ୍ କୈଳାଶ ଚନ୍ଦ୍ର ଟିକାୟତରାୟ ସଭାପତିତ୍ୱ କରିଥିଲେ। କାର୍ଯ୍ୟକାରୀ ସଭାପତି ରାଜକିଶୋର ମିଶ୍ର, ଉପାଧ୍ୟକ୍ଷ ଜଟାଧାରୀ ମିଶ୍ର, ପ୍ରସନ୍ନ ମିଶ୍ର, ସାହିତ୍ୟିକ ସୁନିଲ ରଥ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମହାପ୍ରଭୁଙ୍କ ପାଖରେ ପୂଜାର୍ଚ୍ଚନା କରାଯାଇଥିଲା। ପୁସ୍ତକ ମେଳା କମିଟି ସମ୍ପାଦକ ଚକ୍ରଧର ମହାପାତ୍ର ସ୍ୱାଗତ ଭାଷଣ ଦେବା ସହ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପୁସ୍ତକ ମେଳା ମୁଖପତ୍ର ‘ବହି ବିଚିତ୍ରା’ ଉନ୍ମୋଚିତ ହୋଇଥିଲା। ଏହି ପୁସ୍ତକମେଳାରେ ୭୫ଟି ପ୍ରକାଶନ ସଂସ୍ଥା ଯୋଗଦେଇଥିବାବେଳେ ୧୫୫ଟି ଷ୍ଟଲ ବ୍ୟବସ୍ଥା ହୋଇଛି। ପ୍ରତିଦିନ ଅପରାହ୍ନ ୨ଟାରୁ ୯ଟା ପର୍ଯ୍ୟନ୍ତ ଏହା ଖୋଲା ରହିବ। ପ୍ରତି ସନ୍ଧ୍ୟାରେ ସାହିତ୍ୟ, କବିତା ଆସର, ଆଲୋଚନାଚକ୍ର, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବ। ଟିକିତାରା ପକ୍ଷରୁ ପିଲାଙ୍କ ମଧ୍ୟରେ ସାହିତ୍ୟ ପ୍ରତି ଆଗ୍ରହ ସୃଷ୍ଟି ଲକ୍ଷ୍ୟରେ ପଠନ ତୁଙ୍ଗି ଏବଂ ‘ଜୀବନୀ ପଢନ୍ତୁ -ଜୀବନ ଗଢନ୍ତୁ’ କାର୍ଯ୍ୟକ୍ରମ ହେବ। ଚାରୁ କାରୁକଳା ମହାବିଦ୍ୟାଳୟ ପକ୍ଷରୁ ଚିତ୍ର ପ୍ରଦର୍ଶନୀ ହେବ। ପ୍ରତିଦିନ ଚିତ୍ରାଙ୍କନ, ବକ୍ତୃତା ପ୍ରତିଯୋଗିତା, ପୁସ୍ତକ ମେଳା ମଞ୍ଚ ଏବଂ ଅପରାହ୍ନ ୪ଟାରେ କୁଇଜ୍ ପ୍ରତିଯୋଗିତା ହେବ। ଯୁବ ଦିବସ ଅବସରରେ ମିଶନ ଓଡ଼ିଶା ପକ୍ଷରୁ ଯୁବ ସମ୍ମିଳନୀ ଏବଂ ଉଦ୍‌ଯାପନୀ ଦିବସରେ ରାଜକିଶୋର ମିଶ୍ର, ସୁବିଦ୍ୟା ଦେବୀ ଓ ସୁନିଲ ରଥଙ୍କୁ ସମ୍ମାନିତ କରାଯିବ।

## ପୁରୀ, ଭୁବନେଶ୍ୱର ପରେ କୋଣାର୍କର ବିକାଶ ପାଇଁ ସ୍ୱତନ୍ତ୍ର ଯୋଜନା

# ସୂର୍ଯ୍ୟମନ୍ଦିର ଭିତ୍ତିଭୂମି ପରଖିଲେ ପ୍ରଶାସନିକ ଅଧିକାରୀ

କୋଣାର୍କ,୬ା୧(ଡି.ଏନ୍.ଏ)

ପୁରୀ, ଭୁବନେଶ୍ୱର ଭଳି ଏବେ କୋଣାର୍କର ସୂର୍ଯ୍ୟମନ୍ଦିରର ମଧ୍ୟ ରୂପ ବଦଳିବ। ଏଥିପାଇଁ ରାଜ୍ୟ ପ୍ରଶାସନର ବରିଷ୍ଠ ପଦାଧିକାରୀମାନେ ସୋମବାର କୋଣାର୍କ ଗସ୍ତରେ ଆସି ସୂର୍ଯ୍ୟମନ୍ଦିରର ପାରିପାର୍ଶ୍ୱିକ ଭିତ୍ତିଭୂମି ପରିଦର୍ଶନ କରିବା ସହିତ ସାମ୍ପ୍ରତିକ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିବା ଜଣାପଡ଼ିଛି। ବିଶ୍ୱ ଐତିହ୍ୟ କୋଣାର୍କ ନିମନ୍ତେ ଏକ ସୁଦୂରପ୍ରସାରୀ ବିକାଶ ଯୋଜନା ପ୍ରସ୍ତୁତ କରିବାକୁ ରାଜ୍ୟ ସରକାର ମନ ବଳାଇଥିବା ଏହି ଗସ୍ତ କାର୍ଯ୍ୟକ୍ରମରୁ ସୂଚନା ମିଳିଛି। ଅପରାହ୍ନ ୩ଟାରେ ପୂର୍ତ୍ତ ସଚିବ ତଥା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର, ପୁରୀ ଜିଲାପାଳ ବଲୱନ୍ତ ସିଂ, ଏଏସ୍‌ଆଇର ଭୁବନେଶ୍ୱର ସର୍କଲ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ ମଲ୍ଲିକ, ଇଣ୍ଡିଆନ୍ ଅଏଲ୍ ଫାଉଣ୍ଡେଶନ ସିଇଓ ସୁବ୍ରତ ବର୍ମା ଓ ପୁରୀ ଏଡିଏମ୍ ବିନୟ କୁମାର ଦାଶ ଏଠାରେ ପହଞ୍ଚି ପ୍ରଥମେ ସୂର୍ଯ୍ୟମନ୍ଦିରର ମୁଖ୍ୟ ପ୍ରବେଶ ମାର୍ଗ ଅଞ୍ଚଳରେ ଥିବା ଜବରଦଖଲ ସମସ୍ୟାର ଅନୁଧ୍ୟାନ କରିଥିଲେ। ମୁଖ୍ୟ ପ୍ରବେଶ ଦ୍ୱାରର ଉଭୟପାର୍ଶ୍ୱକୁ ଦଖଲ କରିଥିବା ହସ୍ତଶିଳ୍ପ ବ୍ୟବସାୟୀମାନଙ୍କ ଥଇଥାନ ସମ୍ପର୍କରେ ବୁଝିଥିଲେ। ଏହାସହ ଆଇଓଏଫ୍ ଦ୍ୱାରା ନିର୍ମିତ ବସ୍ ପାର୍କିଂ, ଅର୍ବାନ ହାଟ, ନବଗ୍ରହ ମନ୍ଦିର ପରିସର, ମେଡିକାଲ ଛକ, ରିଙ୍ଗ ରୋଡ, ଥାନାଛକ ଓ ହେଲିପ୍ୟାଡ୍ ଅଞ୍ଚଳ ପରିଦର୍ଶନ କରିବା ସହ ସମ୍ପୃକ୍ତ ଅଞ୍ଚଳରେ ଜବରଦଖଲ ସମସ୍ୟା, ପର୍ଯ୍ୟଟକଙ୍କ ଗମନାଗମନ ଓ ଗାଡି ପାର୍କିଂ ସମସ୍ୟା ସମ୍ପର୍କରେ ପ୍ରଶାସନିକ ଅଧିକାରୀମାନେ ଆଲୋଚନା କରିଥିଲେ।

ଏ ନେଇ ଗଣମାଧ୍ୟମକୁ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ପୂର୍ତ୍ତ ସଚିବ ଓ ପୁରୀ ଜିଲାପାଳ ଦେଇ ନ ଥିଲେ ମଧ୍ୟ ପୁରୀ ଓ ଭୁବନେଶ୍ୱର ଭଳି କୋଣାର୍କ ପାଇଁ ଏକ ସ୍ୱତନ୍ତ୍ର ବିକାଶ ଯୋଜନା ଖୁବଶୀଘ୍ର ପ୍ରସ୍ତୁତ ହେଉଥିବା ପରୋକ୍ଷରେ ସୂଚନା ଦେଇଛନ୍ତି। ଏଥିପାଇଁ ଭବିଷ୍ୟତରେ ସୂର୍ଯ୍ୟମନ୍ଦିର ପାରିପାର୍ଶ୍ୱିକ ଭିତ୍ତିଭୂମି ସଂଲଗ୍ନ ଅଞ୍ଚଳରେ ବସବାସ ତଥା ବ୍ୟବସାୟ କରୁଥିବା ସ୍ଥାନୀୟ ବାସିନ୍ଦା ଏକ ବଡଧରଣର ଭଙ୍ଗାରୁଜାର ସମ୍ମୁଖୀନ ହେବାର ଆଭାସ ମିଳିଛି। ଏଥିପାଇଁ ପ୍ରସ୍ତୁତ ହେଉଥିବା ମାଷ୍ଟରପ୍ଲାନରେ ସୂର୍ଯ୍ୟମନ୍ଦିରଠାରୁ ଅନ୍ୟୂନ ୩୦୦ମିଟର ବ୍ୟାସାର୍ଦ୍ଧ ପରିମିତ ଇଲାକାରୁ ସମସ୍ତ ପ୍ରକାର ନିର୍ମାଣକୁ ହଟାଯାଇ ସମ୍ପୃକ୍ତ ଅଞ୍ଚଳରେ ବିକାଶ ଯୋଜନାକୁ ତ୍ୱରାନ୍ୱିତ କରାଯିବାର ଲକ୍ଷ୍ୟ ରଖାଯାଇଥିବା ଜନୈକ ଅଧିକାରୀ ସୂଚନା ଦେଇଛନ୍ତି। ଏହି ଅବସରରେ ଆଇଓଏଫର ଲିଆସନିଂ ଅଫିସର ସନ୍ତୋଷ ରଞ୍ଜନ ଦାସ, କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ଏମ୍.ଶ୍ରୀନିବାସ, ଗୋପ ତହସିଲଦାର ପୃଥ୍ୱୀରାଜ ମଣ୍ଡଳ, ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି କୋଣାର୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଉପରିସ୍ଥ ପଦାଧିକାରୀଙ୍କୁ ଅବଗତ କରାଇଥିଲେ।



ବରିଷ୍ଠ ପଦାଧିକାରୀମାନେ ସୂର୍ଯ୍ୟମନ୍ଦିର ପରିସରରେ ବୁଲି ଭିତ୍ତିଭୂମି ଅନୁଧ୍ୟାନ କରୁଛନ୍ତି ।



ଯାହାର କୌଣସି ମୂଲ୍ୟ ନାହିଁ, ତାକୁ ହିଁ ପାଇବା ପାଇଁ ଅଯଥା ଶକ୍ତି ବ୍ୟୟ କରିବା ମହାଦୁଃଖଦାୟକ।

- ଆଇନ୍‌ଷ୍ଟାଇନ୍

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଶ୍ରୀମଦ୍ ସ୍ୱାମୀ ସ୍ୱରୂପାନନ୍ଦ ପରମହଂସ ଦେବଙ୍କ ଜନ୍ମୋତ୍ସବରେ ସମବେତ ଉପାସନା, ଭୁବନେଶ୍ୱର ଅଖଣ୍ଡ ମଣ୍ଡଳୀ, ପ୍ଲଟ ନଂ ୧୭୮, ୟୁନିଟ-୯, ସକାଳ ୯ଟା।
- ଉର୍ଦ୍ଦୁ ଖବରକାଗଜ 'ଅଖବରନାମା'ର ୮ମ ବାର୍ଷିକ ଉତ୍ସବ, ସୂଚନା ଭବନ, ଅପରାହ୍ନ ୫ଟା ୩୦।
- ପ୍ରଜ୍ଞାନ ମିଶନ ପକ୍ଷରୁ ଗୁରୁ ପରମହଂସ ଯୋଗାନନ୍ଦଙ୍କ ପାଶ୍ଚାତ୍ୟ ଗମନର ଏକ ବର୍ଷପୂର୍ତ୍ତି ଓ ଗୀତା ଜ୍ଞାନ ମହାଯଜ୍ଞ, ଉତ୍କଳ ମଣ୍ଡପ, ସଚିବାଳୟ ମାର୍ଗ, ଅପରାହ୍ନ ୫ଟା ୩୦।

### ଅବସରପ୍ରାପ୍ତ ରେଳ କର୍ମଚାରୀଙ୍କୁ ଗଳାକାଟି ହତ୍ୟା ମାମଲା

# ଏଟିଭିଏମ୍ କାର୍ଡ ପାଇଁ ଧରାପଡ଼ିଲେ ଅଭିଯୁକ୍ତ

**ଭୁବନେଶ୍ୱର, ୬।୧(ବ୍ୟୁରୋ)**

ଲକ୍ଷ୍ମୀସାଗର ଥାନା ପୁରୁଣା ଷ୍ଟେଶନ ବଜାର ଡର୍ମିଟୋରୀ ଲଜିଂରେ ଅବସରପ୍ରାପ୍ତ ରେଲୱେ କର୍ମଚାରୀ ଟି. ଭେଙ୍କେଟ ରାଓଙ୍କୁ ଗଳାକାଟି ହତ୍ୟା ଘଟଣାରେ ଦେଢ଼ମାସ ପରେ ଗିରଫ ହୋଇଛନ୍ତି ଅଭିଯୁକ୍ତ। ସେ ହେଲେ ଉତ୍ତରପ୍ରଦେଶ ଆଲିଗଡ଼ର ଅଜୟ କୁମାର। ଜିଆରପି, ଆରପିଏଫ୍ ଏବଂ ଲକ୍ଷ୍ମୀସାଗର ପୋଲିସର ମିଳିତ ଉଦ୍ୟମରେ ଅଜୟଙ୍କୁ ଧରାଯାଇପାରିଛି। ତାଙ୍କୁ ସୋମବାର କୋର୍ଟ ଚାଲାଣ କରଯାଇଛି, ଆବଶ୍ୟକ ପଡ଼ିଲେ ରିମାଣ୍ଡରେ ଆଣି ପଚରାଉଚରା କରାଯିବା ବୋଲି ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଖବରଦାତା ସମ୍ମିଳନୀ କହିଛନ୍ତି। ଅଭିଯୁକ୍ତ ଅଜୟ ବି.କମ୍ ପଢ଼ିଛନ୍ତି। କୌଣସି ଚାକିରି ନ କରି ବିଭିନ୍ନ ଷ୍ଟେଶନ ବୁଲି ଛୋଟ ଛୋଟ ଅପରାଧ କରନ୍ତି। ସେ ଛୋଟବେଳେ



ଅଭିଯୁକ୍ତ ଅଜୟ କୁମାର।

ତାଙ୍କ ବାପା ଘରୁ ପଳାଇଥିବା ବେଳେ ଘରେ ମା'ଓ ଭଉଣୀ ଅଛନ୍ତି ବୋଲି କମିଶନର ଷଡ଼ଙ୍ଗୀ କହିଛନ୍ତି।

**କିଭଳି ଧରାପଡିଲେ**

ହତ୍ୟାକାଣ୍ଡ ପରେ ଭେଙ୍କଟଙ୍କ ୪ଟି ଏଟିଭିଏମ୍(ଅଟୋମେଟିକ ଟିକେଟ ଭେଣ୍ଡିଂ ମେଶିନ) କାର୍ଡ ନ ଥିଲା। ପୋଲିସ ଏହାକୁ ନେଇ ଖୋଳତାଡ଼ କରିବା ପରେ ଜାଣିବାକୁ ପାଇଥିଲା ଅଭିଯୁକ୍ତ ଏହି କାର୍ଡକୁ ଲୁଟି ନେଇଛି। ଏହି କାର୍ଡ କେବଳ ପୂର୍ବାଞ୍ଚଳ ଜୋନ୍‌ରେ କାର୍ଯ୍ୟକାରୀ ହୋଇପାରିବ ବୋଲି ପୋଲିସ ଜାଣିବା ପରେ ଏକାଧିକ ଷ୍ଟେଶନର ବୁକିଂ ମ୍ୟାନେଜରଙ୍କୁ ସତର୍କ କରାଇଥିଲା। ଏହି ଏଟିଭିଏମ୍ କାର୍ଡ କାର୍ଯ୍ୟକାରୀ ହେଲେ ପୋଲିସକୁ ଜଣାଇବା ପାଇଁ କୁହାଯାଇଥିଲା। ଗତ ୩ ତାରିଖରେ କଟକ ଷ୍ଟେଶନରେ ଅଜୟ ଏହି କାର୍ଡକୁ ଭେଣ୍ଡିଂ ମେଶିନ୍‌ରେ ବ୍ୟବହାର କରିଥିଲେ। ଏପରିକି ଟିକେଟ ବିକ୍ରି କରୁଥିବା ଜଣେ ଭେଣ୍ଡର ମେଶିନ ନିକଟକୁ ଆସିବା ପରେ ସେ ଦୌଡ଼ି ପଳାଇଥିଲେ। ଏନେଇ ଭେଣ୍ଡର ଜଣକ ଷ୍ଟେଶନର ବୁକିଂ ମ୍ୟାନେଜରଙ୍କୁ ଜଣାଇଥିଲେ। ସେ ତୁରନ୍ତ ଭୁବନେଶ୍ୱର ଜିଆରପି ଏବଂ ଲକ୍ଷ୍ମୀସାଗର ପୋଲିସକୁ ଜଣାଇଥିଲେ। ଏହାପରେ ଅଜୟ ଗତ ଶନିବାର ଭୁବନେଶ୍ୱର ଷ୍ଟେଶନରେ ଅନ୍ୟ ଜଣକ ମେଶିନ୍‌ରେ ଟିକେଟ୍ କାଟୁଥିବାବେଳେ ଭେଣ୍ଡରମାନେ ଧରି ଜିଆରପିକୁ ଦେଇଥିଲେ। ଜିଆରପି ପୋଲିସ ତାଙ୍କୁ ଯାଞ୍ଚ କରିବାବେଳେ ତାଙ୍କ ନିକଟରୁ ଏକ ଲୁହା ଆରି ବାହାରିଥିଲା। ଜିଆରପିର ସନ୍ଦେହ ହେବାରୁ ଲକ୍ଷ୍ମୀସାଗର ଥାନାକୁ ଖବର ଦେଇଥିଲା। ପୋଲିସ ହତ୍ୟାକାଣ୍ଡ ଦିନ ଷ୍ଟେଶନ ସିସିଟିଭି ଫଟୋକୁ ମିଳାଇବା ପରେ ଅଜୟଙ୍କ ଚେହେରା ପାଖାପାଖି ମିଶିଯାଇଥିଲା। ଏହାପରେ ପଚରାଉଚରା ପରେ ସେ ନିୟମିତ ଭୁବନେଶ୍ୱର ଆସୁଥିବାବେଳେ ଏକ ଲଜ୍‌ରେ ରହୁଥିବା କହିଥିଲେ। ପୋଲିସ ଉକ୍ତ ଲଜକୁ ଯାଇ ଯାଞ୍ଚ କରିବା ପରେ ଅଜୟ ନିୟମିତ ଆସୁଥିବା କହିଥିଲେ। ପୋଲିସ ଲଜ୍‌ର ରେଜିଷ୍ଟାର ଯାଞ୍ଚ କରିବା ପରେ ଜଣାପଡିଥିଲା ହତ୍ୟାକାଣ୍ଡ ଦିନ ସେ ଲଜ୍‌କୁ ଆସି ନ ଥିଲା। ସେଠାରୁ ପୋଲିସ ସ୍ପଷ୍ଟ ହୋଇଯାଇଥିଲା ଯେ ସେ ହିଁ ଅଭିଯୁକ୍ତ।

**ହତ୍ୟାର କାରଣ**

ଗତ ନଭେମ୍ବର ୧୮ରେ ଅଜୟ ଘରକୁ ଯିବା ପାଇଁ ବାହାରିଥିଲା। ଟ୍ରେନ ଟିକେଟ ପାଇଁ ସେ ଭେଙ୍କେଟଙ୍କ ନିକଟକୁ ଯାଇଥିଲେ। ସେଠାରେ ଭେଣ୍ଡିଂ ମେଶିନ୍‌ର ନେଟୱର୍କ ଠିକ୍ ନ ଥିବାରୁ ସମୟ ଲାଗିଥିଲା। ଏହା ମଧ୍ୟରେ ଉଭୟ ପରିଚିତ ହୋଇଥିଲେ। ଭେଙ୍କେଟ ହାତରେ ଟଙ୍କା ବ୍ୟାଗ ଥିବାରୁ ତାହା ଉପରେ ଅଜୟଙ୍କ ନଜର ଥିଲା। ସେ କୌଶଳକ୍ରମେ ଭେଙ୍କେଟଙ୍କୁ ଡର୍ମିଟୋରି ଲଜ୍‌କୁ ଡାକି ନେଇଥିଲେ। ସେଠାରେ ଅଜୟ ଭେଙ୍କେଟଙ୍କୁ ଛୁରି ଦେଖାଇ ଟଙ୍କା ବ୍ୟାଗ୍ ଦେବାକୁ କହିଥିଲେ। ଭେଙ୍କେଟ ବିରୋଧ କରିବାରୁ ଛୁରିରେ ତାଙ୍କ ଗଳା କାଟି ଟଙ୍କା ବ୍ୟାଗ୍ ନେଇ ପଳାଇ ଯାଇଥିଲେ। ସେଥିରେ ୩୭ ହଜାର ଟଙ୍କା ଓ ୪ଟି ଏଟିଭିଏମ୍ କାର୍ଡ ଥିଲା। ସେହି ଦିନ ସେ ଟ୍ରେନରେ ଘରକୁ ପଳାଇଥିଲା। ଇତିମଧ୍ୟରେ ୨ଥର ଭୁବନେଶ୍ୱର ଆସି ପଳାଇ ଯାଇଥିଲେ।

### ମହାନଦୀରେ ପ୍ରଶିକ୍ଷଣ ନେବେ ଏନଡିଆର୍‌ଏଫ୍ କର୍ମଚାରୀ

## ଏମଓୟୁ ସ୍ୱାକ୍ଷରିତ

**କଟକ ଅଫିସ,୬।୧**

ନ୍ୟାଶନାଲ ଡିଜାଷ୍ଟର ରେସପନ୍ସ ଫୋର୍ସ(ଏନ୍‌ଡିଆର୍‌ଏଫ)ର କର୍ମଚାରୀ ଆସି କଟକରେ ପ୍ରଶିକ୍ଷଣ ନେବେ। ପର୍ଯ୍ୟାୟକ୍ରମେ ଗୋଟିଏ ପରେ ଗୋଟିଏ ରାଜ୍ୟର ଏନଡିଆର୍‌ଏଫ୍ କର୍ମଚାରୀମାନେ ମହାନଦୀରେ ପ୍ରଶିକ୍ଷଣ ହାସଲ କରିବେ। ମହାନଦୀର ବିପଦପୂର୍ଣ୍ଣ ସ୍ଥାନ ସମେତ ଧବଳେଶ୍ୱର ସେତୁ ନିକଟରେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। କଟକର କଳିଙ୍ଗ ଡାଇଭର୍ସ ଫାଉଣ୍ଡେସନ ଟ୍ରଷ୍ଟ ଓ ଦିଲ୍ଲୀର ଏନଡିଆର୍‌ଏଫ୍ ମଧ୍ୟରେ ସୋମବାର ଏଭଳି ଏକ ଏମଓୟୁ ସ୍ୱାକ୍ଷର ହୋଇଛି। ଏନଡିଆର୍‌ଏଫ୍ ଡିଆଇଜି ମୋହସେନ ସେହେଦି କଟକ ଆସିବା ସହ କଳିଙ୍ଗ ଡାଇଭର୍ସ ଫାଉଣ୍ଡେସନ ଟ୍ରଷ୍ଟର ଟ୍ରଷ୍ଟି ତଥା ଅନ୍ତର୍ଜାତୀୟ ସ୍କୁବା ଡାଇଭର ସବୀର ବକ୍ସଙ୍କୁ ଭେଟିଥିଲେ। ଏହି ଅବସରରେ ଚୁକ୍ତିନାମା ସ୍ୱାକ୍ଷର କରାଯାଇଥିବା ଜଣାପଡ଼ିଛି। ଏନ୍‌ଡିଆର୍‌ଏଫ୍ କମାଣ୍ଡାଣ୍ଟ ଜ୍ୟାକବ କିସପୋଟା ଉପସ୍ଥିତ ଥିଲେ। ଏହି ଅବସରରେ ସୋମବାର କଟକ ତୁଳସୀପୁରସ୍ଥିତ ଡିୟରପାର୍କ ଜେଟିଠାରେ ଏନଡିଆର୍‌ଏଫ୍ ଡିଆଇଜି ପହଞ୍ଚି ପ୍ରଶିକ୍ଷଣ ସ୍ଥଳ ପରିଦର୍ଶନ କରିଛନ୍ତି।

## ମହିଳା ବ୍ୟାଙ୍କ୍ ଅଫିସରଙ୍କ ସାଂଘାତିକ ଅଭିଯୋଗ

## ସିନିୟରଙ୍କୁ ଖୁସି ନ କରିବାରୁ ନିର୍ଯାତନା

**ଭୁବନେଶ୍ୱର, ୬।୧(ବ୍ୟୁରୋ):** ବ୍ୟାଙ୍କର ସିନିୟର ଅଫିସରଙ୍କୁ ଖୁସି କଲେ ମିଳୁଛି ଅହେତୁକ ଅନୁକମ୍ପା। ମାତ୍ର ଏଥିରେ ସହଯୋଗ ନ କରିବାରୁ ନାନା ନିର୍ଯାତନା ସହ ଅସଦାଚାରଣ କରାଯାଇଥିବା ନେଇ ଜଣେ ମହିଳା ବ୍ୟାଙ୍କ୍ ଅଫିସର ସୋମବାର ମହିଳା ଥାନାରେ ଅଭିଯୋଗ ଆଣିଛନ୍ତି। ଏନେଇ ପୋଲିସ ଦୁଇ ବ୍ୟାଙ୍କ୍ ଅଧିକାରୀଙ୍କ ନାମରେ ଆଇପିସି ଦଫା ୩୫୪(ଏ), ୨୯୪, ୩୪ ଅନୁଯାୟୀ ୧/୨୦ନମ୍ବରରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗକାରିଣୀ ମହିଳା ଜଣକ ଆକ୍ସିସ୍ ବ୍ୟାଙ୍କ୍‌ର ଭୁବନେଶ୍ୱରର ଏକ ଶାଖାରେ ସିନିୟର ମ୍ୟାନେଜର ଭାବେ କାର୍ଯ୍ୟ କରୁଛନ୍ତି। ସେ ଅଭିଯୋଗ କରିଛନ୍ତି, ୨୦୧୪ରୁ ଉକ୍ତ ବ୍ୟାଙ୍କର ସର୍କଲ ହେଡ୍ ଓ ବ୍ରାଞ୍ଚ ମୁଖ୍ୟ ତାଙ୍କୁ ନାନା ନିର୍ଯାତନା ଦେଇ ଆସୁଛନ୍ତି। ଅଫିସ କାର୍ଯ୍ୟ ଓ ବୈଠକ ଆଳରେ ମନ୍ଦ ଉଦ୍ଦେଶ୍ୟ ରଖି ବଡ଼ ତାରକା ହୋଟେଲକୁ ଡକାଇଥାନ୍ତି। ପ୍ରମୋଶନ ପାଇଁ ସିନିୟରଙ୍କୁ ଖୁସି କରିବାକୁ ପଡ଼ିବ ବୋଲି କହି ନାନା ପ୍ରଲୋଭନ ଦେଖାଇଥାନ୍ତି। କିନ୍ତୁ କୌଣସି ସୁଯୋଗ ନ ଦେବାରୁ ତାଙ୍କୁ ବଦଳି କରାଯିବା ସହ ହଇରାଣ କରାଯାଉଛି। ଗତ ୩୧ ତାରିଖରେ ବିନା ଟ୍ରାଞ୍ଜିଟରେ ତାଙ୍କୁ ବ୍ରହ୍ମପୁର ବଦଳି କରାଯିବା ସହ ୧ ତାରିଖରେ କାର୍ଯ୍ୟରେ ଯୋଗଦେବାକୁ କୁହାଯାଇଛି। ମାତ୍ର ଏ ସଂକ୍ରାନ୍ତରେ ଗତ ୬ଦିନ ହେବ ସର୍କଲ ହେଡ୍‌ଙ୍କୁ ଅଭିଯୋଗ ଜଣାଇଥିଲେ ମଧ କୌଣସି ଉତ୍ତର ମିଳି ନ ଥିଲା। ସୋମବାର ସର୍କଲ ହେଡ୍‌ଙ୍କ ଚାମ୍ବରକୁ ଯାଇ ବଦଳି ସମ୍ପର୍କରେ ଜାଣିବାକୁ ଚାହିଁବାରୁ ସେ ଗାଳିଗୁଲଜ କରିବା ସହ କୌଣସି ସହଯୋଗ କରାଯିବ ନାହିଁ ବୋଲି କହିଥିଲେ। ଏହାପରେ ସେ ନ୍ୟାୟ ପାଇଁ ପୋଲିସର ଦ୍ୱାରସ୍ଥ ହୋଇଛନ୍ତି।





ଦିଲ୍ଲୀ ଜେଏନ୍‌ୟୁରେ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ଉପରେ ହୋଇଥିବା ଆକ୍ରମଣର ପ୍ରତିବାଦ କରି ଏବିଭିପି ପକ୍ଷରୁ ସୋମବାର ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

### ଡୁଡୁନି ଡମ୍ପିଂୟାର୍ଡ ବିବାଦ

# ଜିଦ୍‌ରେ ଅଟଳ ଦାରୁଠେଙ୍ଗ ଗ୍ରାମବାସୀ

**ଭୁବନେଶ୍ୱର,୬।୧(ବ୍ୟୁରୋ)**

ଜାନୁୟାରୀରୁ ଦାରୁଠେଙ୍ଗ ଡମ୍ପିଂୟାର୍ଡରେ ଅଳିଆ ପଡ଼ିବନି ବୋଲି ଗତ ୪ମାସ ତଳେ ଘୋଷଣା ହୋଇଥିଲା। ଖୋଦ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘୋଷଣା କରିବା ପରେ ଦାରୁଠେଙ୍ଗ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ଯାଇ ଧନ୍ୟବାଦ ମଧ ଦେଇଥିଲେ। ହେଲେ ଏଯାବତ କୌଣସି ପଦକ୍ଷେପ ନ ନିଆଯିବା ଓ ନିୟମିତ ଅଳିଆ ପଡୁଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯିବା ସହ ବନ୍ଦ ପାଇଁ ଏକରକମ ଜିଦ୍ ଧରି ବସିଛନ୍ତି। ଫଳରେ ସୋମବାର ଜଟଣୀ ବିଧାୟକ ସୁରେଶ ରାଉତରାୟଙ୍କ ପ୍ରତିନିଧିତ୍ୱରେ ଦାରୁଠେଙ୍ଗ ଗ୍ରାମବାସୀ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀଙ୍କୁ ଭେଟିବା ସହ ଅଳିଆ କେବେଠାରୁ ପକାଇବା ବନ୍ଦ କରାଯିବ ଓ ଗ୍ରାମବାସୀଙ୍କ ନାଁରେ ଦିଆଯାଇଥିବା ଏତଲା କେବେ ହଟିବ ସେନେଇ ଆଲୋଚନା କରିଛନ୍ତି।

ଡମ୍ପିଂୟାର୍ଡରେ ଏହି ବିବାଦ ସମାଧାନ କରିବା ଲାଗି ସୋମବାର ବିଏମ୍‌ସି କମିଶନରଙ୍କ ଅଧ୍ୟକ୍ଷତାରେ ବିଏମ୍‌ସି ମୁଖ୍ୟାଳୟରେ ଏକ ଆଲୋଚନାଚକ୍ର ହୋଇଛି। ଏଥିରେ ଗ୍ରାମବାସୀଙ୍କ ଅଭିଯୋଗ ଶୁଣିବା ପରେ କମିଶନର ଚୌଧାରୀ କହିଥିଲେ, ବିଭିନ୍ନ ୱାର୍ଡରେ ଏବେ ଏମ୍‌ସିସି କାର୍ଯ୍ୟ ଜାରି ରହିଛି। ଅଳ୍ପ କିଛିଦିନରେ ଗୋଟିଏ ପରେ ଗୋଟିଏ ଏମ୍‌ସିସି କାର୍ଯ୍ୟ ଶେଷ ହେବ। ଯେଉଁ ଏମ୍‌ସିସି କାର୍ଯ୍ୟ ସରିବ ସେ ୱାର୍ଡ ଓ ତା'ର ପାଖ ୱାର୍ଡର ଅଳିଆ ଦାରୁଠେଙ୍ଗ ଯିବା ବନ୍ଦ ହୋଇଯିବ। ଏପରି ଧୀରେ ଧୀରେ ଅଳିଆ ନେବା ବନ୍ଦ ହେବ। ଏଥି ମଧ୍ୟରେ ଦାରୁଠେଙ୍ଗସ୍ଥିତ ଡମ୍ପିଂୟାର୍ଡରେ ୬୦କୋଟି ବ୍ୟୟରେ ଏକ ବାୟୋ ମାଇନିଂ ପ୍ଲାଣ୍ଟ ନିର୍ମାଣ କରିବା ସହ ପାର୍କ ନିର୍ମାଣ କରାଯିବାକୁ ସ୍ଥିର କରାଯାଇଛି। ଖୁବ୍‌ଶୀଘ୍ର ଏନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

ତେବେ କମିଶନରଙ୍କ ଏହି ପ୍ରସ୍ତାବକୁ ଗ୍ରାମବାସୀ ଓ ବିଧାୟକ ରାଉତରାୟ କିଛି ମାତ୍ରାରେ ବିରୋଧ କରିବା ସହ ଅଳିଆ ପକାଇବା ବନ୍ଦ କରିବା ଜିଦିରେ ଅଟଳ ରହିଥିଲେ। ବିଶେଷ କରି କେବେଠାରୁ ସେଠାରେ ଆବର୍ଜନା ପକା ବନ୍ଦ ହେବ, ବାୟୋ ମାଇନିଂ କାମ ଆରମ୍ଭ ଓ ଗ୍ରାମବାସୀଙ୍କ ନାଁରେ ହୋଇଥିବା ମାମଲା ଉଠାଇବା ପାଇଁ ବିଏମ୍‌ସିକୁ ସେମାନେ ଲିଖିତ ପ୍ରତିଶ୍ରୁତି ମାଗିଥିଲେ। ତେଣୁ ଗୁରୁବାର ପୁଣିଥରେ ଏନେଇ ଆଲୋଚନା ହେବ ବୋଲି ପ୍ରକାଶ ପାଇଥିଲା। ଏହି ଆଲୋଚନାଚକ୍ରରେ ବିଏମ୍‌ସି ଆଡିଶନାଲ କମିଶନର ସୁରଥ୍ ଚନ୍ଦ୍ର ମଲ୍ଲିକ୍, ଡେପୁଟି କମିଶନର ଶୁଭେନ୍ଦୁ ସାହୁ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ଟ୍ରକ୍ ଟ୍ରକ୍ ଆବର୍ଜନା ଡମ୍ପିଂୟାର୍ଡକୁ ଆସୁଥିବାରୁ ଦାରୁଠେଙ୍ଗବାସୀ ଏହାକୁ ପୂର୍ବପରି ତୀବ୍ର ବିରୋଧ କରିଛନ୍ତି। ଦୁଇଚାରି ଦିନ ହେବ ଏହି ବିବାଦ ଚରମ ରୂପ ନେଇଥିବାର ଦେଖିବାକୁ ମିଳିଛି। ଏପରିକି ଯେଉଁ ଟ୍ରକ୍ ଅଳିଆ ନେଇଯାଉଛି ତାକୁ ଅଟକାଇବା ସହ ଡ୍ରାଇଭରକୁ ଧମକ ଦେବା, ଗାଡ଼ିକୁ ଫେରାଇ ଦେବାର ଚର୍ଚ୍ଚା ହେଉଛି।

## ପକ୍ଷଭୁକ୍ତ ହେଲା ମତ୍ସ୍ୟଜୀବୀ ସମବାୟ ସମିତି

**କଟକ ଅଫିସ, ୬।୧:** ଚିଙ୍ଗୁଡ଼ି ଘେରି ଉଚ୍ଛେଦ ମାମଲାରେ ସ୍ଥିତି ସମ୍ପର୍କିତ ରିପୋର୍ଟ ଦାଖଲ କରିବାକୁ ହାଇକୋର୍ଟଙ୍କ ପକ୍ଷରୁ ଜିଲାପାଳମାନଙ୍କୁ ଆଦେଶ ହୋଇଛି। ଆସନ୍ତା ୨୭ ତାରିଖ ମଧ୍ୟରେ ଏହି ରିପୋର୍ଟ ଦାଖଲ କରିବା ପାଇଁ ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ସଞ୍ଜୁ ପଣ୍ଡା ଓ ବିଚାରପତି ସଙ୍ଗମ କୁମାର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଏହି ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ପକ୍ଷରୁ ହାଇକୋର୍ଟରେ ଏକ ଆବେଦନ କରାଯାଇଥିଲା।

## ମୋ ଆଶାର ଶୀତ ସଂଖ୍ୟା ଉନ୍ମୋଚିତ

**ଭୁବନେଶ୍ୱର, ୬।୧(ବ୍ୟୁରୋ)**

ନିମାପଡ଼ାର ଶିଶୁ ବିକାଶ ଅନୁଷ୍ଠାନ ଲିଟିଲ୍ ଷ୍ଟାର ଗ୍ରୁପ୍ ପକ୍ଷରୁ ପ୍ରକାଶ ପାଉଥିବା ତ୍ରୟମାସିକ ଶିଶୁ କିଶୋର ପତ୍ରିକାର ଶୀତ ସଂଖ୍ୟା ରବିବାର କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଉନ୍ମୋଚିତ ହୋଇଯାଇଛି। କିଟ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ, କାଦମ୍ବିନୀ ଓ କୁନିକଥା ସମ୍ପାଦିକା ଇତି ସାମନ୍ତ, ପତ୍ରିକାର ସମ୍ପାଦକ ସୁମନ୍ତ ମହାରଣା, ଅଧ୍ୟାପକ ଡ. ରବୀନ୍ଦ୍ରନାଥ ପାଢ଼ି, ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ, କବି ଓସିଦ ଖାଁ ପ୍ରମୁଖ ଯୋଗଦେଇ ପତ୍ରିକାର ଉନ୍ମୋଚନ କରିବା ସହ ଏହାର ସମ୍ପାଦକ ସୁମନ୍ତ ମହାରଣାଙ୍କ ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିଥିଲେ।



ତ୍ରୟମାସିକ ଶିଶୁ କିଶୋର ପତ୍ରିକାର ଶୀତ ସଂଖ୍ୟାକୁ ଉନ୍ମୋଚନ କରାଯାଉଛି।

## ବିଦ୍ୟାଳୟରୁ ସିସିଟିଭି କ୍ୟାମେରା ଚୋରି

**ବାଲିଅନ୍ତା,୬।୧(ଡି.ଏନ.ଏ.)**

ବାଲିଅନ୍ତା କୁଶଗାଡ଼ିଆ ମଠ ନିକଟରେ ଥିବା ଜବାହରଲାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଶାସନିକ ଗୃହରେ ଲାଗିଥିବା ଏକ ସିସିଟିଭି କ୍ୟାମେରାକୁ କେତେଜଣ ଦୁର୍ବୃତ୍ତ ଭାଙ୍ଗିବା ସହ ଚୋରି କରି ନେଇଥିବା ସୋମବାର ବାଲିଅନ୍ତା ଥାନାରେ ଅଭିଯୋଗ ହୋଇଛି। ରବିବାର ଛୁଟିଥିବାରୁ ସୋମବାର ବିଦ୍ୟାଳୟ ଅଧ୍ୟକ୍ଷ ଯତୀନ୍ଦ୍ର କୁମାର ସ୍ୱାଇଁ ବିଦ୍ୟାଳୟ ଆସିବାବେଳେ ଏହି ଚୋରି ହୋଇଥିବା ଦେଖିଥିଲେ। ଦୁର୍ବୃତ୍ତମାନେ ବିଦ୍ୟାଳୟ ପରିସରକୁ ଏକ ବାଡ଼ି ଧରି ପ୍ରବେଶ ସମୟର ଦୃଶ୍ୟ ସିସିଟିଭିରେ କଏଦ ହୋଇଥିବାରୁ ଏହି ଫୁଟେଜ ପୋଲିସକୁ ଦିଆଯାଇଛି।

# ଭିଙ୍ଗାରପୁରରେ ଧାନମଣ୍ଡି ଉଦ୍‌ଘାଟିତ

**ବାଲିଅନ୍ତା,୬।୧(ଡି.ଏନ.ଏ.):** ବାଲିଅନ୍ତା ବ୍ଲକ ଅଧୀନ ଭିଙ୍ଗାରପୁର ଓ ବେଣ୍ଟପୁର ପଞ୍ଚାୟତର ଚାଷୀଙ୍କଠାରୁ ସରକାରୀ ଭାବେ ଧାନକିଣାର ସୋମବାର ଶୁଭାରମ୍ଭ ହୋଇଛି। ଭିଙ୍ଗାରପୁର ସେବା ସମବାୟ ସମିତି ପକ୍ଷରୁ ଶ୍ରୀବକ୍ରେଶ୍ୱର ମନ୍ଦିର ସମ୍ମୁଖରେ ଖୋଲାଯାଇଥିବା ମଣ୍ଡିକୁ ଜୟଦେବ ବିଧାୟକ ଡ.ଅରବିନ୍ଦ ଢାଲି ଉଦ୍‌ଘାଟନ କରିଥିଲେ। ଏହି ସମିତି ମାଧମରେ ଧାନବିକ୍ରି ପାଇଁ ୩୭୧ଜଣ ଚାଷୀଙ୍କ ନାମ ଅନ୍‌ଲାଇନ ମାଧମରେ ପଞ୍ଜୀକରଣ କରିଥିବାବେଳେ ପ୍ରଥମ ଦିନରେ ଟୋକେନ ପାଇଥିବା ୩୬ଚାଷୀ ଧାନବିକ୍ରି କରିଥିଲେ। ଏଥିରେ ଭିଙ୍ଗାରପୁର ସରପଞ୍ଚ ଜୟଶ୍ରୀ ନାୟକ, ବେଣ୍ଟପୁର ସରପଞ୍ଚ ମୁରଲୀଧର ସାହୁ, ସମିତିସଭ୍ୟ ତୈଲୋକ୍ୟ ମଙ୍ଗରାଜ, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ପ୍ରଶାନ୍ତ କୁମାର ଦାସ, ନିର୍ଦ୍ଦେଶକ ଦିଗମ୍ବର ମଙ୍ଗରାଜ, ସମିତି ସଭାପତି ବିଚିତ୍ରାନନ୍ଦ ଦାସ, ଆତ୍ମାର ସଭାପତି ବିରଞ୍ଚି ନାରାୟଣ କର, ଶିକ୍ଷାବିତ ବଟକୃଷ୍ଣ ପଣ୍ଡା ଓ ଡିଆରସିଏମ ରୋଜାଲିନ ସେନାପତି ଓ ସନ୍ତୋଷ ଅଗ୍ରୱାଲ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ସଭାକୁ ସମିତି ସମ୍ପାଦକ ଜଗମୋହନ ଦାସ ଓ ସହ ସମ୍ପାଦକ କିଶୋର ଚନ୍ଦ୍ର ଭୋଇ ପରିଚାଳନା କରିଥିଲେ।

### ଝିଅକୁ ବଳାତ୍କାର ଘଟଣା, ବାପାକୁ ଆଜୀବନ କାରାଦଣ୍ଡ

# ଆଇଓ, ପିପିଙ୍କୁ ସମ୍ମାନିତ କଲେ ପୋଲିସ କମିଶନର

**ଭୁବନେଶ୍ୱର, ୬।୧(ବ୍ୟୁରୋ)**

ନିଜ ଝିଅକୁ ୨୦୧୬ରେ ବାପା ବଳାତ୍କାର କରିବା ଘଟଣା ରାଜଧାନୀରେ ଆତଙ୍କ ଖେଳାଇ ଥିଲା। ଦୀର୍ଘ ୪ ବର୍ଷ ପରେ ଅଭିଯୁକ୍ତ ବାପା ସୁଶୀଲ ଦିଗାଲଙ୍କୁ ଭୁବନେଶ୍ୱର ଦୌରାଜଜ୍ ଆଜୀବନ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ମହିଳା ଥାନା ପୋଲିସ ପୋକ୍‌ସୋ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ୧୪ ସାକ୍ଷୀଙ୍କୁ ନେଇ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ଏଭଳି ସମ୍ବେଦନଶୀଳ ଘଟଣାର ତ୍ୱରିତ ତଦନ୍ତ କରିଥିବାରୁ ଘଟଣାର ତଦନ୍ତକାରୀ ଅଫିସର (ଆଇଓ) ଏସ୍‌ଆଇ ଉର୍ମିଳା ମଲ୍ଲିକ ଓ ପବ୍ଲିକ୍ ପ୍ରସିକ୍ୟୁଟର (ପିପି) ଚିତ୍ତରଞ୍ଜନ ଦାସଙ୍କୁ କମିଶନର ଡ. ସୁଧାଂଶୁ ଷଡ଼ଙ୍ଗୀ ପ୍ରଶଂସା କରିଛନ୍ତି। ଏହାସହ ସୋମବାର ଏକ ଖବରଦାତା ସମ୍ମିଳନୀରେ ପିପି ଦାସ ଓ ଏସ୍‌ଆଇ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସେପଟେ ମଲ୍ଲିକ କହିଛନ୍ତି ଯେ, ରାଜ୍ୟରେ ନାବାଳିକା ବଳାତ୍କାର ଘଟଣା ବଢ଼ି ବଢ଼ି ଚାଲିଛି। ଅଭିଯୁକ୍ତମାନଙ୍କୁ ଏହିଭଳି ଆଜୀବନ ଦଣ୍ଡବିଧାନ ମିଳିଲେ ବଳାତ୍କାର ଘଟଣା ହ୍ରାସ ପାଇବ। ତଦନ୍ତକାରୀ ଅଫିସର ଏଭଳି ଘଟଣାକୁ ଗୁରୁତର ସହ ନେଇ ଯଥାଶୀଘ୍ର ଚାର୍ଜଶିଟ ଦାଖଲ କଲେ ଅଭିଯୁକ୍ତମାନେ ଉଚିତ ଦଣ୍ଡ ପାଇବେ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ନୟାପଲୀ ଥାନା ସାଲିଆ ସାହିରେ ୨୦୧୬ ମେ' ୨୦ରେ ସୁଶୀଲ ନିଜ ଝିଅକୁ ବଳାତ୍କାର କରିଥିଲେ। ଏନେଇ ପୀଡ଼ିତାଙ୍କ ମା' ମହିଳା ଥାନାରେ ଅଭିଯୋଗ କରିଥିଲେ। ମହିଳା ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କର ଡାକ୍ତରୀମାଇନା କରିଥିଲା। ଏହାସହ ପୀଡ଼ିତାଙ୍କ ବୟାନ ରେକର୍ଡ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା।

### ସାଇବର ନିରାପତ୍ତା ଓ ସୁରକ୍ଷା ସପ୍ତାହ ଆରମ୍ଭ

# 'ସାଇବର ଅପରାଧ ରୋକିବ ସଚେତନତା'

**ଭୁବନେଶ୍ୱର, ୬।୧(ବ୍ୟୁରୋ)**

ଇଣ୍ଟରନେଟ୍ ସହ ପୂରା ବିଶ୍ୱ ଯୋଡ଼ି ହୋଇଯାଇଛି। ଦିନକୁ ସାଇବର ଅପରାଧ ବଢ଼ି ଚାଲିଛି। ଅପରାଧୀମାନେ ବିଶ୍ୱର ଯେକୌଣସି ସ୍ଥାନରେ ରହି ଅପରାଧ ଘଟାଉଛନ୍ତି। ବିଶେଷକରି ଇଣ୍ଟରନେଟ୍ ମାଧ୍ୟମରେ ହେଉଥିବା ଠକେଇ ଏକ ବିଶ୍ୱ ସମସ୍ୟା ପାଲଟିଛି। ଏହାକୁ ରୋକିବା ପାଇଁ ବର୍ତ୍ତମାନ ସମୟରେ ସଚେତନତା ଜରୁରୀ ହୋଇପଡ଼ିଛି ବୋଲି ଓଡ଼ିଶାର ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ କହିଛନ୍ତି। ସୋମବାର ସୂଚନା ଭବନଠାରେ ସାଇବର ନିରାପତ୍ତା ଓ ସୁରକ୍ଷା ସପ୍ତାହର ଶୁଭାରମ୍ଭ କରିବା ଅବସରରେ ସେ କହିଲେ, ସାଇବର ଅପରାଧ କିମ୍ବା ଠକେଇର ଶିକାର ନ ହେବା ଲାଗି ଲୋକଙ୍କ ମଧ୍ୟରେ ସଚେତନତାକୁ ପ୍ରାଥମିକତା ଦିଆଯାଉଛି। ସପ୍ତାହ ପାଳନ ପରିପେକ୍ଷୀରେ ୭ଦିନ ଧରି ରାଜ୍ୟବ୍ୟାପୀ ଶିକ୍ଷାନୁଷ୍ଠାନଗୁଡିକରେ ଆଲୋଚନାଚକ୍ର ଓ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।





କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଓ ଅନ୍ୟ ଅତିଥିମାନେ 'ସାଇବର ସେଫ୍ଟି ଏବଂ ସାଇବର ସିକ୍ୟୁରିଟି' ପୁସ୍ତିକାକୁ ଉନ୍ମୋଚନ କରୁଛନ୍ତି।

- ଖୋଲିବ ଅଧିକ ସାଇବର ଥାନା
- ପୋଲିସ ଅଧିକାରୀଙ୍କୁ ଦିଆଯାଉଛି ସ୍ୱତନ୍ତ୍ର ପ୍ରଶିକ୍ଷଣ

ଛାତ୍ରୀଛାତ୍ରଙ୍କ ସହ ସାଧାରଣ ଜନତାକୁ ଏଥିରେ ସାମିଲ କରାଯିବ। ଏହି ଅବସରର ସଚିବ ତ୍ରିପାଠୀ 'ସାଇବର ସେଫ୍ଟି ଏବଂ ସାଇବର ସିକ୍ୟୁରିଟି' ଉପରେ ଏକ ହ୍ୟାଣ୍ଡବୁକ୍ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ଆଇଟି ବିଭାଗର ପ୍ରମୁଖ ସଚିବ ମନୋଜ ମିଶ୍ର କହିଲେ, ସାଇବର ଅପରାଧକୁ ରୋକିବା ପାଇଁ ଜନସାଧାରଣଙ୍କୁ ସଚେତନ କରିବା ଜରୁରୀ। ଆଗାମୀ ଦିନରେ ଏହା ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ଗୃହ ସଚିବ ସଞ୍ଜୀବ ଚୋପ୍ରା କହିଲେ, ସାଇବର ଅପରାଧ ବୃଦ୍ଧି ଚିନ୍ତାର ବିଷୟ ହୋଇଛି। ଏହାକୁ ରୋକିବା ପାଇଁ ସରକାର ବିଭିନ୍ନ ସ୍ତରରେ ଉଦ୍ୟମ ଜାରି ରଖିଛନ୍ତି। ଆଇଆଇଟି ଡାଇରେକ୍ଟର ପ୍ରଫେସର ଗୋପାଳ ନାୟକ କହିଲେ, ପ୍ରାଥମିକ ପର୍ଯ୍ୟାୟରେ ୭୦ ଶିକ୍ଷା ଅନୁଷ୍ଠାନରେ ସଚେତନତା କାର୍ଯ୍ୟକ୍ରମ ହେବ। କ୍ରାଇମବ୍ରାଞ୍ଚ ଆଇଜି ଅମିତେନ୍ଦ୍ରନାଥ ସିହ୍ନା କହିଲେ, ରାଜ୍ୟରେ ବର୍ତ୍ତମାନ ୪ ସାଇବର ଥାନା କାର୍ଯ୍ୟ କରୁଥିବାବେଳେ ଆଉ କିଛି ଥାନା ଖୁବଶୀଘ୍ର କାର୍ଯ୍ୟକାରୀ ହେବ। ରାଜ୍ୟରେ ସାଇବର ଅପରାଧ ଉପରେ ରୋକ୍ ଲଗାଇବା ପାଇଁ ବିଭିନ୍ନ ଥାନାରେ କାର୍ଯ୍ୟରତ ପୋଲିସ ଅଧିକାରୀଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଉଛି ବୋଲି ସେ କହିଥିଲେ।

କେନ୍ଦ୍ର ସରକାର, ରାଜ୍ୟ ସରକାରଙ୍କର ଗୃହ, ସୂଚନା ଏବଂ ବୈଷୟିକ ବିଭାଗ, ଆଇଆଇଆଇଟି ଭୁବନେଶ୍ୱର, ସିଡିଏସିର ମିଳିତ ସହଯୋଗରେ ସୋମବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତୀଛାତ୍ର, ଶିକ୍ଷକ, ବ୍ୟାଙ୍କ କର୍ମଚାରୀ, ପୋଲିସ ଅଧିକାରୀ ଓ ବିଭିନ୍ନ ଘରୋଇ କମ୍ପାନୀର କର୍ମଚାରୀ ଯୋଗଦେଇଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ଜାନୁୟାରୀ ୭/୨୦୨୦ Bhubaneswar, Tuesday, January 7/2020




# ଉଦ୍‌ବେଗ ପ୍ରକାଶ କଲେ ଓଏଚ୍‌ଆର୍‌ସି
# ଯାଯାବରଙ୍କ ସଂକ୍ରାନ୍ତରେ ରିପୋର୍ଟ ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୬ା୧(ବ୍ୟୁରୋ)**

କଟକ ଓ ଭୁବନେଶ୍ୱରରେ ଯାଯାବରଙ୍କ ସଂଖ୍ୟା ବଢ଼ି ଚାଲିଛି। ସହରର ମୁଖ୍ୟ ରାସ୍ତାଠାରୁ ଜାତୀୟ ରାଜପଥ ପାର୍ଶ୍ୱ ସମେତ ବିଭିନ୍ନ ସ୍ଥାନରେ ଦଳଦଳ ହୋଇ ଯାଯାବର ଆଡ୍ଡା ଜମାଇ ରହୁଛନ୍ତି। ରାଜ୍ୟର ଅନ୍ୟ ଅଞ୍ଚଳରେ ମଧ୍ୟ ଏମାନଙ୍କର ଉପସ୍ଥିତି ଦେଖିବାକୁ ମିଳିଲାଣି। ଠିକଣା ଓ ପରିଚୟ ନ ଥିବା ଏହି ଯାଯାବରମାନେ ଏଠାରେ ଆପରାଧିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଏହାକୁ ନେଇ ରାଜ୍ୟ ମାନବିକ ଅଧିକାର କମିଶନ (ଓଏଚ୍‌ଆର୍‌ସି) ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ଯାଯାବରଙ୍କ ସଂକ୍ରାନ୍ତରେ ସରକାରଙ୍କଠାରୁ ତଥ୍ୟ ଚାହିଁଛନ୍ତି ଓଏଚ୍‌ଆର୍‌ସି। ୬ଟି ବିଷୟରେ ସର୍ଭେ କରି ଏପ୍ରିଲ ୬ ସୁଦ୍ଧା ରିପୋର୍ଟ ଦେବା ପାଇଁ ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ଗୃହ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କମିଶନ।

ପୂର୍ବରୁ ରାଜ୍ୟରେ ଘଟିଥିବା ବିଭିନ୍ନ ଅପରାଧରେ ଯାଯାବରଙ୍କ ସମ୍ପୃକ୍ତି ଥିବା ନଜିର ରହିଛି। ପୋଲିସ ଦ୍ୱାରା ବହୁ ଯାଯାବର ଗିରଫ ମଧ୍ୟ ହୋଇଛନ୍ତି। କିଛିଦିନ ତଳେ ପୁରୀ-କୋଣାର୍କ ରୋଡ୍‌ରେ ଜଣେ ମହିଳାଙ୍କୁ ଜଣେ ଯାଯାବର ମାନସିକଭାବେ ହଇରାଣ କରିଥିଲେ। ଏନେଇ ମହିଳା ଜଣକ ଓଏଚ୍‌ଆରସିରେ ପିଟିଶନ କରିଥିଲେ। ଏହି ଆଧାରରେ କମିଶନ ଉପରୋକ୍ତ ନିର୍ଦ୍ଦେଶ ଦେବା ସହ କହିଛନ୍ତି, ଯାଯାବରଙ୍କୁ ଚିହ୍ନଟ ପରେ ସେମାନଙ୍କ ମଧ୍ୟରେ ଯେଉଁମାନେ ମାନସିକ ବିକାରଗ୍ରସ୍ତ ରହିଛନ୍ତି ସେମାନଙ୍କୁ ଉଦ୍ଧାର କରାଯାଇ ଆବଶ୍ୟକ ଚିକିତ୍ସା କରାଯାଉ। ପରିଚୟ, ଘର ଠିକଣା ଖୋଜାଯିବା ସହ ପରିବାର ସଦସ୍ୟଙ୍କ ସହ ଯୋଗାଯୋଗ କରାଯାଇ ସେମାନଙ୍କ ରାଜ୍ୟକୁ ପଠାଯାଉ। ଏହାସହ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା କିଭଳି ଅଛି, ସେମାନେ କୌଣସି ସଂକ୍ରମିତ ରୋଗରେ ଆକ୍ରାନ୍ତ ଅଛନ୍ତି କି? କୌଣସି ବେଆଇନ କାର୍ଯ୍ୟ କରିବାକୁ ଏଠାକୁ ଆସିଛନ୍ତି କି ନାହିଁ? ଅନ୍ୟ ରାଜ୍ୟରେ ଅପରାଧ ଘଟାଇ ଏଠାରେ ଏପରି ଭାବେ ଲୁଚି ବୁଲୁଛନ୍ତି କି? ଏମାନଙ୍କ ଅପରାଧ ରେକର୍ଡ ଆଦି ଯାଞ୍ଚ କରି ରିପୋର୍ଟ ଦେବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି।

# ଶ୍ରୀଲିଙ୍ଗରାଜ ମନ୍ଦିରକୁ ପାନ, ଗୁଟ୍‌ଖା ମନା

**ପୁରୁଣା ଭୁବନେଶ୍ୱର, ୬ା୧(ଡି.ଏନ୍.ଏ.)**

ଶ୍ରୀଲିଙ୍ଗରାଜ ମନ୍ଦିରର ଚତୁଃପାର୍ଶ୍ୱ ଜବରଦଖଲ ଉଚ୍ଛେଦ ଓ ଉନ୍ନତିମୂଳକ କାର୍ଯ୍ୟ ଚାଲିଥିବା ବେଳେ ପରିସର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଉଛି। ମନ୍ଦିର ଓ ଏହା ପରିସରରେ ପାନ, ଗୁଟ୍‌ଖା ଏବଂ ନିଶାଦ୍ରବ୍ୟକୁ ନିଷେଧ କରାଯାଇଛି। ଏ ନେଇ ସୋମବାର ମନ୍ଦିର ପ୍ରଶାସନ ପକ୍ଷରୁ ସେବାୟତଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ନିୟମ ନ ମାନିଲେ ଉଲ୍ଲଘଂନକାରୀଙ୍କ ଠାରୁ ୧୦୦ଟଙ୍କା ଜରିମାନା ଆଦାୟ କରାଯିବ। ଆସନ୍ତା ୧୫ ତାରିଖରୁ ଏହି ନିୟମ ଲାଗୁ କରାଯିବ। ଏ ସମ୍ପର୍କରେ ଶ୍ରୀଲିଙ୍ଗରାଜ ଥାନା ସମେତ ମନ୍ଦିର ପୋଲିସ ଫାଣ୍ଡି କର୍ମଚାରୀଙ୍କୁ ମଧ୍ୟ ଅବଗତ କରାଯାଇଛି। ସୂଚନା ଥାଉ କି, ଶ୍ରୀଲିଙ୍ଗରାଜ ମନ୍ଦିରର ଉନ୍ନତିକରଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ଡିସେମ୍ବର ମାସରେ ପ୍ୟାକେଜ ଘୋଷଣା କରିଥିଲେ।




# ନନ୍ଦନକାନନ ଦୁର୍ନୀତିର ତଦନ୍ତ କରିବ ଭିଜିଲାନ୍ସ

**ଭୁବନେଶ୍ୱର, ୬ା୧(ବ୍ୟୁରୋ)**

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ହୋଇଥିବା ଦୁର୍ନୀତିର ତଦନ୍ତ କରିବ ଭିଜିଲାନ୍ସ। ଏ ସଂକ୍ରାନ୍ତ ଏକ ପିଟିଶନର ଶୁଣାଣି କରି ହାଇକୋର୍ଟର ତତ୍‌କାଳୀନ ମୁଖ୍ୟ ବିଚାରପତି କେ.ଏସ୍. ଝାବେରି ଓ ବିଚାରପତି କେ. ଆର୍. ମହାପାତ୍ରଙ୍କ ଖଣ୍ଡପୀଠ କିଛିଦିନ ତଳେ ଦେଇଥିବା ନିର୍ଦ୍ଦେଶ ଅନୁଯାୟୀ ଆବେଦନକାରୀ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଛନ୍ତି। ଗତ ମାସ ୨୩ ତାରିଖରେ ଭିଜିଲାନ୍ସ ଆବେଦନ ଗ୍ରହଣ କରିଥିବା ଜଣାପଡିଛି।

ସୂଚନାଯୋଗ୍ୟ, ନନ୍ଦନକାନନରେ ଟେଣ୍ଡର ସମେତ ବିଭିନ୍ନ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ଉଠିଥିଲା। ଏନେଇ ଭୁବନେଶ୍ୱରର ୨ଜଣ ଓକିଲ ଅପୂର୍ବ ରଞ୍ଜନ ମଲ୍ଲିକ ଓ ଅଂଶୁମାନ ମହାପାତ୍ର ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରିଥିଲେ। ଭିଜିଲାନ୍ସ ତଦନ୍ତ ପାଇଁ ଅଦାଲତଙ୍କ ନିକଟରେ ସେମାନେ ପ୍ରାର୍ଥନା କରିଥିଲେ। ଡିସେମ୍ବର ୪ରେ ମାମଲା ନଂ.୨୨୮୭୩/୨୦୧୯ର ଶୁଣାଣି କରି ଖଣ୍ଡପୀଠ ଆପ୍ରୋପିଏଟ୍ ଅଥରିଟିଙ୍କ ନିକଟରେ ବିସ୍ତାର ଭାବେ ରିପ୍ରେଜେଣ୍ଟେଶନ କରିବାକୁ ଆବେଦନକାରୀ ଦ୍ୱୟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ରିପ୍ରେଜେଣ୍ଟେଶନ ଗ୍ରହଣ ଦିନଠାରୁ ୬ ସପ୍ତାହ ମଧ୍ୟରେ ମାମଲାର ସମାଧାନ କରିବା ପାଇଁ ଆଦେଶନାମା ଜାରି କରିଥିଲେ। ତଦନୁସାରେ, ଆବେଦନକାରୀମାନେ ଗତ ୨୧ ତାରିଖରେ ମାମଲାରେ ତଦନ୍ତ ପାଇଁ ଆପ୍ରୋପ୍ରିଏଟ୍ ଅଥରିଟି ଭାବରେ ଓଡ଼ିଶାର ଦୁର୍ନୀତି ନିବାରଣ ବିଭାଗ (ଭିଜିଲାନ୍ସ) ନିର୍ଦ୍ଦେଶକଙ୍କୁ ନିଜର ଅଭିଯୋଗ ସଂକ୍ରାନ୍ତ ରିପ୍ରେଜେଣ୍ଟଶନ ଦେଇଥିଲେ। ୨୩ ତାରିଖରେ ଭିଜିଲାନ୍ସ ଏହାକୁ ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ, ଏହି ଦୁର୍ନୀତିକୁ ନେଇ 'ଧରିତ୍ରୀ'ରେ ତଥ୍ୟ ଭିତ୍ତିକ ଖବର ପ୍ରକାଶ ପାଇଥିଲା। ଏହା ପରେ ଆବେଦନକାରୀ ଦ୍ୱୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟର ଆଡ଼ଭୋକେଟ ଦେବାଶିଷ ତ୍ରିପାଠୀ ମକଦ୍ଦମା ପରିଚାଳନା କରିଥିଲେ।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଯାହାର କୌଣସି ମୂଲ୍ୟ ନାହିଁ, ତାକୁ ହିଁ ପାଇବା ପାଇଁ ଅଯଥା ଶକ୍ତି ବ୍ୟୟ କରିବା ମହାଦୁଃଖଦାୟକ।
-ଆଇନ୍‌ଷ୍ଟାଇନ୍



## ସଂକ୍ଷେପରେ

### ଶିଶୁଆ ଛକରେ ଅଗ୍ନିକାଣ୍ଡ ୨ ଦୋକାନ ଜଳିଗଲା

**ବାଙ୍କୀ, ୬।୧(ସ୍ୱ.ପ୍ର.):** ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ଶିଶୁଆ ମୁଖ୍ୟ ଛକରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୨ଟି ଦୋକାନ ଜଳିଯାଇଛି। ନିଆଁରେ ଅଜାତି ସାହୁଙ୍କ ଜଳଖିଆ ଦୋକାନ ଓ ମଥୁରା ସାହୁଙ୍କ ମସଲା ଦୋକାନ ସମ୍ପୂର୍ଣ୍ଣ ଜଳିପୋଡି ପାଉଁଶ ହୋଇଯାଇଛି। ଉଭୟଙ୍କ ଦୋକାନରେ ଥିବା ସମସ୍ତ ଆସବାବପତ୍ର ଓ ସାମଗ୍ରୀ ସବୁ ଜଳିଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବା ବେଳେ ବିଦ୍ୟୁତ୍ ଶର୍ଟ ସର୍କିଟ୍ କିମ୍ବା କୌଣସି ଦୁର୍ବୃତ୍ତ ଦୋକାନରେ ନିଆଁ ଲଗାଇଥିବା ସନ୍ଦେହ କରାଯାଉଛି। ଖବରପାଇ ବାଙ୍କୀ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବାଙ୍କୀ ତହସିଲଦାର ପଦ୍ମଚରଣ ସାହୁଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ସକାଳେ ସଦର ଆରଆଇ ତାପସ ପଣ୍ଡା ଘଟଣା ସ୍ଥଳକୁ ଯାଇ କ୍ଷୟକ୍ଷତିର ବିବରଣୀ ସଂଗ୍ରହ କରିଛନ୍ତି। ବିପନ୍ନମାନଙ୍କୁ ତୁରନ୍ତ ସହାୟତା ଯୋଗାଇଦେବା ପାଇଁ ସାଧାରଣରେ ଦାବି ହୋଇଛି।

### ଆକ୍ରମଣ ଅଭିଯୋଗରେ ୨ ଗିରଫ

**ଖୁଣ୍ଟୁଣୀ, ୬।୧(ଡି.ଏନ୍.ଏ.):** ଖୁଣ୍ଟୁଣୀ ଥାନା ଅଧୀନ କଣ୍ଡରେଇ-ମହାଲକ୍ଷ୍ମୀପୁର ରାସ୍ତାରେ କାମ ହେଉଥିବା ରେଙ୍ଗାଲି କେନାଲର ଅପରେଟରଙ୍କୁ ମାଡ଼ ମାରିବା ଅଭିଯୋଗରେ ସୋମବାର ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କଣ୍ଡରେଇ ପଞ୍ଚାୟତ ଅଧୀନ ସାବିତ୍ରୀପୁର ଗ୍ରାମର କାଳନ୍ଦୀ ବେହେରା ଓ ବିଜୟ ବେହେରା। ଗତ ୪ ତାରିଖ ସକାଳେ ରେଙ୍ଗାଲି କେନାଲ ପାଇଁ ଏକ ପୋଲର ଢଳେଇ ଚାଲିଥିଲା। ଏହି ସମୟରେ କାଳନ୍ଦୀ ସେଠାରେ ପହଞ୍ଚି ଅପରେଟର ଅଜୟ ବିଶୋଇଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିବାକୁ ଉଦ୍ୟମ କରିଥିଲେ। ସେଠାରେ ଉପସ୍ଥିତ ଥିବା ପ୍ରୋଜେକ୍ଟ ମ୍ୟାନେଜର ଧନେଶ୍ୱର ସାହୁ କାଳନ୍ଦୀଙ୍କୁ ବୁଝାଶୁଝା କରି ଘରକୁ ପଠାଇ ଦେଇଥିଲେ। ପ୍ରାୟ ୩୦ ମିନିଟ୍ ପରେ କାଳନ୍ଦୀ ତାଙ୍କ ସହଯୋଗୀ ବିଜୟଙ୍କୁ ଧରି ରଡ୍ ଓ ଲୁହା ପାଇପ୍‌ରେ ଅପରେଟରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ପ୍ରୋଜେକ୍ଟ ମ୍ୟାନେଜର ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩/୨୦) ରୁଜୁ କରିବା ସହ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରିଛି।

### ଫୁଟବଲ: କଖଡ଼ିର ପ୍ରିନ୍ସ କ୍ଲବ ବିଜୟୀ

**ଚୌଦ୍ୱାର,୬।୧(ଡି.ଏନ୍.ଏ):** ପୌରପାଳିକା ଦୌଲତାବାଦସ୍ଥିତ ଅମରଜ୍ୟୋତି କ୍ଲବ୍ ପକ୍ଷରୁ ସୁଧାଂଶୁ ସାହୁ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ୨ୟ ଦିନ ଖେଳରେ କଖଡ଼ିର ପ୍ରିନ୍ସକ୍ଲବ କଟକର ଚାନ୍ଦକ୍ଲବକୁ ହରାଇ ବିଜୟୀ ହୋଇଛି। ମ୍ୟାଚର ପ୍ରଥମାର୍ଦ୍ଧରେ କେହି କାହାରି ବିପକ୍ଷରେ ଗୋଲ ସ୍କୋର କରିବାରେ ସକ୍ଷମ ହୋଇ ପାରି ନ ଥିବାବେଳେ ଖେଳର ଦ୍ୱିତୀୟାର୍ଦ୍ଧରେ ପ୍ରିନ୍ସକ୍ଲବ ତରଫରୁ ବୁଦ୍ଧିଆ ମୁର୍ମୁ ଗୋଟିଏ ମାତ୍ର ସ୍କୋର କରିଥିଲେ। ରେଫେରି ସଞ୍ଜୀବ ଦାସ, ରଜାକ୍ ଖାନ୍ ଓ ପ୍ରଭାକର ବେହେରା ମ୍ୟାଚ୍ ପରିଚାଳନା କରିଥିଲେ। ସୁବାସ ଚନ୍ଦ୍ର ସାହୁ, ମୁରଲୀଧର ମହାରଣା, ପ୍ରକାଶ ସାମଲ, ଜନ୍ ବେହେରା ଓ ସନାତନ ମିଶ୍ର ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

### ଯନ୍ତ୍ରାଂଶ ଚୋରି ଘଟଣା: ୩ ଗିରଫ

**ଚୌଦ୍ୱାର,୬।୧(ଡି.ଏନ୍.ଏ)-** ଓଡ଼ିଶା ଟେକ୍ସଟାଇଲ ମିଲ୍ସ(ଓଟିଏମ୍)ରୁ ଯନ୍ତ୍ରାଂଶ ଚୋରି କରିବା ଅଭିଯୋଗରେ ଚୌଦ୍ୱାର ପୋଲିସ ଅଟକ ରଖିଥିବା ୪ ଯୁବକଙ୍କ ମଧ୍ୟରୁ ୩ଜଣଙ୍କୁ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ କପାଳେଶ୍ୱର ନୂଆସାହିର ଆଲୋକ ଚନ୍ଦ୍ର ସାହୁ,ମଙ୍ଗଳାସାହିର ଚନ୍ଦ୍ର ଶେଖର ବେହେରା ଓ ଭଗବାନ ବେହେରା। ଏ ନେଇ ପୋଲିସ ଥାନାରେ ନଂ.୧୩/୨୦ରେ ଏକ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ଦୀର୍ଘବର୍ଷ ହେବ ବନ୍ଦ ହୋଇ ରହିଥିବା ଓଟିଏମ୍‌ରୁ ସମ୍ପୃକ୍ତ ୪ଜଣ ଯୁବକ ରବିବାର ଯନ୍ତ୍ରାଂଶ ଚୋରିକରି ଏକ ଅଟୋରେ ରଖିଥିଲେ। ପରେ ଅଟୋରେ ବୋଝେଇ ଯନ୍ତ୍ରାଂଶକୁ ସେମାନେ ନେଇ ଯାଉଥିବାବେଳେ ଖବରପାଇ ପୋଲିସ ସେମାନଙ୍କୁ ଅଟକାଇଥିଲା। ପରେ ଉକ୍ତ ଅଟୋ ବୋଝେଇ ଯନ୍ତ୍ରାଂଶକୁ ଜବତ କରିବା ସହ ସମ୍ପୃକ୍ତ ଯୁବକମାନଙ୍କୁ ଧରିଥିଲା।

## ଡାକଘରୁ ଜମା ଅର୍ଥ ହଡ଼ପ ଅଭିଯୋଗ

# ଧାରଣାରେ ବସିଲେ ଜମାକାରୀ

**ମାହାଙ୍ଗା, ୬।୧(ସ୍ୱ.ପ୍ର.)**



ହଳଦିଆ ଶାଖା ଡାକଘର ଆଗରେ ଜମାକାରୀ ଧାରଣା ଦେଇଛନ୍ତି।

ମାହାଙ୍ଗା ଥାନା ଅନ୍ତର୍ଗତ ହଳଦିଆ ଶାଖା ଡାକଘରେ ଜମା ଅର୍ଥ ହଡ଼ପ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ସୋମବାର ଜମାକାରୀ ଏକତ୍ରିତ ହୋଇ ଶାଖା ଆଗରେ ଧାରଣା ଦେବା ସହ ଭାରପ୍ରାପ୍ତ ଡାକ ଅଧିକାରୀ ଭବାନୀ ଶଙ୍କର ପୃଷ୍ଟିଙ୍କୁ ଅଟକ ରଖିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଶାଖାର ପୂର୍ବତନ ପୋଷ୍ଟାଲ ଅଧିକାରୀ ବହୁ ଜମାକାରୀଙ୍କ ଅର୍ଥ ହଡ଼ପ କରି ଏଠାରୁ ବଦଳି ହୋଇ ଚାଲିଯାଇଛନ୍ତି। ଆରଡି ଓ ସୁକନ୍ୟା ଯୋଜନାରେ ଅଧିକ ଅର୍ଥ ହଡ଼ପ ହୋଇଛି। ଏପରି କି ବହୁ ଜମାକାରୀଙ୍କ ଜମାଖାତା ନେଇ ସମ୍ପୃକ୍ତ ଅଧିକାରୀ ନେଇଯାଇଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ଏସବୁ ଅର୍ଥ ଫେରସ୍ତ ସହ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଧାରଣାରେ ବସିଥିବା ଲୋକେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏନେଇ ଜମାକାରୀ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଘଟଣା ସ୍ଥଳକୁ ଡାକିବାକୁ ଦାବି କରିବା ସହ ଭାରପ୍ରାପ୍ତ ପୋଷ୍ଟାଲ ଅଧିକାରୀ ପୃଷ୍ଟିଙ୍କୁ ଅଟକ ରଖିଥିଲେ। ଖବରପାଇ ମାହାଙ୍ଗା ଥାନା ଅନ୍ତର୍ଗତ ଭଦ୍ରେଶ୍ୱର ଫାଣ୍ଡି ଅଧିକାରୀ ତପନ ନାୟକ ସେଠାରେ ପହଞ୍ଚି ପୃଷ୍ଟିଙ୍କୁ ଉଦ୍ଧାର କରିଥିଲେ। ପରେ ଡାକବିଭାଗର କିଛି ଅଧିକାରୀ ଧାରଣାସ୍ଥଳରେ ପହଞ୍ଚି ଜମାକାରୀ ବୁଝାଶୁଝା କରିବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

- ■ଭାରପ୍ରାପ୍ତ ଅଧିକାରୀଙ୍କୁ ଅଟକ ରଖିଲେ ଲୋକେ
- ■ପୂର୍ବତନ ଡାକ ଅଧିକାରୀଙ୍କ ନାମରେ ଅଭିଯୋଗ

ଏ ସମ୍ପର୍କରେ ଭାରପ୍ରାପ୍ତ ଡାକ ଅଧିକାରୀ ପୃଷ୍ଟି କହିଛନ୍ତି, ଜମାକାରୀଙ୍କ ଅର୍ଥ ରାଶିରେ ବ୍ୟାପକ ଅନିୟମିତତା ହୋଇଥିବା ଦେଖିବାକୁ ମିଳିଛି। ଏ ନେଇ ମୁଁ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଇଛି। ଏହି ଧାରଣାରେ ପରମାନନ୍ଦ ବେହେରା, ଅନିତା ସାହୁ, ଦେବେନ୍ଦ୍ର ବେହେରା, ସୁରେଶ ଚନ୍ଦ୍ର ପାତ୍ର, ଚିନ୍ମୟୀ ସାହୁ, ରମେଶ ଚନ୍ଦ୍ର ରାଉତ, ବାବୁରାମ ସାହୁ, ଭଗବାନ ସାହୁ ଓ ସୁରେନ୍ଦ୍ର ଜେନା ପ୍ରମୁଖ ସାମିଲ ହୋଇଥିଲେ।

## ଗାରିମା ଯୋଜନାର ସିଲଭର ଆସେସ୍‌ମେଣ୍ଟ ପରୀକ୍ଷା

# ଜିଲାରେ ନିଶ୍ଚିନ୍ତକୋଇଲି ପ୍ରଥମ

**ନିଶ୍ଚିନ୍ତକୋଇଲି,୬।୧(ସ୍ୱ.ପ୍ର.)**

- ■୪୨ ବିଦ୍ୟାଳୟ ମଧ୍ୟରୁ ୨୩ ଉତ୍ତୀର୍ଣ୍ଣ
- ■କ୍ଲଷ୍ଟର ମଧ୍ୟରେ ନଗସପୁର ପ୍ରଥମ ଓ ଖଣ୍ଡାୟତ ପଟିକିରା ୨ୟ
- ■ବ୍ରୋଞ୍ଜ ଆସେସ୍‌ମେଣ୍ଟ ପରୀକ୍ଷାରେ ୩ୟ ସ୍ଥାନ ପାଇଥିଲା

ସରକାରୀ ସ୍କୁଲରେ ପିଲାମାନଙ୍କ ଶୈକ୍ଷିକ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ଗାରିମା ଯୋଜନା ଆରମ୍ଭ କରାଯାଇଛି। ଏହି ଯୋଜନାରେ ଛାତ୍ରୀଛାତ୍ରଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଇ ୩ ପର୍ଯ୍ୟାୟରେ ପରୀକ୍ଷା କରିବା ଲାଗି ବ୍ୟବସ୍ଥା ହୋଇଛି। ସେଗୁଡିର ନାମ ଯଥାକ୍ରମେ ବ୍ରୋଞ୍ଜ ଆସେସ୍‌ମେଣ୍ଟ,ସିଲଭର ଆସେସ୍‌ମେଣ୍ଟ ଓ ଗୋଲ୍ଡ ଆସେସ୍‌ମେଣ୍ଟ ରଖାଯାଇଛି। ପୂର୍ବରୁ ବ୍ରୋଞ୍ଜ ଆସେସ୍‌ମେଣ୍ଟ ପରୀକ୍ଷା ହୋଇଥିବା ବେଳେ ଏବେ ସିଲଭର ଆସେସ୍‌ମେଣ୍ଟ ପରୀକ୍ଷା ହୋଇଛି। ବ୍ରୋଞ୍ଜ ଆସେସ୍‌ମେଣ୍ଟ ପରୀକ୍ଷାରେ ନିଶ୍ଚିନ୍ତକୋଇଲି ବ୍ଲକ କଟକ ଜିଲାରେ ୩ୟ ସ୍ଥାନରେ ରହିଥିବା ବେଳେ ସିଲଭର ଆସେସ୍‌ମେଣ୍ଟ ପରୀକ୍ଷାରେ ପ୍ରଥମ ସ୍ଥାନରେ ରହିଛି। ସିଲଭର ଆସେସ୍‌ମେଣ୍ଟ ପରୀକ୍ଷାରେ ବ୍ଲକର ୪୨ ବିଦ୍ୟାଳୟ ମଧ୍ୟରୁ ୨୩ଟି ଉତ୍ତୀର୍ଣ୍ଣ ହୋଇଛି। ବ୍ଲକ ଅଧୀନରେ ଥିବା କ୍ଲଷ୍ଟରଗୁଡିକ ମଧ୍ୟରେ ନଗସପୁର ପ୍ରଥମ ଓ ଖଣ୍ଡାୟତ ପଟିକିରା ୨ୟ ସ୍ଥାନରେ ରହିଛି। ନଗସପୁର କ୍ଲଷ୍ଟର ଅଧୀନରେ ଥିବା ୫ ବିଦ୍ୟାଳୟ ମଧ୍ୟରୁ ୪ଟି କୃତକାର୍ଯ୍ୟ ହୋଇଛି। ସେହିପରି ଖଣ୍ଡାୟତ ପଟିକିରା କ୍ଲଷ୍ଟର ମଧ୍ୟରେ ଥିବା ୫ ବିଦ୍ୟାଳୟରୁ ୩ଟି ଉତ୍ତୀର୍ଣ୍ଣ ହୋଇଛନ୍ତି। ଅପରପକ୍ଷେ ସିଲଭର ଆସେସ୍‌ମେଣ୍ଟ ପରୀକ୍ଷାରେ ଜଗନ୍ନାଥ ପ୍ରୋଜେକ୍ଟ,ଝାରପଡା ଓ ରାମକୃଷ୍ଣପୁର କ୍ଲଷ୍ଟରକୁ ସଫଳତା ମିଳିନାହିଁ। ଏସମ୍ପର୍କରେ ବ୍ଲକ ଶିକ୍ଷାଅଧିକାରୀ ମନୋରଞ୍ଜନ ବାରିକ କୁହନ୍ତି, ଗାରିମା ଯୋଜନା ବ୍ଲକରେ ସୁଚାରୁ ରୂପେ କାର୍ଯ୍ୟ କରୁଛି। ପ୍ରଥମ ପର୍ଯ୍ୟାୟରେ ହୋଇଥିବା ବ୍ରୋଞ୍ଜ ଆସେସ୍‌ମେଣ୍ଟ ପରୀକ୍ଷାରେ ଆମକୁ ସେତେ ସଫଳତା ମିଳି ନ ଥିଲା। ମାତ୍ର ସିଲଭର ଆସେସ୍‌ମେଣ୍ଟ ପରୀକ୍ଷାରେ ବ୍ଲକ ଭଲ ସଫଳତା ହାସଲ କରିଛି। ଆଗକୁ ହେବାକୁ ଥିବା ଗୋଲ୍ଡ ଆସେସ୍‌ମେଣ୍ଟ ପରୀକ୍ଷାରେ ବ୍ଲକକୁ ଭଲ ସଫଳତା ମିଳିବ ବୋଲି ଆମେ ଆଶା ରଖିଛୁ। ଯେଉଁ କ୍ଲଷ୍ଟରଗୁଡିକର ପରଫରମାନ୍ସ ଭଲ ନାହିଁ ତା'ଉପରେ ନଜର ଅଧିକ ରଖାଯାଇଛି।

## ଚିଙ୍ଗୁଡ଼ି ଘେରି ଉଚ୍ଛେଦ ମାମଲା

# ପକ୍ଷଭୁକ୍ତ ହେଲା ମତ୍ସ୍ୟଜୀବୀ ସମବାୟ ସମିତି

**କଟକ ଅଫିସ, ୬।୧**

ଚିଙ୍ଗୁଡ଼ି ଘେରି ଉଚ୍ଛେଦ ମାମଲାରେ ସ୍ଥିତି ସମ୍ପର୍କିତ ରିପୋର୍ଟ ଦାଖଲ କରିବାକୁ ହାଇକୋର୍ଟଙ୍କ ପକ୍ଷରୁ ଜିଲାପାଳମାନଙ୍କୁ ଆଦେଶ ହୋଇଛି। ଆସନ୍ତା ୨୭ ତାରିଖ ମଧ୍ୟରେ ଏହି ରିପୋର୍ଟ ଦାଖଲ କରିବା ପାଇଁ ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ସଞ୍ଜୁ ପଣ୍ଡା ଓ ବିଚାରପତି ସଙ୍ଗମ କୁମାର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଏହି ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ପକ୍ଷରୁ ହାଇକୋର୍ଟରେ ଏକ ଆବେଦନ କରାଯାଇଥିଲା। ଉକ୍ତ ଆବେଦନକୁ ଖଣ୍ଡପୀଠ ଗ୍ରହଣ କରି ଘେରି ଉଚ୍ଛେଦ ହେଲେ ସେମାନଙ୍କ ଜୀବନ ଜୀବିକା କେତେ ମାତ୍ରାରେ ପ୍ରଭାବିତ ହେଉଛି ତା'ର ଆକଳନ ରିପୋର୍ଟ ମଧ୍ୟ ଦାଖଲ କରିବାକୁ ଆଦେଶ ହୋଇଛି। ସୂଚନାଥାଉ କି, ଚିଲିକା ଓ ଭିତରକନିକାରେ ବେଆଇନ ଚିଙ୍ଗୁଡ଼ି ଘେରିକୁ ନେଇ ହାଇକୋର୍ଟରେ ଏହି ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାର ଶୁଣାଣି ଜାରି ରହିଥିବାବେଳେ ସୋମବାର ପରିବେଶ ବିଭାଗର ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇକୋର୍ଟରେ ଏକ ସତ୍ୟପାଠ ଦାଖଲ କରାଯାଇଛି। ଚିଙ୍ଗୁଡ଼ି ଘେରି ସମ୍ପର୍କରେ ଗତ ୨ ତାରିଖରେ ଏକ ବୈଠକ ଡକାଯାଇ ଘେରି ଉଚ୍ଛେଦ ଉପରେ ଆଲୋଚନା କରାଯାଇଥିବା ଦର୍ଶାଯାଇଛି।

## ବିଜେଡିର ପଞ୍ଚାୟତସ୍ତରୀୟ କର୍ମକର୍ତ୍ତା ନିର୍ବାଚନ

**ଟାଙ୍ଗୀ(କଟକ),୬।୧(ଡି.ଏନ.ଏ.)**

ଟାଙ୍ଗୀ–ଚୌଦ୍ୱାର ବ୍ଲକ ତଥା ସାଲେପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୧୩ଗୋଟି ପଞ୍ଚାୟତରେ ବିଜେଡି ଦଳ ପକ୍ଷରୁ ପଞ୍ଚାୟତସ୍ତରୀୟ କର୍ମକର୍ତ୍ତା ନିର୍ବାଚନ ହୋଇଯାଇଛି। କରଞ୍ଜି, ସଫା ଓ ଗରୁଡ଼ଗାଁ ପଞ୍ଚାୟତରେ ୪ଜଣିଆ ୱାର୍ଡ଼ କମିଟି ମନୋନୟନ ଓ ପଞ୍ଚାୟତସ୍ତରୀୟ ୧୬ଜଣିଆ କମିଟି ନିର୍ବାଚନ ହୋଇଛି। ୧୧ଗୋଟି ୱାର୍ଡ଼ ବିଶିଷ୍ଟ କରଞ୍ଜି ପଞ୍ଚାୟତରେ ମହେଶ୍ୱର ମହାନ୍ତି, ୧୪ଟି ୱାର୍ଡ଼ ବିଶିଷ୍ଟ ସଫା ପଞ୍ଚାୟତରେ ହେମନ୍ତ କୁମାର ଖୁଣ୍ଟିଆ ଓ ୧୭ଟି ୱାର୍ଡ ବିଶିଷ୍ଟ ଗରୁଡ଼ଗାଁ ପଞ୍ଚାୟତରେ ଅରୁଣ କୁମାର ରାଉତରାୟ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଉକ୍ତ ୩ଗୋଟି ପଞ୍ଚାୟତର ସାଙ୍ଗଠନିକ କାର୍ଯ୍ୟକ୍ରମରେ ବିଧାୟକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇ ଦଳର ନୀତି ଆଦର୍ଶ ମାନି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଗରୁଡ଼ଗାଁ ସରପଞ୍ଚ ସୁବୋଧ କୁମାର ସାମଲ ଓ ଯୁବନେତା ନିବାସ ପାଣ୍ଡବଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ନବନିର୍ବାଚିତ ସଭାପତିମାନଙ୍କୁ ସ୍ୱାଗତ କରିଥିଲେ।

## ମହାନଦୀରେ ପ୍ରଶିକ୍ଷଣ ନେବେ ଏନଡିଆର୍‌ଏଫ୍ କର୍ମଚାରୀ

# ଏମ୍‌ଓୟୁ ସ୍ୱାକ୍ଷରିତ



ଏନଡିଆର୍‌ଏଫ୍ ଡିଆଇଜି ପହଞ୍ଚି ପ୍ରଶିକ୍ଷଣ ସ୍ଥଳ ପରିଦର୍ଶନ କରୁଛନ୍ତି।

**କଟକ ଅଫିସ,୬।୧**

ନ୍ୟାଶନାଲ ଡିଜାଷ୍ଟର ରେସପନ୍ସ ଫୋର୍ସ(ଏନ୍‌ଡିଆର୍‌ଏଫ)ର କର୍ମଚାରୀ ଆସି କଟକରେ ପ୍ରଶିକ୍ଷଣ ନେବେ। ପର୍ଯ୍ୟାୟକ୍ରମେ ଗୋଟିଏ ପରେ ଗୋଟିଏ ରାଜ୍ୟର ଏନଡିଆର୍‌ଏଫ୍ କର୍ମଚାରୀମାନେ ମହାନଦୀରେ ପ୍ରଶିକ୍ଷଣ ହାସଲ କରିବେ। ମହାନଦୀର ବିପଦପୂର୍ଣ୍ଣ ସ୍ଥାନ ସମେତ ଧବଳେଶ୍ୱର ସେତୁ ନିକଟରେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। କଟକର କଳିଙ୍ଗ ଡାଇଭର୍ସ ଫାଉଣ୍ଡେସନ ଟ୍ରଷ୍ଟ ଓ ଦିଲ୍ଲୀର ଏନଡିଆର୍‌ଏଫ୍ ମଧ୍ୟରେ ସୋମବାର ଏଭଳି ଏକ ଏମଓୟୁ ସ୍ୱାକ୍ଷର ହୋଇଛି। ଏନଡିଆର୍‌ଏଫ୍ ଡିଆଇଜି ମୋହସେନ ସେହେଦି କଟକ ଆସିବା ସହ କଳିଙ୍ଗ ଡାଇଭର୍ସ ଫାଉଣ୍ଡେସନ ଟ୍ରଷ୍ଟର ଟ୍ରଷ୍ଟି ତଥା ଅନ୍ତର୍ଜାତୀୟ ସ୍କୁବା ଡାଇଭର ସବୀର ବକ୍ସଙ୍କୁ ଭେଟିଥିଲେ। ଏହି ଅବସରରେ ଚୁକ୍ତିନାମା ସ୍ୱାକ୍ଷର କରାଯାଇଥିବା ଜଣାପଡ଼ିଛି। ଏନ୍‌ଡିଆର୍‌ଏଫ୍ କମାଣ୍ଡାଣ୍ଟ ଜ୍ୟାକବ କିସପୋଟା ଉପସ୍ଥିତ ଥିଲେ। ଏ ନେଇ ସବୀର କହିଛନ୍ତି, ଗ୍ରୁପ ଗଠନ କରାଯାଇ ପ୍ରଶିକ୍ଷଣ ଦିଆଯିବ। ପ୍ରତ୍ୟେକ ଗ୍ରୁପରେ ୩୦ଜଣ ଏନଡିଆର୍‌ଏଫ କର୍ମଚାରୀ ରହିବେ। ପ୍ରତ୍ୟେକ ଗ୍ରୁପର ପ୍ରଶିକ୍ଷଣ ଅବଧି ୬ସପ୍ତାହ ରହିଛି। ମହାନଦୀରେ ପ୍ରଶିକ୍ଷଣ ଶେଷ ପରେ ସେମାନଙ୍କୁ ପାରାଦୀପ ନିକଟ ସମୁଦ୍ରରେ ପ୍ରଶିକ୍ଷଣ ଦିଆଯିବ ବୋଲି ସବୀର କହିଥିଲେ। ଅନ୍ତର୍ଜାତୀୟ ସ୍ତରର ୱିଣ୍ଡ ସର୍ଫିଂ ଖେଳାଳି ଦିଲେଶ ରାଓ ପ୍ରଶିକ୍ଷଣରେ ସହଯୋଗ କରିବେ ବୋଲି ସେ କହିଛନ୍ତି। ଏହି ଅବସରରେ ସୋମବାର କଟକ ତୁଳସୀପୁରସ୍ଥିତ ଡିୟରପାର୍କ ଜେଟିଠାରେ ଏନଡିଆର୍‌ଏଫ୍ ଡିଆଇଜି ପହଞ୍ଚି ପ୍ରଶିକ୍ଷଣ ସ୍ଥଳ ପରିଦର୍ଶନ କରିଛନ୍ତି।

# 'ନୈତିକ ଶିକ୍ଷା ଛାତ୍ର ଜୀବନକୁ ଶୃଙ୍ଖଳିତ କରେ'




ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

**ନରସିଂହପୁର, ୬।୧(ଡି.ଏନ୍.ଏ.)**

**ରାଜ୍ୟସ୍ତରୀୟ ସଂସ୍କୃତ ଆଲୋଚନା ଚକ୍ର**

ରାଜ୍ୟସ୍ତରୀୟ ସଂସ୍କୃତ ବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର ସୋମବାର ନରସିଂହପୁର କଲେଜରେ ଅନୁଷ୍ଠିତ ହୋଇଯାଇଛି। ନୈତିକ ଶିକ୍ଷା ଛାତ୍ର ଜୀବନକୁ ଶୃଙ୍ଖଳିତ କରେ ବୋଲି ଉକ୍ତ ଆଲୋଚନାଚକ୍ରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କଲେଜର ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତି ଏଥିରେ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥିଭାବେ ସ୍ଥାନୀୟ ବିଧାୟକ ଦେବୀପ୍ରସାଦ ମିଶ୍ର, ମୁଖ୍ୟବକ୍ତା ପଣ୍ଡିତ ପ୍ରବୋଧ ମିଶ୍ର, ସମ୍ମାନିତ ଅତିଥି ସଂସ୍କୃତ ବିଭାଗର ମୁଖ୍ୟ ଅଧ୍ୟାପକ ଶିବ ପ୍ରସାଦ ମିଶ୍ର, ପ୍ରାକ୍ତନ ଅଧ୍ୟାପକ ନବ କିଶୋର ସାହୁ, ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର କୁଳମଣି ବାରିକ ଓ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଅଧ୍ୟାପକ ଡ. ପ୍ରଫୁଲ୍ଲ କୁମାର ସାହୁ ସଂଯୋଜନା କରିଥିଲେ। ଏଥିରେ ବଡମ୍ବା, ମାଣିଆବନ୍ଧ, କାନପୁର ସହ ବହୁ କଲେଜର ଅଧ୍ୟାପିକା ଓ ଅଧ୍ୟାପକ ଅଂଶଗ୍ରହଣ କରିଥିଲେ। ଆଲୋଚନାଚକ୍ରର ବିଷୟବସ୍ତୁ 'ଆଜିର ସମାଜରେ ନୈତିକ ଶିକ୍ଷାର ଆବଶ୍ୟକତା' ରହିଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପିକା ଏଲିନା ମିଶ୍ର, ସ୍ୱାତୀପ୍ରିୟା ପଲେଇ, ଲୀନା ମହାନ୍ତି, ଡ. ଗୀତାଞ୍ଜଳି ପଣ୍ଡା, ରତ୍ନବାଳା ସାହୁ, ସ୍ୱାଗତିକା ସାମନ୍ତରାୟ, ଅଧ୍ୟାପକ ଅଭୟ କୁମାର ପଣ୍ଡା, ରମାକାନ୍ତ ଓଝା, ମେଘନାଦ ସାହୁ ଓ ଉମାକାନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଶାଗୁଆନ କାଠ ଜବତ

**ଚୌଦ୍ୱାର,୬।୧(ଡି.ଏନ୍.ଏ)**

ଚୌଦ୍ୱାର ପୌରପାଳିକା ୧୮ନମ୍ବର ୱାର୍ଡ ଗଉଡ଼ସାହିରୁ ଚୌଦ୍ୱାର ବନ ବିଭାଗ ସୋମବାର ଚଢ଼ାଉ କରି ୧୫ ଶାଗୁଆନ ପଟା ଜବତ କରିଛି। ଯାହାର ଆନୁମାନିକ ମୂଲ୍ୟ ୨୦ହଜାର ଟଙ୍କା ହେବ ବୋଲି ଚୌଦ୍ୱାର ବନପାଳ ଜ୍ୟୋତି ରଞ୍ଜନ ମହାପାତ୍ର କହିଛନ୍ତି। ସୂଚନା ଅନୁଯାୟୀ, ଏହି ୱାର୍ଡର ଏକ ପାଚେରି କଡ଼ରେ କାଠ ଶୁଖାଯାଇଥିବା ବନ ବିଭାଗ କୌଣସି ସୂତ୍ରରୁ ଖବରପାଇ ଚଢ଼ାଉ କରିଥିଲା।

# ମାୟାଧର ସେଠୀ ସ୍ମୃତି ପରିଷଦ ଗଠନ

**ସାଲେପୁର, ୬।୧(ଡି.ଏନ୍.ଏ.)**

ସାଲେପୁର ପୂର୍ବତନ ବିଧାୟକ ସ୍ୱର୍ଗତ ମାୟାଧର ସେଠୀଙ୍କ ସ୍ମୃତିକୁ ସାଇତି ରଖିବା ପାଇଁ ମାୟାଧର ସେଠୀ ସ୍ମୃତି ପରିଷଦ ନାମରେ ଏକ ସଂଗଠନ କରାଯାଇଛି। ସାଲେପୁରସ୍ଥିତ ମା' ସାହେଶ୍ୱରୀ ମଣ୍ଡପ ପରିସରରେ ଆୟୋଜିତ ଏହି ବୈଠକରେ ବ୍ଲକ ଅନ୍ତର୍ଗତ ୩୫ ପଞ୍ଚାୟତର ଲୋକେ ଯୋଗଦେଇ ସ୍ୱର୍ଗତ ସେଠୀଙ୍କ ସ୍ମୃତିଚାରଣ କରିଥିଲେ। ସ୍ମୃତି ପରିଷଦର ଆବାହକ ଅକ୍ଷୟ ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ପ୍ରତିଷ୍ଠାତା ସତ୍ୟ ଶିବ ସୁନ୍ଦର କର ଯୋଗଦେଇ ସ୍ୱର୍ଗତ ସେଠୀଙ୍କ ସାଲେପୁର ନିର୍ବାଚନମଣ୍ଡଳୀ ପାଇଁ ଥିବା ଅବଦାନ ସମ୍ପର୍କରେ କହିଥିଲେ। ଆଗାମୀ ଦିନରେ ଏହି ସ୍ମୃତି ପରିଷଦ ମାଧ୍ୟମରେ ସାଲେପୁର ନିର୍ବାଚନମଣ୍ଡଳୀର ବିଭିନ୍ନ ସମସ୍ୟା ରାଜ୍ୟ ସରକାରଙ୍କ ଦୃଷ୍ଟିକୁ ଅଣାଯିବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଗଗନ ବିହାରୀ ନନ୍ଦ, ସୁବାସ ଚନ୍ଦ୍ର ଦାସ, ମନ୍ମଥନାଥ ମହାନ୍ତି, ନିରଞ୍ଜନ ରାଉତରାୟ, ହରେକୃଷ୍ଣ ବେହେରା, ପ୍ରଫୁଲ୍ଲ ଦାସ, ଲୋକନାଥ ବେହେରା ଓ ଗୋପୀନାଥ ଭୋଇ ପ୍ରମୁଖ ଯୋଗଦେଇଥିଲେ।



ବୈଠକରେ ଯୋଗଦେଇଥିବା ପରିଷଦ ସଦସ୍ୟମାନେ।

# ଗୋରଖନାଥ ପୀଠରେ ପୂଜକଙ୍କ ଅନଶନ

**ରଘୁନାଥପୁର,୬।୧(ଡି.ଏନ୍.ଏ.)**



ଗୋରଖନାଥ ପୀଠ ପରିସରରେ ପୂଜକ ଅନଶନ କରିଛନ୍ତି।

ଅନ୍ନପ୍ରସାଦ ପ୍ରସ୍ତୁତି ନିମନ୍ତେ ଅନୁମତି, ରୋଷଘର ତାଲା ଖୋଲାଯିବା ତଥା ୧୦ଦଫା ଦାବି ନେଇ ଗୋରଖନାଥ ପୂଜକ ଓ ସେମାନଙ୍କ ପରିବାର ସଦସ୍ୟମାନେ ସୋମବାର ପୀଠ ପରିସରରେ ଅନଶନରେ ବସିଛନ୍ତି। ପ୍ରଭୁଙ୍କ ନୀତିକାନ୍ତିରେ ନିୟୋଜିତ ଥିବା ଏହି ୧୧ପୂଜକ ପରିବାରଙ୍କ ମଧ୍ୟରୁ ୫ଜଣ ଉପବାସ ରହିଛନ୍ତି। ଅନଶନକାରୀଙ୍କ ଅଭିଯୋଗ ଅନୁଯାୟୀ, ମନ୍ଦିରରେ ସର୍ବସାଧାରଣ ଭକ୍ତଙ୍କ ଅନ୍ନପ୍ରସାଦ ପ୍ରସ୍ତୁତ ରୋଷଶାଳାକୁ ଟ୍ରଷ୍ଟ ବୋର୍ଡ ପକ୍ଷରୁ ତାଲା ପକାଯାଇଛି। ଏହା ତାଙ୍କ ବଂଶାନୁକ୍ରମିକ କାର୍ଯ୍ୟ, ଏଥିରୁ ତାଙ୍କ ପରିବାର ଚଳିଥାନ୍ତି। ଏହାଦ୍ୱାରା ଟ୍ରଷ୍ଟବୋର୍ଡ ଉକ୍ତ ୧୧ ପରିବାର ଉପରେ ମାନସିକ ସ୍ତରରେ ଚାପ ପକାଇ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ପ୍ରସାଦ ବ୍ୟବସ୍ଥାକୁ ବନ୍ଦ କରି ପବିତ୍ର ଅନୁଷ୍ଠାନର ମର୍ଯ୍ୟାଦା କ୍ଷୁର୍ଣ୍ଣ କରିଛନ୍ତି ବୋଲି କହିଛନ୍ତି। ପୂର୍ବାହ୍ନରୁ ଦିଲ୍ଲୀପ ପଣ୍ଡା, ପ୍ରଦୀପ୍ତ ପଣ୍ଡା, ଆଲୋକ ପଣ୍ଡା, ରମେଶ ଚନ୍ଦ୍ର ପଣ୍ଡା, ଉମେଶ ପଣ୍ଡା, ଜ୍ଞାନରଞ୍ଜନ ପଣ୍ଡା, ସୁଦର୍ଶନ ଦାଶ, ନିରଞ୍ଜନ ଦାଶ, ବୀରକିଶୋର ଦାଶ, ଗୋଲଖ ବିହାରୀ ଦାଶ ଓ ପୂର୍ଣ୍ଣଚନ୍ଦ୍ର ଦାଶ ସେମାନଙ୍କ ପରବାର ସଦ୍ୟ ଅନଶନରେ ବସିଛନ୍ତି। ଏମାନଙ୍କ ମଧ୍ୟରୁ ଦିଲୀପ, ଜ୍ଞାନରଞ୍ଜନ, ବଳରାମ ଦାଶ, ସ୍ମୃତିରଞ୍ଜନ ପଣ୍ଡା ଓ ପ୍ରିୟ ଦର୍ଶନୀ ପଣ୍ଡା ଉପବାସରେ ବସି ରହିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ଅନଶନକାରୀ କହିଛନ୍ତି। ରିପୋର୍ଟ ଲେଖା ହେବା ବେଳକୁ କୌଣସି ଅଧିକାରୀ ଅନଶନସ୍ଥଳରେ ପହଞ୍ଚି ନ ଥିବା ଜଣାପଡିଛି। ଅନ୍ୟପକ୍ଷରେ ସ୍ଥାନୀୟ ଅଞ୍ଚଳର ୪ ବ୍ରାହ୍ମଣ ପରିବାର ପ୍ରଭୁଙ୍କ ସେବାନୀତି କରିବା ପାଇଁ ଅନୁମତି ଦେବାକୁ ଟ୍ରଷ୍ଟବୋର୍ଡ ନିକଟରେ ଅନୁରୋଧ କରିଛନ୍ତି। ସୂଚନାଥାଉ କି, ଗତ ୨ ତାରିଖରୁ ଗୋରଖନାଥ ପୀଠରେ ଟ୍ରଷ୍ଟବୋର୍ଡ ପକ୍ଷରୁ ପ୍ରସାଦ ସେବନ ବ୍ୟବସ୍ଥାକୁ ବନ୍ଦ ରଖାଯାଇଛି।

**୫ ବ୍ୟକ୍ତି ଉପବାସରେ ବସିଲେ**



ଯାହାର କୌଣସି ମୂଲ୍ୟ ନାହିଁ, ତାକୁ ହିଁ ପାଇବା ପାଇଁ ଅଯଥା ଶକ୍ତି ବ୍ୟୟ କରିବା ମହାଦୁଃଖଦାୟକ।

- ଆଇନଷ୍ଟାଇନ୍



## ଆଜି କ'ଣ କେଉଁଠି

କଟକ

- ବେଦବ୍ୟାସ ବ୍ରାହ୍ମଣ ସମାଜ ପକ୍ଷରୁ ଏକଶତ ବ୍ରାହ୍ମଣ ସମୂହଙ୍କ ଚଣ୍ଡୀପାଠ ଓ ଯଜ୍ଞ, ଝାଞ୍ଜିରିମଙ୍ଗଳା ମନ୍ଦିର ନିକଟ, ସକାଳ ୭ଟା।
- ରାଜାବଗିଚାସ୍ଥିତ ଡିଏଭି ପବ୍ଲିକ ସ୍କୁଲର ବାର୍ଷିକ କାର୍ଯ୍ୟକ୍ରମ 'ଶ୍ରୀଜନିକା: କଳାରେ ପ୍ରାଚୁର୍ଯ୍ୟ', ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମ, ଅପରାହ୍ନ ୪ଟା।

## ଆକ୍ରମଣ ଅଭିଯୋଗରେ ୨ ଗିରଫ

**ଖୁଣ୍ଟୁଣୀ, ୬।୧(ଡି.ଏନ୍.ଏ.):** ଖୁଣ୍ଟୁଣୀ ଥାନା ଅଧୀନ କଣ୍ଡରେଇ-ମହାଲକ୍ଷ୍ମୀପୁର ରାସ୍ତାରେ କାମ ହେଉଥିବା ରେଙ୍ଗାଲି କେନାଲର ଅପରେଟରଙ୍କୁ ମାଡ଼ ମାରିବା ଅଭିଯୋଗରେ ସୋମବାର ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କଣ୍ଡରେଇ ପଞ୍ଚାୟତ ଅଧୀନ ସାବିତ୍ରୀପୁର ଗ୍ରାମର କାଳନ୍ଦୀ ବେହେରା ଓ ବିଜୟ ବେହେରା। ଗତ ୪ ତାରିଖ ସକାଳେ ରେଙ୍ଗାଲି କେନାଲ ପାଇଁ ଏକ ପୋଲର ଢଳେଇ ଚାଲିଥିଲା। ଏହି ସମୟରେ କାଳନ୍ଦୀ ସେଠାରେ ପହଞ୍ଚି ଅପରେଟର ଅଜୟ ବିଶୋଇଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିବାକୁ ଉଦ୍ୟମ କରିଥିଲେ। ସେଠାରେ ଉପସ୍ଥିତ ଥିବା ପ୍ରୋଜେକ୍ଟ ମ୍ୟାନେଜର ଧନେଶ୍ୱର ସାହୁ କାଳନ୍ଦୀଙ୍କୁ ବୁଝାଶୁଝା କରି ଘରକୁ ପଠାଇ ଦେଇଥିଲେ। ପ୍ରାୟ ୩୦ ମିନିଟ୍ ପରେ କାଳନ୍ଦୀ ତାଙ୍କ ସହଯୋଗୀ ବିଜୟଙ୍କୁ ଧରି ରଡ୍ ଓ ଲୁହା ପାଇପ୍‌ରେ ଅପରେଟରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ପ୍ରୋଜେକ୍ଟ ମ୍ୟାନେଜର ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩/୨୦) ରୁଜୁ କରିବା ସହ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରିଛି।

## ଯନ୍ତ୍ରାଂଶ ଚୋରି ଘଟଣା: ୩ ଗିରଫ

**ଚୌଦ୍ୱାର,୬।୧(ଡି.ଏନ୍.ଏ):** ଓଡ଼ିଶା ଟେକ୍ସଟାଇଲ ମିଲ୍ସ(ଓଟିଏମ୍)ରୁ ଯନ୍ତ୍ରାଂଶ ଚୋରି କରିବା ଅଭିଯୋଗରେ ଚୌଦ୍ୱାର ପୋଲିସ ଅଟକ ରଖିଥିବା ୪ ଯୁବକଙ୍କ ମଧ୍ୟରୁ ୩ଜଣଙ୍କୁ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ କପାଳେଶ୍ୱର ନୂଆସାହିର ଆଲୋକ ଚନ୍ଦ୍ର ସାହୁ,ମଙ୍ଗଳାସାହିର ଚନ୍ଦ୍ର ଶେଖର ବେହେରା ଓ ଭଗବାନ ବେହେରା। ଏ ନେଇ ପୋଲିସ ଥାନାରେ ନଂ.୧୩/୨୦ରେ ଏକ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ଦୀର୍ଘବର୍ଷ ହେବ ବନ୍ଦ ହୋଇ ରହିଥିବା ଓଟିଏମ୍‌ରୁ ସମ୍ପୃକ୍ତ ୪ଜଣ ଯୁବକ ରବିବାର ଯନ୍ତ୍ରାଂଶ ଚୋରିକରି ଏକ ଅଟୋରେ ରଖିଥିଲେ। ପରେ ଅଟୋରେ ବୋଝେଇ ଯନ୍ତ୍ରାଂଶକୁ ସେମାନେ ନେଇ ଯାଉଥିବାବେଳେ ଖବରପାଇ ପୋଲିସ ସେମାନଙ୍କୁ ଅଟକାଇଥିଲା। ପରେ ଉକ୍ତ ଅଟୋ ବୋଝେଇ ଯନ୍ତ୍ରାଂଶକୁ ଜବତ କରିବା ସହ ସମ୍ପୃକ୍ତ ଯୁବକମାନଙ୍କୁ ଧରିଥିଲା।

## ଫୁଟବଲ: କଖଡ଼ିର ପ୍ରିନ୍ସ କ୍ଲବ ବିଜୟୀ

**ଚୌଦ୍ୱାର,୬।୧(ଡି.ଏନ୍.ଏ):** ପୌରପାଳିକା ଦୌଲତାବାଦସ୍ଥିତ ଅମରଜ୍ୟୋତି କ୍ଲବ୍ ପକ୍ଷରୁ ସୁଧାଂଶୁ ସାହୁ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ୨ୟ ଦିନ ଖେଳରେ କଖଡ଼ିର ପ୍ରିନ୍ସକ୍ଲବ କଟକର ଚାନ୍ଦକ୍ଲବକୁ ହରାଇ ବିଜୟୀ ହୋଇଛି। ମ୍ୟାଚର ପ୍ରଥମାର୍ଦ୍ଧରେ କେହି କାହାରି ବିପକ୍ଷରେ ଗୋଲ ସ୍କୋର କରିବାରେ ସକ୍ଷମ ହୋଇ ପାରି ନ ଥିବାବେଳେ ଖେଳର ଦ୍ୱିତୀୟାର୍ଦ୍ଧରେ ପ୍ରିନ୍ସକ୍ଲବ ତରଫରୁ ବୁଦ୍ଧିଆ ମୁର୍ମୁ ଗୋଟିଏ ମାତ୍ର ସ୍କୋର କରିଥିଲେ। ରେଫେରି ସଞ୍ଜୀବ ଦାସ, ରଜାକ୍ ଖାନ୍ ଓ ପ୍ରଭାକର ବେହେରା ମ୍ୟାଚ୍ ପରିଚାଳନା କରିଥିଲେ। ସୁବାସ ଚନ୍ଦ୍ର ସାହୁ, ମୁରଲୀଧର ମହାରଣା, ପ୍ରକାଶ ସାମଲ, ଜନ୍ ବେହେରା ଓ ସନାତନ ମିଶ୍ର ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅମରଜ୍ୟୋତି କ୍ଲବର ସମସ୍ତ ସଦସ୍ୟ କ୍ରୀଡ଼ା ପରିଚାଳନା କରିଥିଲେ।

## ଶାଗୁଆନ କାଠ ଜବତ

**ଚୌଦ୍ୱାର,୬।୧(ଡି.ଏନ୍.ଏ):** ଚୌଦ୍ୱାର ପୌରପାଳିକା ୧୮ନମ୍ବର ୱାର୍ଡ ଗଉଡ଼ସାହିରୁ ଚୌଦ୍ୱାର ବନ ବିଭାଗ ସୋମବାର ଚଢ଼ାଉ କରି ୧୫ ଶାଗୁଆନ କାଠ ଜବତ କରିଛି। ଯାହାର ଆନୁମାନିକ ମୂଲ୍ୟ ୨୦ହଜାର ଟଙ୍କା ହେବ ବୋଲି ଚୌଦ୍ୱାର ବନପାଳ ଜ୍ୟୋତି ରଞ୍ଜନ ମହାପାତ୍ର କହିଛନ୍ତି। ଏହି ୱାର୍ଡରେ ଏକ ପାଚେରି କଡ଼ରେ କାଠ ଶୁଖାଯାଇଥିବା ବନ ବିଭାଗ ଖବରପାଇ ଚଢ଼ାଉ କରିଥିଲା। ସେଠାରେ କାଠର କୌଣସି ଦାବିଦାର ନ ଥିବାରୁ କାଠ ଜବତ କରି ଚୌଦ୍ୱାର ସେକ୍ସନ ଅଫିସକୁ ଅଣାଯାଇଥିବା ଜଣାପଡିଛି।

### ଜେଏନ୍‌ୟୁରେ ଆକ୍ରମଣ ଘଟଣାର ପ୍ରତିବାଦ

# ବିଭିନ୍ନ ଛାତ୍ର ସଙ୍ଗଠନ ପକ୍ଷରୁ ବିକ୍ଷୋଭ

**କଟକ ଅଫିସ, ୬।୧**



କଟକ କଲେଜ ଛକ ଠାରୁ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ବାହାରିଥିବା ମହମବତି ଶୋଭାଯାତ୍ରା।

ଦିଲ୍ଲୀର ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) ପରିସରରେ ରବିବାର ରାତିରେ କେତେଜଣ ମୁଖାପିନ୍ଧା ଗୁଣ୍ଡା ପ୍ରବେଶ କରି ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କୁ କାଠଫାଳିଆ, ଲୁହାରଡ୍‌ରେ ଆକ୍ରମଣ କରିଥିଲେ। ଏହି ଘଟଣା ପ୍ରତିବାଦରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଟକ ଜିଲା କଂଗ୍ରେସ ଓ ଅଖିଳ ଭାରତୀୟ ଛାତ୍ର କଂଗ୍ରେସ ପକ୍ଷରୁ ଜେଏନ୍‌ୟୁ ଛାତ୍ରୀଛାତ୍ରଙ୍କ ଉପରେ ହୋଇଥିବା ଆକ୍ରମଣରେ ଆରଏସ୍‌ଏସ୍ ଓ ଏବିଭିପିର ସମ୍ପୃକ୍ତି ଥିବା ଅଭିଯୋଗ କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଟକ କଲେଜଛକଠାରେ ଥିବା କଂଗ୍ରେସ କାର୍ଯ୍ୟାଳୟଠାରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା କରାଯାଇ ପ୍ରତିବାଦ କରାଯାଇଥିଲା। ଏଥିରେ ଯୁବ କଂଗ୍ରେସର ସମ୍ପାଦକ ଡ. ବିପ୍ଳବ ଶିଳାଦିତ୍ୟ, ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ଶିବକୁମାର ଅଗ୍ରୱାଲ, ସଭାପତି ପ୍ରତୀକ ନାୟକ, ରାକେଶ ମହନା, ଆଶୁତୋଷ ରାଉତ ଓ ପ୍ରୀତମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଏଆଇଡିଏସ୍‌ଓ ପକ୍ଷରୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ମୁଖ୍ୟଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଘଟଣା ପଛରେ ପୋଲିସର ପରୋକ୍ଷ ଭାବରେ ହାତ ରହିଛି। ଏହି ଘଟଣାରେ ଏବିଭିପି ଛାତ୍ରମାନଙ୍କର ସମ୍ପୃକ୍ତି ଥିବା ନେଇ ସଙ୍ଗଠନ ସମ୍ପାଦକ ବିନୋଦ ସେଠୀ ଅଭିଯୋଗ କରିଥିଲେ। ଏଥିସହିତ ଆକ୍ରମଣକରୀଙ୍କୁ ଗିରଫ କରିବା, ଫି' ବୃଦ୍ଧି ପ୍ରତ୍ୟାହାର କରିବାକୁ ଦାବି କରାଯାଇଛି। ଏହି ବିକ୍ଷୋଭରେ ସଙ୍ଗଠନର କଟକ ଜିଲା କମିଟି ଉପସଭାପତି ତରୁଣସେନ ନାୟକ, କୋଷାଧ୍ୟକ୍ଷ ଈଷା ଧର, ସମ୍ପାଦକମଣ୍ଡଳୀ ସଦସ୍ୟା ଶିବାନୀ ସାହୁ, ଶୁଭସ୍ମିତା ସାହୁ, ଜ୍ୟୋତ୍ସ୍ନାରାଣୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଉକ୍ତ ଘଟଣା ପ୍ରତିବାଦରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ କଟକ କଲେଜ ଛକ ଠାରୁ ମହମବତୀ ଶୋଭାଯାତ୍ରା ବାହାରିଥିଲା। ଏଥି ସହ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ ଯୋଗଦେଇ ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରିଥିଲେ। ଏଥିରେ ରାଜ୍ୟ ଛାତ୍ର ଉପସଭାପତି କନିଷ୍କ ଜେନା, ମନୋଜିତ୍ ଦାସ, ଚିନ୍ମୟ କୁମାର ଦାସ, ରଞ୍ଜିତ ଦାସ ପ୍ରମୁଖ ଯୋଗଦେଇଥିଲେ।

### ଚିଙ୍ଗୁଡ଼ି ଘେରି ଉଚ୍ଛେଦ ମାମଲା

## ପକ୍ଷଭୁକ୍ତ ହେଲା ମତ୍ସ୍ୟଜୀବୀ ସମବାୟ ସମିତି

**କଟକ ଅଫିସ, ୬।୧**

ଚିଙ୍ଗୁଡ଼ି ଘେରି ଉଚ୍ଛେଦ ମାମଲାରେ ସ୍ଥିତି ସମ୍ପର୍କିତ ରିପୋର୍ଟ ଦାଖଲ କରିବାକୁ ହାଇକୋର୍ଟଙ୍କ ପକ୍ଷରୁ ଜିଲାପାଳମାନଙ୍କୁ ଆଦେଶ ହୋଇଛି। ଆସନ୍ତା ୨୭ ତାରିଖ ମଧ୍ୟରେ ଏହି ରିପୋର୍ଟ ଦାଖଲ କରିବା ପାଇଁ ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ସଞ୍ଜୁ ପଣ୍ଡା ଓ ବିଚାରପତି ସଙ୍ଗମ କୁମାର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଏହି ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ପକ୍ଷରୁ ହାଇକୋର୍ଟରେ ଏକ ଆବେଦନ କରାଯାଇଥିଲା। ଉକ୍ତ ଆବେଦନକୁ ଖଣ୍ଡପୀଠ ଗ୍ରହଣ କରି ଘେରି ଉଚ୍ଛେଦ ହେଲେ ସେମାନଙ୍କ ଜୀବନ ଜୀବିକା କେତେ ମାତ୍ରାରେ ପ୍ରଭାବିତ ହେଉଛି ତା'ର ଆକଳନ ରିପୋର୍ଟ ମଧ୍ୟ ଦାଖଲ କରିବାକୁ ଆଦେଶ ହୋଇଛି। ସୂଚନାଥାଉ କି, ଚିଲିକା ଓ ଭିତରକନିକାରେ ବେଆଇନ ଚିଙ୍ଗୁଡ଼ି ଘେରିକୁ ନେଇ ହାଇକୋର୍ଟରେ ଏହି ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାର ଶୁଣାଣି ଜାରି ରହିଥିବାବେଳେ ସୋମବାର ପରିବେଶ ବିଭାଗର ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇକୋର୍ଟରେ ଏକ ସତ୍ୟପାଠ ଦାଖଲ କରାଯାଇଛି। ଚିଙ୍ଗୁଡ଼ି ଘେରି ସମ୍ପର୍କରେ ଗତ ୨ ତାରିଖରେ ଏକ ବୈଠକ ଡକାଯାଇ ଘେରି ଉଚ୍ଛେଦ ଉପରେ ଆଲୋଚନା କରାଯାଇଥିବା ଦର୍ଶାଯାଇଛି।

### ମହାନଦୀରେ ପ୍ରଶିକ୍ଷଣ ନେବେ ଏନଡିଆର୍‌ଏଫ୍ କର୍ମଚାରୀ

## ଏମଓୟୁ ସ୍ୱାକ୍ଷରିତ


ଏନଡିଆର୍‌ଏଫ୍ ଡିଆଇଜି ପହଞ୍ଚି ପ୍ରଶିକ୍ଷଣ ସ୍ଥଳ ପରିଦର୍ଶନ କରୁଛନ୍ତି।

**କଟକ ଅଫିସ,୬।୧**

ନ୍ୟାଶନାଲ ଡିଜାଷ୍ଟର ରେସପନ୍ସ ଫୋର୍ସ(ଏନ୍‌ଡିଆର୍‌ଏଫ)ର କର୍ମଚାରୀ ଆସି କଟକରେ ପ୍ରଶିକ୍ଷଣ ନେବେ। ପର୍ଯ୍ୟାୟକ୍ରମେ ଗୋଟିଏ ପରେ ଗୋଟିଏ ରାଜ୍ୟର ଏନଡିଆର୍‌ଏଫ୍ କର୍ମଚାରୀମାନେ ମହାନଦୀରେ ପ୍ରଶିକ୍ଷଣ ହାସଲ କରିବେ। ମହାନଦୀର ବିପଦପୂର୍ଣ୍ଣ ସ୍ଥାନ ସମେତ ଧବଳେଶ୍ୱର ସେତୁ ନିକଟରେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। କଟକର କଳିଙ୍ଗ ଡାଇଭର୍ସ ଫାଉଣ୍ଡେସନ ଟ୍ରଷ୍ଟ ଓ ଦିଲ୍ଲୀର ଏନଡିଆର୍‌ଏଫ୍ ମଧ୍ୟରେ ସୋମବାର ଏଭଳି ଏକ ଏମଓୟୁ ସ୍ୱାକ୍ଷର ହୋଇଛି। ଏନଡିଆର୍‌ଏଫ୍ ଡିଆଇଜି ମୋହସେନ ସେହେଦି କଟକ ଆସିବା ସହ କଳିଙ୍ଗ ଡାଇଭର୍ସ ଫାଉଣ୍ଡେସନ ଟ୍ରଷ୍ଟର ଟ୍ରଷ୍ଟି ତଥା ଅନ୍ତର୍ଜାତୀୟ ସ୍କୁବା ଡାଇଭର ସବୀର ବକ୍ସଙ୍କୁ ଭେଟିଥିଲେ। ଏହି ଅବସରରେ ଚୁକ୍ତିନାମା ସ୍ୱାକ୍ଷର କରାଯାଇଥିବା ଜଣାପଡ଼ିଛି। ଏନ୍‌ଡିଆର୍‌ଏଫ୍ କମାଣ୍ଡାଣ୍ଟ ଜ୍ୟାକବ କିସପୋଟା ଉପସ୍ଥିତ ଥିଲେ। ଏ ନେଇ ସବୀର କହିଛନ୍ତି, ଗ୍ରୁପ ଗଠନ କରାଯାଇ ପ୍ରଶିକ୍ଷଣ ଦିଆଯିବ। ପ୍ରତ୍ୟେକ ଗ୍ରୁପରେ ୩୦ଜଣ ଏନଡିଆର୍‌ଏଫ କର୍ମଚାରୀ ରହିବେ। ପ୍ରତ୍ୟେକ ଗ୍ରୁପର ପ୍ରଶିକ୍ଷଣ ଅବଧି ୬ସପ୍ତାହ ରହିଛି। ମହାନଦୀରେ ପ୍ରଶିକ୍ଷଣ ଶେଷ ପରେ ସେମାନଙ୍କୁ ପାରାଦୀପ ନିକଟ ସମୁଦ୍ରରେ ପ୍ରଶିକ୍ଷଣ ଦିଆଯିବ ବୋଲି ସବୀର କହିଥିଲେ। ଅନ୍ତର୍ଜାତୀୟ ସ୍ତରର ୱିଣ୍ଡ ସର୍ଫିଂ ଖେଳାଳି ଦିଲେଶ ରାଓ ପ୍ରଶିକ୍ଷଣରେ ସହଯୋଗ କରିବେ ବୋଲି ସେ କହିଛନ୍ତି। ଏହି ଅବସରରେ ସୋମବାର କଟକ ତୁଳସୀପୁରସ୍ଥିତ ଡିୟରପାର୍କ ଜେଟିଠାରେ ଏନଡିଆର୍‌ଏଫ୍ ଡିଆଇଜି ପହଞ୍ଚି ପ୍ରଶିକ୍ଷଣ ସ୍ଥଳ ପରିଦର୍ଶନ କରିଛନ୍ତି।

## ଛାତ୍ରୀଛାତ୍ର ଜ୍ଞାନର ପରିସୀମା ବୃଦ୍ଧି କରନ୍ତୁ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**କଟକ ଅଫିସ, ୬।୧**

ଅଜୟ ବିନୟ ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିଠାରେ ସୋମବାର ସ୍ମାର୍ଟ ଗ୍ରୀଡ଼ ଚାଲେଞ୍ଜ ଆଣ୍ଡ ଡେଭଲପମେଣ୍ଟ ଉପରେ ଏକ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ଆଇଆଇଟି ଖଡ଼ଗପୁରର ପ୍ରଫେସର ଅରବିନ୍ଦ ରାଉତରାୟ ଯୋଗଦେଇ କହିଥିଲେ, ଦେଶକୁ ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ଦେବାପାଇଁ ଛାତ୍ରୀଛାତ୍ରମାନେ ନୂଆ ଜ୍ଞାନକୌଶଳର ବ୍ୟବହାର ସମ୍ପର୍କିତ ଶିକ୍ଷା ଅଧ୍ୟୟନ କରନ୍ତୁ। ଏଥିରେ ସମ୍ମାନିତ ଅତିଥି ଭାବେ ଇଂ. ପ୍ରଶାନ୍ତ କୁମାର ପଟ୍ଟନାୟକ କହିଥିଲେ, ଛାତ୍ରୀଛାତ୍ରମାନେ ନିଜ ଜ୍ଞାନର ପରିସୀମାକୁ ସବୁବେଳେ ବୃଦ୍ଧି କରନ୍ତୁ। ଏଥିସହିତ ନୂଆ ଉଦ୍ଭାବନ ପାଇଁ ମନୋନିବେଶ କରିବାକୁ ସେ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଇଂ. ସତ୍ୟଦର୍ଶୀ ମିଶ୍ର ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟତମ ଅତିଥି ଟିଇକ୍ୟୁଆଇପିର ସଂଯୋଜକ ଡ. ରଞ୍ଜନ କୁମାର ଜେନା ଯୋଗଦେଇଥିଲେ। ଡ. ଶିବକୁମାର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମ ୫ ଦିନ ଧରି ଚାଲିବ। ପ୍ରଫେସର ଏକେ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟକ୍ଷା ଲୀନା ସାମନ୍ତରାୟ, ନିର୍ଦ୍ଦେଶିକା ପାୟଲ ମହାପାତ୍ର, ପ୍ରଫେସର ପ୍ରଶାନ୍ତିନୀ ସାମନ୍ତରାୟ, ଡ. ବିଏନ ଗୁରୁ, ଦୁର୍ଗାମାଧବ ସ୍ୱାଇଁ, ଅଶୋକ କୁମାର ମହାପୁଲିଆ ପ୍ରମୁଖ ଉପସ୍ଥିତ ଥିଲେ।

## ନିଆଳିରେ ଖୋଲିଲା ୩ ଧାନମଣ୍ଡି

**ନିଆଳି,୬।୧(ଡି.ଏନ.ଏ.)**

ନିଆଳି ବ୍ଲକ ଅନ୍ତର୍ଗତ ବାହାରଣା ସେବା ସମବାୟ ସମିତି ପକ୍ଷରୁ ବାହାରଣାଠାରେ ସୋମବାର ଧାନମଣ୍ଡି ଶୁଭାରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କଳ୍ପନା ପାଣି ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସେବା ସମବାୟ ସମିତିର ସଭାପତି ଚିତ୍ତରଞ୍ଜନ ପ୍ରଧାନ, ସମ୍ପାଦକ ନିର୍ମଳ କୁମାର ଜେନା, ସହ ସମ୍ପାଦକ ପୀତବାସ ପାଲ୍ ପ୍ରମୁଖ ପୂଜାର୍ଚ୍ଚନା କରି ଧାନମଣ୍ଡି ଉଦ୍‌ଘାଟନ କରିଥିଲେ। ୨୫ଜଣ ଚାଷୀଙ୍କ ଠାରୁ ୭୮୭ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିଲା। ସମ୍ପାଦକ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ମାଧବ ସେବା ସମବାୟ ସମିତି ପକ୍ଷରୁ ମଧ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଆମ୍ବ ଅଧ୍ୟକ୍ଷ ଆଦିତ୍ୟ ପାଣି ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିବାବେଳେ ସମବାୟ ସମିତିର ସଭାପତି ଜଟାଧାରୀ ସ୍ୱାଇଁ, ସମ୍ପାଦକ ଅର୍ଜ୍ଜୁନ ପଲ୍ଲାଇ, ସରପଞ୍ଚ ଅଭିମନ୍ୟୁ ସାହୁ, ମାଧବ ଇଣ୍ଡିଆନ୍ ବ୍ୟାଙ୍କ ଶାଖାର ପରିଚାଳକ ରୋପ୍ୟକାନ୍ତି ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ୩୯ଜଣ ଚାଷୀଙ୍କଠାରୁ ୮ଶହ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିଲା। ସେହିପରି ନିଆଳି ସେବା ସମବାୟ ସମିତି ପକ୍ଷରୁ ଧାନମଣ୍ଡି ଶୁଭାରମ୍ଭ ହୋଇଥିବାବେଳେ ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ କୁମାର ସିଂହ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ସମବାୟ ସମିତିର ସଭାପତି ବାବାଜୀ ଚରଣ ସ୍ୱାଇଁ, ବିଷ୍ଣୁଚରଣ ସ୍ୱାଇଁ, ସମ୍ପାଦକ ଇତିଶ୍ରୀ ସାହୁ ଓ ମିଳର ପ୍ରମୁଖ ଉପସ୍ଥିତ ରହି ୨୦ଜଣ ଚାଷୀଙ୍କ ଠାରୁ ୭୭୫ କୁଇଣ୍ଟାଲ ଧାନ ସଂଗ୍ରହ କରିଥିଲେ।

## ଜିଲାପାଳଙ୍କ ଜନଶୁଣାଣି ଶିବିର

**କଟକ ସଦର, ୬।୧(ଡି.ଏନ୍.ଏ.)**

କଟକ ସଦର ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ଯୋଗଦେଇ ୧୦୭ଟି ଅଭିଯୋଗର ଶୁଣାଣି କରିଥିଲେ। ୪୨ ମୌଜା ଅଧୀନ ଆଇତଲଙ୍ଗ ପଡ଼ାଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ମିଳିଥିଲେ ମଧ୍ୟ ଅମିନଙ୍କ ଅଭାବ ହେତୁ ନକ୍ସା ପ୍ରସ୍ତୁତି ଓ ଖାତା ଅଲଗା କରିବାରେ ବିଳମ୍ବ ହେଉଛି ବୋଲି ମାନଗୋବିନ୍ଦ ପଣ୍ଡା ଅଭିଯୋଗ କରିଥିଲେ। ଏହାଛଡ଼ା ବିଭିନ୍ନ ନିର୍ମାଣ କାର୍ଯ୍ୟର ତଦାରଖ ନକଲି ଯନ୍ତ୍ରୀଙ୍କ ଦ୍ୱାରା କରାଯାଉଥିବା ଅଭିଯୋଗର ଶୁଣାଣି କରି ଆବଶ୍ୟକ ପଦକ୍ଷେପ ନେବା ପାଇଁ ଖଣ୍ଡାୟତରାୟ ବ୍ଲକର ସହକାରୀ ନିର୍ବାହୀଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆବାସ ତାଲିକାରୁ ନାମ କାଟିବାକୁ ନେଇ ୬୦ଟି ଅଭିଯୋଗ ଆସିଥିଲା। ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମହମ୍ମଦ ଅବ୍‌ଦାଲ ଅଖ୍ତର, ଉପଜିଲାପାଳ ଶୁଭ୍ରାଂଶୁ ଶେଖର ମିଶ୍ର, ଭାରପ୍ରାପ୍ତ ବିଡିଓ ଜ୍ଞାନରଞ୍ଜନ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୨ ମଣ୍ଡିରୁ ୧୬୮୪ କୁଇଣ୍ଟାଲ ଧାନ ସଂଗ୍ରହ

**କଣ୍ଟାପଡ଼ା, ୬।୧(ଡି.ଏନ୍.ଏ.)**

କଣ୍ଟାପଡ଼ା ବ୍ଲକ ଅଧୀନ କଣ୍ଟାପଡ଼ା ଓ ଅଡ଼ଶପୁର ସେବା ସମବାୟ ସମିତି ଜରିଆରେ ଚାଷୀମାନଙ୍କଠାରୁ ସୋମବାର ଧାନକ୍ରୟ ଆରମ୍ଭ ହୋଇଛି। ପ୍ରଥମ ଦିନରେ କଣ୍ଟାପଡ଼ା ମଣ୍ଡିରେ ୨୯ ଚାଷୀଙ୍କଠାରୁ ୮୮୪ କୁଇଣ୍ଟାଲ ଓ ଅଡ଼ଶପୁରରେ ୨୭ ଚାଷୀଙ୍କଠାରୁ ୮୦୦ କୁଇଣ୍ଟାଲ ଧାନ କିଣାଯାଇଛି। କଣ୍ଟାପଡ଼ା ମଣ୍ଡିକୁ ସମିତି ସଭାପତି କୈଳାସ ମହାରଣା ଓ ଅଡ଼ଶପୁର ମଣ୍ଡିକୁ ସରପଞ୍ଚ ଡଲି ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିବନାରାୟଣ ମହାନ୍ତି, ଶ୍ରୀମନ୍ତ ମହାପାତ୍ର, ପ୍ରୀତି ବେହେରା, ଯଶୋବନ୍ତ ପାଇଟାଳ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡିର ପଞ୍ଚାୟତସ୍ତରୀୟ କର୍ମକର୍ତ୍ତା ନିର୍ବାଚନ

**ଟାଙ୍ଗୀ(କଟକ),୬।୧(ଡି.ଏନ.ଏ.)**

ଟାଙ୍ଗୀ–ଚୌଦ୍ୱାର ବ୍ଲକ ତଥା ସାଲେପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୧୩ଗୋଟି ପଞ୍ଚାୟତରେ ବିଜେଡି ଦଳ ପକ୍ଷରୁ ପଞ୍ଚାୟତସ୍ତରୀୟ କର୍ମକର୍ତ୍ତା ନିର୍ବାଚନ ହୋଇଯାଇଛି। କରଞ୍ଜି, ସଫା ଓ ଗରୁଡ଼ଗାଁ ପଞ୍ଚାୟତରେ ୪ଜଣିଆ ୱାର୍ଡ଼ କମିଟି ମନୋନୟନ ଓ ପଞ୍ଚାୟତସ୍ତରୀୟ ୧୬ଜଣିଆ କମିଟି ନିର୍ବାଚନ ହୋଇଛି। ୧୧ଗୋଟି ୱାର୍ଡ଼ ବିଶିଷ୍ଟ କରଞ୍ଜି ପଞ୍ଚାୟତରେ ମହେଶ୍ୱର ମହାନ୍ତି, ୧୪ଟି ୱାର୍ଡ଼ ବିଶିଷ୍ଟ ସଫା ପଞ୍ଚାୟତରେ ହେମନ୍ତ କୁମାର ଖିଲାର ଓ ୧୭ଟି ୱାର୍ଡ଼ ବିଶିଷ୍ଟ ଗରୁଡ଼ଗାଁ ପଞ୍ଚାୟତରେ ଅରୁଣ କୁମାର ରାଉତରାୟ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଉକ୍ତ ୩ଗୋଟି ପଞ୍ଚାୟତର ସାଙ୍ଗଠନିକ କାର୍ଯ୍ୟକ୍ରମରେ ବିଧାୟକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇ ଦଳର ନୀତି ଆଦର୍ଶ ମାନି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଗରୁଡ଼ଗାଁ ସରପଞ୍ଚ ସୁବୋଧ କୁମାର ସାମଲ ଓ ଯୁବନେତା ନିବାସ ପାଣ୍ଡବଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ନବନିର୍ବାଚିତ ସଭାପତିମାନଙ୍କୁ ସ୍ୱାଗତ କରିଥିଲେ।

## ଜିଲାପାଳଙ୍କ ହସ୍ତକ୍ଷେପ ପରେ ବିବାଦର ସମାଧାନ

**କଟକ ସଦର, ୬।୧(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅଧ୍ୟକ୍ଷା ଶ୍ରୀମନ୍ତିନୀ ବେହେରାଙ୍କ ପ୍ରକୋଷ୍ଠ ପରିବର୍ତ୍ତନ ନେଇ ୬ ମାସ ଧରି ଲାଗି ରହିଥିବା ବିବାଦର ସମାଧାନ ପାଇଁ ସୋମବାର କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ଉଦ୍ୟମ କରିଥିଲେ। ଅଧ୍ୟକ୍ଷା ବେହେରା ଓ ଉପାଧ୍ୟକ୍ଷ ବିଭୂତି ଭୂଷଣ ପରିଡାଙ୍କ ସମେତ ୩୫ରୁ ଉର୍ଦ୍ଧ୍ୱ ସମିତି ସଭ୍ୟାସଭ୍ୟ, ସରପଞ୍ଚଙ୍କ ଉପସ୍ଥିତିରେ ଏ ସମ୍ପର୍କରେ ଆଲୋଚନା ହୋଇଥିଲା। ଶେଷରେ ଜିଲାପାଳଙ୍କ ହସ୍ତକ୍ଷେପ ପରେ ଉଭୟ ପକ୍ଷ ମଧ୍ୟରେ ସହମତି ହୋଇଥିଲା। ଅଧ୍ୟକ୍ଷାଙ୍କ ପୁରୁଣା ପ୍ରକୋଷ୍ଠରେ ସରପଞ୍ଚ, ଜିଲା ପରିଷଦ ସଭ୍ୟ ଓ ସମିତି ସଭ୍ୟାସଭ୍ୟମାନେ ବସି ପରସ୍ପର ମଧ୍ୟରେ ଆଲୋଚନା କରିପାରିବେ ବୋଲି ସହମତି ହୋଇଥିଲା। ସୂଚନାଥାଉ କି, ଉକ୍ତ ପ୍ରକୋଷ୍ଠରୁ ଅଧ୍ୟକ୍ଷାଙ୍କୁ ପୂର୍ବରୁ ବିତାଡ଼ିତ କରାଯାଇଥିଲା। ହେଲେ ସୋମବାର ଆଲୋଚନା ପରେ ଉକ୍ତ ପ୍ରକୋଷ୍ଠରେ ପୂର୍ବପରି ଅଧ୍ୟକ୍ଷା ଅଫିସ କାମ କରିପାରିବେ ବୋଲି ଆଲୋଚନାରେ ମତପ୍ରକାଶ ପାଇଥିଲା। ଅଧ୍ୟକ୍ଷା, ଉପାଧ୍ୟକ୍ଷଙ୍କର ନୂଆ କାର୍ଯ୍ୟାଳୟ ନିର୍ମାଣ ସହ ସର୍ବସାଧାରଣଙ୍କ ପାଇଁ ମଧ୍ୟ ପ୍ରତୀକ୍ଷା ପ୍ରକୋଷ୍ଠ ନିର୍ମାଣ କରାଯିବା ଲାଗି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଜିଲା ପରିଷଦ ସଭ୍ୟ ଜୀବନ ସାମନ୍ତରାୟ, ଯତିନ କୁମାର ରାଉଳ, ଇଲାବତୀ ବିଶୋୟୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ୨୦୧୯ ମେ'ରେ ଅଧ୍ୟକ୍ଷାଙ୍କ ପ୍ରକୋଷ୍ଠକୁ ମିନି ସମ୍ମିଳନୀ କକ୍ଷରେ ପରିଣତ କରାଯିବାକୁ ନେଇ ବିବାଦ ଉପୁଜିଥିଲା।

## ମନ ମୋହିଲା ଭାରତନାଟ୍ୟମ୍ ଓଡ଼ିଶୀର ଯୁଗଳବନ୍ଦୀ

**କଟକ ଅଫିସ, ୬।୧**


କଟକ ସାରଳା ଭବନରେ କଳାକାରଙ୍କ ଦ୍ୱାରା ପରିବେଷିତ ଭାରତ ନାଟ୍ୟମ ଓଡ଼ିଶୀ ନୃତ୍ୟର ଯୁଗଳବନ୍ଦୀ।

କଟକ ସାରଳା ଭବନଠାରେ ଉତ୍କଳ ଯୁବ ସାଂସ୍କୃତିକ ସଂଘ ପକ୍ଷରୁ ଚାଲିଥିବା ୧୧ତମ କଟକ ମହୋତ୍ସବର ସୋମବାର ଥିଲା ପଞ୍ଚମ ସନ୍ଧ୍ୟା। ପଶ୍ଚିମବଙ୍ଗର ଅର୍ଘ୍ୟନାମ ଡ୍ୟାନ୍ସ ଏକାଡେମୀ କଳାକାରଙ୍କ ଓଡ଼ିଶୀ ଓ ଭାରତନାଟ୍ୟମର ଯୁଗଳବନ୍ଦୀ ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା। ବେଙ୍ଗାଲୁରୁର ପୂର୍ବୀ ଚୌରାସିଆ ଓ ମନିଷା ମିଲ କଥକ ନୃତ୍ୟ ମାଧ୍ୟମରେ ଦୁର୍ଗାଙ୍କ ୯ଟି ଅବତାର ମଞ୍ଚରେ ଉପସ୍ଥାପନ କରିଥିଲେ। ପଶ୍ଚିମବଙ୍ଗର ମୀରା ଚଟ୍ଟୋପାଧ୍ୟାୟ ଓ ଭୋପାଳର କେ. ବାଣୀ ରାଓ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ। ସେହିପରି ଛତିଶଗଡ ନୁପୂର ନୃତ୍ୟ ସଂସ୍ଥାର କଳାକାର କଥକ ନୃତ୍ୟ ଓ ଆସାମ ଫେରି ଲ୍ୟାଣ୍ଡ ମର୍ଡର୍ନ ଡ୍ୟାନ୍ସ ଇନଷ୍ଟିଚ୍ୟୁଟର କଳାକାର ଭାରତନାଟ୍ୟମ ପରିବେଷଣ କରିଥିଲେ। ଏଥିସହ କଟକର ପଦ୍ମାକ୍ଷୀ ପାଣି ଓ ଭୁବନେଶ୍ୱରର ନୋଭିତା ମିଶ୍ର ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ସାମାଜିକ କର୍ମୀ ମହେନ୍ଦ୍ର ନାୟକ ଯୋଗଦେଇଥିଲେ। ଶୀଳାଦିତ୍ୟ ରଥ କାର୍ଯ୍ୟକ୍ରମ ସଂଯୋଜନା ଓ ଅନୁରୂପା ରଥ ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର ଉପସଭାପତି ଏସ୍‌କେ କଲିମୁଲ୍ଲା, ପ୍ରଭା ପଟ୍ଟନାୟକ, ସସ୍ମିତ କୁମାର ଦାସ, ଡ. ବୈଜୟନ୍ତୀ ମିଶ୍ର ଓ ବିଶ୍ୱମ୍ଭର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**କଟକ ମହୋତ୍ସବର ୫ମ ସନ୍ଧ୍ୟା**



ଯାହାର କୌଣସି ମୂଲ୍ୟ ନାହିଁ, ତାକୁ ହିଁ ପାଇବା ପାଇଁ ଅଯଥା ଶକ୍ତି ବ୍ୟୟ କରିବା ମହାଦୁଃଖଦାୟକ।
- ଆଇନ୍‌ଷ୍ଟାଇନ୍



## ସଂକ୍ଷେପରେ

### ଧାନମଣ୍ଡି ଉଦ୍‌ଘାଟିତ

ଖୋର୍ଦ୍ଧା ଅଫିସ,୬।୧: ଖୋର୍ଦ୍ଧା ପୌରାଞ୍ଚଳର ଖୋର୍ଦ୍ଧା ପ୍ରାଥମିକ କୃଷି ସେବା ସମବାୟ ସମିତିରେ ସୋମବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଛି । ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରତାପ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମବାୟବିତ୍ ବିମଳ ଚନ୍ଦ୍ର ଷଡ଼ଙ୍ଗୀ, ଅବସରପ୍ରାପ୍ତ ଅଡିଟ୍ ଅଫିସର ଦିଲ୍ଲୀପ ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ପ୍ରଥମ ଦିନରେ ୧୪ଜଣ ଚାଷୀ ୩୮ କୁଇଣ୍ଟାଲ ୫୧ କେଜି ଧାନ ବିକ୍ରୟ କରିଛନ୍ତି। ସମ୍ପାଦକ ବିଶ୍ୱନାଥ ମହାରଣା ଧନ୍ୟବାଦ ଦେଇଥିଲେ।

### ଅହଂ ଭାବ ତ୍ୟାଗ କଲେ ମନୁଷ୍ୟର ବିକାଶ ହେବ

ଭୁବନେଶ୍ୱର,୬।୧(ବ୍ୟୁରୋ)- ଗୀତା ସମଗ୍ର ଜାତି ପାଇଁ ଏକ ଉପାଦେୟ ଗ୍ରନ୍ଥ। ଦୈନନ୍ଦିନ ଜୀବନରେ ଗୀତା ପଠନର ମାହାତ୍ମ୍ୟ ଏବଂ ଗୀତାର ବାଣୀ ଅନୁସରଣ କରି ଜଣେ ସାଧାରଣ ବ୍ୟକ୍ତି କିପରି ଭଗବତ ପୁରୁଷ ହୋଇପାରିବ ବୋଲି ପରମହଂସ ପ୍ରଜ୍ଞାନାନନ୍ଦଜୀ ପ୍ରକାଶ କରିଛନ୍ତି। ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ଉତ୍କଳ ମଣ୍ଡପରେ ଶ୍ରୀମଦ୍ ଭଗବତ ଗୀତା ପ୍ରବଚନ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସେ କହିଥିଲେ, ପାପ ମନୁଷ୍ୟକୁ ଅଧପତନ କରାଏ ଏବଂ ପୂଣ୍ୟ ମନୁଷ୍ୟକୁ ବିକଶିତ କରାଏ। କିନ୍ତୁ ଆଜିର ମନୁଷ୍ୟ ସବୁ ଜାଣିଶୁଣି ଅଧର୍ମ କରିଚାଲିଛି। ମନୁଷ୍ୟ ଅହଂ ଭାବ ତ୍ୟାଗ କରି ଆଧାତ୍ମିକ ଚେତନାକୁ ଜାଗ୍ରତ କଲେ ନିଜର ବିକାଶ କରିବା ସହ ସମଗ୍ର ବିଶ୍ୱର ବିକାଶ କରିଥାଏ ବୋଲି ସ୍ୱାମୀ ପ୍ରଜ୍ଞାନାନନ୍ଦ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପ୍ରଶାସନିକ ଅଧିକାରୀ ଅରବିନ୍ଦ ବେହେରା, ଆଇଏଫଏସ ଏମ୍ ଗୌରୀନାଥ, ଦେବବ୍ରତ ସ୍ୱାଇଁ, ଉମା ନନ୍ଦୁରୀ ପ୍ରମୁଖ ଯୋଗଦେଇ ଗୀତା ଜ୍ଞାନଯଜ୍ଞ ପ୍ରବଚନ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ପ୍ରବଚନ ପୂର୍ବରୁ ଭଜନ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ଶହଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଉପସ୍ଥିତ ରହି ପ୍ରଜ୍ଞାନାନନ୍ଦଙ୍କ ଗୀତାଜ୍ଞାନକୁ ଶୁଣିବା ସହ ଗୀତା ପାଠ କରିଥିଲେ।

### ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଜଟଣୀ,୬।୧(ଡି.ଏନ୍.ଏ.): ଜଟଣୀ ବ୍ଲକ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆବେଦନ କରିଥିବା ୨୬୬ଜଣଙ୍କ ମଧ୍ୟରୁ ୨୫୫ଜଣଙ୍କୁ ଭିନ୍ନକ୍ଷମ ଉପଯୋଗୀ ଭାବେ ବିବେଚିତ କରାଯାଇଥିଲା। ଶାରୀରିକ ଭିନ୍ନକ୍ଷମ ୯୪, ଦୃଷ୍ଟିଶକ୍ତି ବାଧିତ ୪୦, ମାନସିକ ଭିନ୍ନକ୍ଷମ ୬୧ ଓ ୬୦ଜଣ ମୂକବଧିରଙ୍କୁ ପ୍ରମାଣପତ୍ର ପାଇବା ପାଇଁ ଯୋଗ୍ୟ ବିବେଚିତ କରାଯାଇଥିଲା। ଏହି ଶିବିରରେ ବ୍ଲକ, ତହସିଲ ଓ ଅନ୍ୟାନ୍ୟ ବିଭାଗର କର୍ମଚାରୀ ସହାୟତା କରିଥିଲେ।

■ ଟ୍ରାଫିକ ବ୍ୟବସ୍ଥା ସୁଧାରିବାକୁ ନେଇ ବୈଠକ

# ଗାଡ଼ି ଅଟକାଇ ପାର୍କିଂ ଫି ଆଦାୟ ବନ୍ଦ

**ପାର୍କିଂସ୍ଥଳ ଚିହ୍ନଟ ପରେ ଝୁଲିବ ନାମଫଳକ, ରେଟ୍ ଚାଟ**

ଖୋର୍ଦ୍ଧା ଅଫିସ,୬।୧

ଖୋର୍ଦ୍ଧା ସହର ଓ ଶିଳ୍ପାଞ୍ଚଳରେ ଟ୍ରାଫିକ ବ୍ୟବସ୍ଥାକୁ ସୁଧାରିବାକୁ ନେଇ ସୋମବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସିତାଂଶୁ କୁମାର ରାଉତ ଅଧ୍ୟକ୍ଷତା କରିଥିଲେ। ଶିଳ୍ପାଞ୍ଚଳରେ ଚଳନ୍ତା ଗାଡ଼ିରୁ ପାର୍କିଂ ଫି ଆଦାୟ କରାଯିବ ନାହିଁ ବୋଲି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଶିଳ୍ପାଞ୍ଚଳରେ ତୁରନ୍ତ ପାର୍କିଂସ୍ଥାନ ଚିହ୍ନଟ କରିବାକୁ ତହସିଲଦାର ଓ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପାର୍କିଂସ୍ଥଳ ଚିହ୍ନଟ ପରେ ନାମଫଳକ ଓ ରେଟ ଚାର୍ଟ ମାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ଏସ୍‌ପି ବେଆଇନ ପାର୍କିଂ ଫି ଆଦାୟ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ୫୭ ନଂ. ଜାତୀୟ ରାଜପଥ ଓ ଶିଳ୍ପାଞ୍ଚଳରରେ ବେଆଇନ ଭାବେ ଚଳନ୍ତା ଗାଡ଼ିରୁ ପାର୍କିଂ ଫି ଆଦାୟ ଚାଲିଛି। ପୋଲିସ ପକ୍ଷରୁ ବିଭିନ୍ନ ସମୟରେ ଚଢ଼ାଉ କରାଯାଉଥିଲେ ମଧ୍ୟ ସୁଫଳ ମିଳୁନି। ଚଳନ୍ତା ଗାଡିରୁ ବେଆଇନ ଭାବେ ଆଦାୟ ହେଉଥିବା ପାର୍କିଂ ଫି ଉପରେ ଶିଳ୍ପମାଲିକମାନେ ଅଭିଯୋଗ ଉଠାଇଥିଲେ। ଶିଳ୍ପ ମାଲିକଙ୍କୁ ନିଜ ଶିଳ୍ପ ପରିସରରେ ପାର୍କିଂ ସ୍ଥାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବରୁଣେଇ ହୋଟେଲ ଠାରୁ ପର୍ଯ୍ୟଟନ ସ୍ଥଳୀ ବରୁଣେଇ ପୀଠକୁ ପଡିଥିବା ରାସ୍ତାରେ ଗାଡ଼ି ପାର୍କିଂକୁ ନିଷିଦ୍ଧ କରାଯାଇଛି। ଏଥିରେ ଅଣଦେଖା କଲେ ଯାନବାହନ ଓ ଚାଳକଙ୍କ ଉପରେ ଆଇନଗତ ପଦକ୍ଷେପ ନିଆଯିବ। ଖୋର୍ଦ୍ଧା ଟ୍ରକ ମାଲିକ ସଂଘର ସଭାପତି ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ରଙ୍କ ପ୍ରତିନିଧି ଭାବେ ଆଇନଜୀବୀ ଶକ୍ତି ଶଙ୍କର ମିଶ୍ର ଯୋଗଦେଇ ଟ୍ରକ ମାଲିକଙ୍କ ଅସୁବିଧା ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ, ଉପଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ଖୋର୍ଦ୍ଧା ତହସିଲଦାର ଶୁଭେନ୍ଦ୍ର ସାମଲ, ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀ ବୃନ୍ଦାବନ ସାହୁ, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଡି ଶତପଥୀ, ଭାରତ ଗ୍ୟାସର ପ୍ଲାଣ୍ଟ ମ୍ୟାନେଜର, ନିଳାମଧାରୀଙ୍କ ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ।

### ନିର୍ଦ୍ଦେଶ ପରେ ମିଳୁନି ସୁଫଳ

ଖୋର୍ଦ୍ଧା ସହରର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ଚଣ୍ଡିବୁଆ ଛକ, ଗଡଖୋର୍ଦ୍ଧା ବରୁଣେଇ ଘାଟି, ମୁକୁନ୍ଦପ୍ରସାଦ, ଶିଳ୍ପାଞ୍ଚଳ ପରି ବିଭିନ୍ନ ସ୍ଥାନରୁ ଚଳନ୍ତା ଗାଡ଼ିରୁ ପାର୍କିଂ ଫି ଆଦାୟ ଚାଲିଛି। ଏହା ବେଆଇନ ହୋଇଥିଲେ ମଧ୍ୟ ଏଥିପ୍ରତି ଅଙ୍କୁଶ ଲଗାଯାଇ ପାରୁନାହିଁ । ଗତ କିଛି ଦିନ ପୂର୍ବେ ଚଳନ୍ତା ଗାଡିରୁ ପାର୍କିଂ ଫି ଆଦାୟ ନ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଯାହାକି ଶୀତଳ ଭଣ୍ଡାରରେ ପଡି ରହିଛି। ଏବେ ପୁଣି ଆଦାୟ ଚାଲିଛି।

### ସୂଚନା ଆଇନରେ ଭୁଲ ତଥ୍ୟ

ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ପାର୍କିଂ ସ୍ଥାନ ଚିହ୍ନଟ ନ କରି ସୂଚନା ଆଇନରେ ଭୁଲ ତଥ୍ୟ ପ୍ରଦାନ କରାଯାଇଥିବା ଜଣାପଡଛି। ଶ୍ରୀରାମନଗରର ସନ୍ତୋଷ ରଞ୍ଜନ ରାଉତ ପାଇଥିବା ତଥ୍ୟ ଅନୁସାରେ, ପୁରୁଣା ବରୁଣେଇ ହୋଟେଲର ବାମପାର୍ଶ୍ୱ ପ୍ଲଟ ନଂ. ୫୭୬, ଏସଏମଏସ କମ୍ପାନୀର ପୂର୍ବ ପାର୍ଶ୍ୱ ପ୍ଲଟ ନଂ. ୨୨୯୦, ଗଡଖୋର୍ଦ୍ଧା ରାସ୍ତା ପାହାଡ ପାର୍ଶ୍ୱ, ସ୍ପିନିଂ ମିଲ୍ ପୂର୍ବ ପାର୍ଶ୍ୱ ପ୍ଲଟ ନଂ. ୨୫୦୬ ଓ ୨୩୦୭, ରିଲିୟାନ୍ସ ପେଟ୍ରୋଲ ପମ୍ପ ପୂର୍ବ ପାର୍ଶ୍ୱରେ ପାର୍କିଂ ସ୍ଥାନ ଚିହ୍ନଟ ହୋଇଥିବା ଦର୍ଶାଯାଇଛି। ତେବେ ସମ୍ପୃକ୍ତ ସ୍ଥଳରେ ନାମ ଫଳକ କିମ୍ବା ରେଟ ଚାଟ୍ ଝୁଲୁ ନ ଥିବା ଜଣାପଡିଛି।

■ ଗୋଡ଼ା ଗାଁରେ ହାତୀ ଉପଦ୍ରବ

# ଭାଙ୍ଗିଲେ ପାଚେରି, ଖାଇଲେ ଧାନ



ଭାଙ୍ଗିଯାଇଥିବା ପାଚେରି ଓ ନଷ୍ଟ ହେଇଥିବା ଧାନବସ୍ତା ।

ଖୋର୍ଦ୍ଧା ଅଫିସ,୬।୧:

ଖୋର୍ଦ୍ଧା ବନବିଭାଗ ଗୋଡ଼ା ଗାଁରେ ରବିବାର ରାତିରେ ପଶି ହାତୀ ପଲ ପଶି ବନ୍ଧୁ ସୁନ୍ଦରାୟଙ୍କ ପାଚେରି ଭାଙ୍ଗି ୫୦ବସ୍ତା ଧାନ ଖାଇବା ସହ ନଷ୍ଟ କରିଦେଇଛନ୍ତି। ଫଳରେ ଧାର କରି ଚାଷ କରିଥିବାରୁ କିପରି ଋଣ ପରିଶୋଧ କରିବେ ସେ ନେଇ ବନ୍ଧୁ ଚିନ୍ତାରେ ପଡ଼ିଯାଇଛନ୍ତି। ଅମଳ କରି ଧାନ ମଣ୍ଡିରେ ବିକ୍ରି ପାଇଁ ବନ୍ଧୁ ବାରିପଟେ ରଖିଥିଲେ। ଦୁଇଟି ହାତୀ ଆସି ଅମଳ ଧାନ ଉଜାଡ଼ି ଦେଇଛନ୍ତି। ଅନ୍ୟପକ୍ଷରେ ହାତୀଙ୍କ ବାସସ୍ଥଳି ଗୋଡା ଗାଁ ପାଲଟିଛି। ବନ ବିଭାଗ ତୁରନ୍ତ ହାତୀ ଘଉଡ଼ାଇବା ପାଇଁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ଯୋଜନାର ସମୀକ୍ଷା

ଖୋର୍ଦ୍ଧା ଅଫିସ,୬।୧

ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ଯୋଜନା ଅର୍ନ୍ତଭୁକ୍ତ ପାଇଲଟ ଗାଁ ଖୋର୍ଦ୍ଧା ବ୍ଲକର କୁଣ୍ଡିଲୋ, ଜଟଣୀ ବ୍ଲକର ଖୋଲାଦ୍ୱାରା ଓ ଭୁବନେଶ୍ୱର ବ୍ଲକର ଜୟପୁରପାଟଣାରେ ସୋମବାର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତୀୟ ମୃତ୍ତିକା ଓ ଭୂମି ଉପଯୋଗ ସର୍ବେକ୍ଷଣ ସଂସ୍ଥା ହାଇଦ୍ରାବାଦର ବୈଜ୍ଞାନିକ ସନ୍ଦୀପ ତ୍ରିପାଠୀ ଯୋଗଦେଇ ମୃତ୍ତିକା ନମୁନା ସଂଗ୍ରହର ପ୍ରଣାଳୀ, ସମନ୍ୱିତ ଖାଦ୍ୟ ସାର ପରିଚାଳନା, ଅଣୁ ସାରର ବ୍ୟବହାର ସମ୍ବନ୍ଧୀୟ ପ୍ରଶ୍ନ ଚାଷୀଙ୍କୁ ପଚାରିଥିଲେ। ଯୋଜନାର ସମୀକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ କୃଷି ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ କୃଷି ଜିଲା ଅଧିକାରୀ ଭାସ୍କର ବାରିକ, ସାରଦା ପ୍ରସାଦ କର, ଯୋଜନା ଅଧିକାରୀ ସୁବ୍ରତ କୁମାର ରଥ, ସହକାରୀ କୃଷି ଅଧିକାରୀ ଲଲଟେନ୍ଦୁ ମହାପାତ୍ର, ଗ୍ରାମ୍ୟ କୃଷି କର୍ମଚାରୀ ସୁମିତା ପାତ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗନେଇଥିଲେ।



ଜାତୀୟ ସଂହତି ଶିବିରରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ଓ ଅନ୍ୟମାନେ ।

## କଳାକୌଶଳ ପ୍ରଦର୍ଶନ କଲେ ସ୍କାଉଟ୍ସ, ଗାଇଡ୍ସ

ଜଟଣୀ,୬।୧(ଡି.ଏନ୍.ଏ.)

ଜଟଣୀ ଜାମୁକୋଲିସ୍ଥିତ ଲବଣଗିରି ଉଚ୍ଚବିଦ୍ୟାଳୟରେ ଚାଲିଥିବା ଖୋର୍ଦ୍ଧା ଜିଲା ଭାରତ ସ୍କାଉଟ୍‌ସ ଓ ଗାଇଡ୍‌ସର ଜାତୀୟ ସଂହତି ଶିବିର ସୋମବାର ଚତୁର୍ଥ ଦିନରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲାର ୫୧ଟି ସ୍କୁଲରୁ ଆସିଥିବା ୬୦୦ରୁ ଅଧିକ ସ୍କାଉଟ୍‌ସ ଓ ଗାଇଡ୍‌ସଙ୍କ ଦ୍ୱାରା ବିଭିନ୍ନ କଳାକୌଶଳ ପ୍ରଦର୍ଶିତ ହୋଇଥିଲା। ଏଥିରେ ମେଲଣ, ମାଣବସା ଗୁରୁବାର ଭଳି ଛାୟା ପରିବେଶ ସୃଷ୍ଟି କରାଯିବା ସହ ସମରକଳା, ନୃତ୍ୟ, ସଂଗୀତ ପ୍ରଦର୍ଶନ ହୋଇଥିଲା। ବିଭିନ୍ନ ଅଧିବେଶନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ସୁରେଶ କୁମାର ରାଉତରାୟ, ସ୍କାଉଟ୍‌ସର ରାଜ୍ୟ କମିଶନର କାଳିପ୍ରସାଦ ମିଶ୍ର, ଗାଇଡ୍‌ର ରାଜ୍ୟ ସଂଗଠିକା ଅନାମିକା ଦାସ, ଜିଲା ଶିକ୍ଷା ଅଧିକାରୀ ବୃନ୍ଦାବନ ଶତପଥୀ, ସରପଞ୍ଚ ଜ୍ୟୋତିର୍ମୟୀ ଛୋଟରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସ୍କାଉଟ୍‌ସ ଗାଇଡ୍‌ସର ଅଧିକାରୀ ପଠାଣି ଆଗ୍ରାସିଂହ, ସଂଯୁକ୍ତ ସାମନ୍ତରାୟ, ପିତବାସ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ଜେନା, ଦେବକର ପଟ୍ଟନାୟକ, ଲବଣଗିରି ସ୍କୁଲର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପାଇକରାୟ, ଶିକ୍ଷୟିତ୍ରୀ ରଶ୍ମିତା ନାୟକ ପ୍ରମୁଖଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସକାଳ ଅଧିବେଶନରେ ଯୋଗ ଶିବିର ଆୟୋଜିତ ହୋଇଥିଲା।ଏଥିରେ ପତଞ୍ଜଳି ଯୋଗସମିତିର ସୀତାକାନ୍ତ ପଣ୍ଡା ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ। ଏହି ଅବସରରେ ୧୫ଟି ବିଭାଗରେ କୃତୀ ପ୍ରତିଯୋଗୀ ଓ ସ୍କୁଲମାନଙ୍କୁ ପୁରସ୍କୃତ କରାଯାଇଥିଲା।

### ବିଦ୍ୟାଳୟରୁ ସିସିଟିଭି କ୍ୟାମେରା ଚୋରି

ବାଲିଅନ୍ତା,୬।୧(ଡି.ଏନ୍.ଏ.)

ବାଲିଅନ୍ତା କୁଶଗାଡ଼ିଆ ମଠ ନିକଟରେ ଥିବା ଜବାହରଲାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଶାସନିକ ଗୃହରେ ଲାଗିଥିବା ଏକ ସିସିଟିଭି କ୍ୟାମେରାକୁ କେତେଜଣ ଦୁର୍ବୃତ୍ତ ଭାଙ୍ଗିବା ସହ ଚୋରି କରି ନେଇଥିବା ସୋମବାର ବାଲିଅନ୍ତା ଥାନାରେ ଅଭିଯୋଗ ହୋଇଛି। ରବିବାର ଛୁଟିଥିବାରୁ ସୋମବାର ବିଦ୍ୟାଳୟ ଅଧ୍ୟକ୍ଷ ଯତୀନ୍ଦ୍ର କୁମାର ସ୍ୱାଇଁ ବିଦ୍ୟାଳୟ ଆସିବାବେଳେ ଏହି ଚୋରି ହୋଇଥିବା ଦେଖିଥିଲେ। ଦୁର୍ବୃତ୍ତମାନେ ବିଦ୍ୟାଳୟ ପରିସରକୁ ଏକ ବାଡ଼ି ଧରି ପ୍ରବେଶ ସମୟର ଦୃଶ୍ୟ ସିସିଟିଭିରେ କଏଦ ହୋଇଥିବାରୁ ଏହି ଫୁଟେଜ ପୋଲିସକୁ ଦିଆଯାଇଛି। ବିଦ୍ୟାଳୟ ପଛପଟ ପ୍ରାଚୀର ନ ଥିବାରୁ ଦୁର୍ବୃତ୍ତମାନେ ଭିତରେ ପଶିବା ସହ ସ୍କୁଲ ବାରଣ୍ଡାରେ ବସି ମଦ୍ୟପାନ କରୁଥିବାର ଅଭିଯୋଗରେ ଦର୍ଶାଯାଇଛି।

### ପଟ୍ଟା ପାଇଁ ଜିଲାପାଳଙ୍କୁ ଫେରାଦ

ଖୋର୍ଦ୍ଧା ଅଫିସ,୬।୧:

ଖୋର୍ଦ୍ଧା ସହର ମୁକୁନ୍ଦପ୍ରସାଦ ୨ ନଂ. ୱାର୍ଡ ଗିରିବର୍ଦ୍ଧନ ପଡିଆରେ ବସବାସ କରୁଥିବା ଭୂମିହୀନମାନେ ପଟ୍ଟା ପାଇବା ପାଇଁ ଆବେଦନ କରୁଥିଲେ ମଧ୍ୟ ପାଉନାହାନ୍ତି। ସରକାରୀ ଜମିରେ ରହୁଥିବା ବହୁ ଗରିବ ଲୋକ ଜାଗା ମିଶନରେ ସାମିଲ ହୋଇ ପଟ୍ଟା ପାଇ ସାରିଲେଣି। ତେବେ ଗିରିବର୍ଦ୍ଧନ ପଡିଆରେ ରହୁଥିବା ଭୂମିହୀନଙ୍କୁ ଚିହ୍ନଟ କରି ତୁରନ୍ତ ପଟ୍ଟା ଯୋଗାଇ ଦେବାକୁ ସଭାପତି ସୁରେନ୍ଦ୍ର ପ୍ରଧାନ ଓ ସମ୍ପାଦିକା ଝୁନା ଡାକୁଆ ଅଭିଯୋଗ ଶୁଣାଣିରେ ଜିଲାପାଳଙ୍କୁ ଭେଟି ଫେରାଦ ହୋଇଛନ୍ତି। ଭୂମିହୀନଙ୍କୁ ପଟ୍ଟା ଦେବାରେ ସହଯୋଗ କରିବାକୁ ଖୋର୍ଦ୍ଧା ବିଧାୟକ ମଧ୍ୟ ଅଭିଯୋଗରେ ଅନୁରୋଧ କରିଛନ୍ତି।

## ୭୨ ଅଭିଯୋଗର ଶୁଣାଣି କଲେ ଜିଲାପାଳ

ଖୋର୍ଦ୍ଧା ଅଫିସ,୬।୧

ଖୋର୍ଦ୍ଧା ବ୍ଲକରେ ଜିଲାପାଳ ସିତାଂଶୁ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ସୋମବାର ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨୫ଟି ଅଭିଯୋଗ ହୋଇଥିଲା। ୯୩ ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ୫ଟି ଅଭିଯୋଗ ସମୂହ ଥିଲା। ରେଡକ୍ରସ ସହାୟତା ପାଣ୍ଠିରୁ ୧୧ଜଣଙ୍କୁ ୨୮ହଜାର ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ୧୬ଜଣଙ୍କୁ ସହାୟତା ବାବଦରେ ୧ ଲକ୍ଷ ୭୩ ହଜାର ଟଙ୍କା ମଞ୍ଜୁର କରାଯାଇଛି। ୭୨ଟି ଅଭିଯୋଗର ଫଇସଲା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପିଡି ଡିଆରଡିଏ ଦିଗନ୍ତ ରାଉତରାୟ, ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ, ଉପଜିଲାପାଳ ଶାନ୍ତନୁ ମହାନ୍ତି, ତହସିଲଦାର ଶୁଭେନ୍ଦ୍ର ସାମଲ, ସହକାରୀ ଜିଲାପାଳ(ଅଭିଯୋଗ) ରବି ନାରାୟଣ ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ।



ଅଭିଯୋଗ ଶୁଣାଣିରେ ଜିଲାପାଳ ଓ ଅନ୍ୟମାନେ ।

## ପ୍ରହସନ ପାଲଟିଛି ଅଭିଯୋଗ ଶୁଣାଣି

ବ୍ରହ୍ମଗିରି, ୬।୧(ଡି.ଏନ୍.ଏ)

ପ୍ରଶାସନ ପକ୍ଷରୁ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ହେବାର ଶୁଣିଲେ ଗୁହାରି ଜଣାଇ ନିଜ ହକ ପାଇବା ପାଇଁ ଲୋକଙ୍କ ଭିଡ଼ ଜମୁଥିଲା। କିନ୍ତୁ ଏବେ ଜନଶୁଣାଣି କାର୍ଯ୍ୟକ୍ରମ ଉପରୁ ଧିରେ ଧିରେ ଲୋକଙ୍କ ଆସ୍ଥା ତୁଟିଯାଉଛି। ବିଗତ ଦିନରେ ହେଉଥିବା ଏହି କାର୍ଯ୍ୟକ୍ରମରେ ଅଭିଯୋଗର ତାଲିକାକୁ ଦେଖିଲେ ବର୍ତ୍ତମାନର ତାଲିକା କମି କମି ଯାଉଛି। ଏହାର ଅର୍ଥ ନୁହେଁ ଯେ, ଲୋକଙ୍କ ସମସ୍ୟାର ସମାଧାନ ହୋଇଯାଉଛି। ବରଂ ଲୋକେ ଏହି କାର୍ଯ୍ୟକ୍ରମକୁ ପ୍ରହସନ ବୋଲି ଭାବି ନେଲେଣି । ସରକାର ଏତେ ଟଙ୍କା ଖର୍ଚ୍ଚ କରି ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ଜନଶୁଣାଣିରେ ବାରମ୍ବାର ଅଭିଯୋଗ କରି ଏ ପର୍ଯ୍ୟନ୍ତ କୌଣସି ସୁଫଳ ମିଳୁନାହିଁ ବୋଲି କହିଛନ୍ତି ବ୍ରହ୍ମଗିରି ବ୍ଲକର ପୂର୍ବତନ ଏମ୍‌ପି ପ୍ରତିନିଧି ନୀଳକଣ୍ଠ ବେହେରା। ସେହିପରି ଅଭିଯୋଗ ଜଣାଇଲେ ମଧ୍ୟ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ନେଇ ଜିଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି ପ୍ରସନ୍ନ କୁମାର ବରାଳ ଓ ନୀଳକଣ୍ଠ ବେହେରା। ଅଭିଯୋଗର ତଦନ୍ତ କରାଯିବ ବୋଲି ଅତିରିକ୍ତ ଜିଲାପାଳ ପ୍ରଦୀପ୍ତ ସାହୁ ସୂଚନା ଦେଇଛନ୍ତି।

■ ମ୍ୟାଲେରିଆ ନିରାକରଣ ଟାସ୍କଫୋର୍ସ କମିଟି ବୈଠକ

# ୧୩୮ ମ୍ୟାଲେରିଆ ରୋଗୀ ଚିହ୍ନଟ

ଖୋର୍ଦ୍ଧା ଅଫିସ,୬।୧

**ବଣ୍ଟନ ହେବ ୨୪ ହଜାର ୧୮ ଔଷଧଯୁକ୍ତ ମଶାରି**

ମ୍ୟାଲେରିଆ ନିରାକରଣ ନିମନ୍ତେ ଟାସ୍କଫୋର୍ସ କମିଟି ବୈଠକ ସୋମବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିତାଂଶୁ କୁମାର ରାଉତ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲାର ମ୍ୟାଲେରିଆ ପ୍ରବଣ ଅଞ୍ଚଳରେ ୨୪ ହଜାର ୧୮ ଔଷଧଯୁକ୍ତ ମଶାରି ବଣ୍ଟନ କରାଯିବାକୁ ନିଷ୍ପତ୍ତି ହୋଇଛି। ଅନ୍ୟପକ୍ଷରେ ୨୦୧୯ ନଭେମ୍ବର ସୁଦ୍ଧା ୧୧ ମାସରେ ୧୩୮ ମ୍ୟାଲେରିଆ ପଜିଟିଭ୍ ରୋଗୀ ଚିହ୍ନଟ ହୋଇଥିବା ଜଣାପଡିଛି। ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ମ୍ୟାଲେରିଆ ଚିକିତ୍ସା ପାଇଁ ବ୍ୟବସ୍ଥା କରାଯାଇଛି। ଆଶା ମାନଙ୍କୁ ମ୍ୟାଲେରିଆ କିଟ୍ ପ୍ରଦାନ କରାଯାଇଛି। ଆଶାମାନେ ଗ୍ରାମାଞ୍ଚଳରେ ବୁଲି ରୋଗୀଙ୍କୁ ମ୍ୟାଲେରିଆ ଔଷଧ ବଣ୍ଟନ କରିବେ। ଜିଲାର ମ୍ୟାଲେରିଆ ପ୍ରବଣ ଅଞ୍ଚଳ ନୀଳାଦ୍ରୀପ୍ରସାଦ, ଅରାଙ୍ଗ, ଭାତପଡ଼ାରେ ୭ ହଜାର ଔଷଧ ଯୁକ୍ତ ମଶାରୀ ବଣ୍ଟନ କରାଯିବ। ସେହିପରି ଜିଲାର ବିଦ୍ୟାଳୟ, ଜରାନିବାସ, ଶିଶୁ ଆଶ୍ରୟ ସ୍ଥଳରେ ଅନୁରୂପ ଭାବେ ୧୭ ହଜାର ୧୮ଔଷଧ ଯୁକ୍ତ ମଶାରି ବଣ୍ଟନ ହେବ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ମନୋରଞ୍ଜନ ମଲ୍ଲିକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଶ୍ୱ ରଞ୍ଜନ ପତି, ଏଡିଏମଓ(ପରିବାର କଲ୍ୟାଣ), ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଯୋଗ ଦେଇଥିଲେ।

## ସରିଲା ମା'ଜଟିଆଣୀଙ୍କ ବାର୍ଷିକ ଉତ୍ସବ

ଜଟଣୀ,୬।୧(ଡି.ଏନ.ଏ):

ଜଟଣୀ ପାତ୍ରପଡ଼ା ଗ୍ରାମସ୍ଥିତ ଆରାଧ୍ୟଦେବୀ ମା'ଜଟିଆଣୀ ଦେବୀଙ୍କ ଚାଲିଥିବା ବାର୍ଷିକ ଯାତ୍ରା ସୋମବାର ଶେଷ ହୋଇଛି। ଶେଷ ଦିନରେ ମନ୍ଦିର ନିକଟରେ ମେଣ୍ଢା ଲଢ଼େଇ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଖୋର୍ଦ୍ଧା ଓ ପୁରୀ ଜିଲାର ୮୦ଟି ମେଣ୍ଢା ପ୍ରତିଯୋଗିତାରେ ଭାଗ ନେଇଥିଲେ। ପୁରୀର ରାଜୁ ରାଉତ ଓ ମିଟୁ ପ୍ରଧାନଙ୍କ ମେଣ୍ଢା ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଏହି କାର୍ଯ୍ୟକ୍ରମରେ ପିପିଲି ବିଧାୟକ ପ୍ରଦୀପ ମହାରଥୀ, ଭାଜପା ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ, ସୁରଜ ପାଇକରାୟ ଅତିଥିଭାବେ ଯୋଗଦେଇଥିଲେ। ଆୟୋଜକ କମିଟିର ମନୋଜ ସାହୁ, ଲଳିତ ବେବର୍ତ୍ତା, ପଦ୍ମଚରଣ ପ୍ରଧାନ, ଜୟନ୍ତ ପଲେଇ, ଶ୍ରୀଧର କରଣ, ଲିତେଶ ପ୍ରଧାନ, ସୁବ୍ରତ ମଙ୍ଗରାଜ ଓ ଅନ୍ୟମାନଙ୍କ ଦ୍ୱାରା ଏହା ପରିଚାଳିତ ହୋଇଥିଲା ।



ବାର୍ଷିକ ଉତ୍ସବରେ ଅନୁଷ୍ଠିତ ମେଣ୍ଢା ଲଢେଇ ପ୍ରତିଯୋଗିତା ।

■ ଅବସରପ୍ରାପ୍ତ ରେଳ କର୍ମଚାରୀଙ୍କୁ ଗଳାକାଟି ହତ୍ୟା ମାମଲା

# ଏଟିଭିଏମ୍ କାର୍ଡ ପାଇଁ ଧରାପଡ଼ିଲେ ଅଭିଯୁକ୍ତ

ଭୁବନେଶ୍ୱର, ୬।୧(ବ୍ୟୁରୋ)

ଲକ୍ଷ୍ମୀସାଗର ଥାନା ପୁରୁଣା ଷ୍ଟେଶନ ବଜାର ଡର୍ମିଟୋରୀ ଲଜିଂରେ ଅବସରପ୍ରାପ୍ତ ରେଲୱେ କର୍ମଚାରୀ ଟି. ଭେଙ୍କେଟ ରାଓଙ୍କୁ ଗଳାକାଟି ହତ୍ୟା ଘଟଣାରେ ଦେଢ଼ମାସ ପରେ ଗିରଫ ହୋଇଛନ୍ତି ଅଭିଯୁକ୍ତ। ସେ ହେଲେ ଉତ୍ତରପ୍ରଦେଶ ଅଲିଗଡ଼ର ଅଜୟ କୁମାର। ଜିଆରପି, ଆରପିଏଫ୍ ଏବଂ ଲକ୍ଷ୍ମୀସାଗର ପୋଲିସର ମିଳିତ ଉଦ୍ୟମରେ ଅଜୟଙ୍କୁ ଧରାଯାଇପାରିଛି। ତାଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି, ଆବଶ୍ୟକ ପଡ଼ିଲେ ରିମାଣ୍ଡରେ ଆଣି ପଚରାଉଚରା କରାଯିବ ବୋଲି ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଖବରଦାତା ସମ୍ମିଳନୀରେ କହିଛନ୍ତି। ଅଜୟ ବି.କମ୍ ପଢ଼ିଛନ୍ତି। କିନ୍ତୁ କୌଣସି ଚାକିରି ନ କରି ବିଭିନ୍ନ ଷ୍ଟେଶନ ବୁଲି ଛୋଟ ଛୋଟ ଅପରାଧ କରନ୍ତି। ସେ ଛୋଟ ଥିଲାବେଳେ ତାଙ୍କ ବାପା ଘରୁ ପଳାଇଥିବା ବେଳେ ଘରେ ମା'ଓ ଭଉଣୀ ଅଛନ୍ତି ବୋଲି କମିଶନର ଷଡ଼ଙ୍ଗୀ କହିଛନ୍ତି।

### କିଭଳି ଧରାପଡିଲେ:

ହତ୍ୟାକାଣ୍ଡ ପରେ ଭେଙ୍କେଟଙ୍କ ୪ଟି ଏଟିଭିଏମ୍(ଅଟୋମେଟିକ ଟିକେଟ ଭେଣ୍ଡିଂ ମେଶିନ) କାର୍ଡ ନ ଥିଲା। ପୋଲିସ ଏହାକୁ ନେଇ ଖୋଳତାଡ଼ କରିବା ପରେ ଜାଣିବାକୁ ପାଇଥିଲା ଅଭିଯୁକ୍ତ ଏହି କାର୍ଡକୁ ଲୁଟି ନେଇଛି। ଏହି କାର୍ଡ କେବଳ ପୂର୍ବାଞ୍ଚଳ ଜୋନ୍‌ରେ କାର୍ଯ୍ୟକାରୀ ହୋଇପାରିବ ବୋଲି ପୋଲିସ ଜାଣିବା ପରେ ଏକାଧିକ ଷ୍ଟେଶନର ବୁକିଂ ମ୍ୟାନେଜରଙ୍କୁ ସତର୍କ କରାଇଥିଲା। ଏହି ଏଟିଭିଏମ୍ କାର୍ଡ କାର୍ଯ୍ୟକାରୀ ହେଲେ ପୋଲିସକୁ ଜଣାଇବା ପାଇଁ କୁହାଯାଇଥିଲା। ଗତ ୩ ତାରିଖରେ କଟକ ଷ୍ଟେଶନରେ ଅଜୟ ଏହି କାର୍ଡକୁ ଭେଣ୍ଡିଂ ମେଶିନ୍‌ରେ ବ୍ୟବହାର କରିଥିଲେ। ଏପରିକି ଟିକେଟ ବିକ୍ରି କରୁଥିବା ଜଣେ ଭେଣ୍ଡର ମେଶିନ ନିକଟକୁ ଆସିବା ପରେ ସେ ଦୌଡ଼ି ପଳାଇଥିଲେ। ଏନେଇ ଭେଣ୍ଡର ଜଣକ ଷ୍ଟେଶନର ବୁକିଂ ମ୍ୟାନେଜରଙ୍କୁ ଜଣାଇଥିଲେ। ସେ ତୁରନ୍ତ ଭୁବନେଶ୍ୱର ଜିଆରପି ଏବଂ ଲକ୍ଷ୍ମୀସାଗର ପୋଲିସକୁ ଜଣାଇଥିଲେ। ଏହାପରେ ଅଜୟ ଗତ ଶନିବାର ଭୁବନେଶ୍ୱର ଷ୍ଟେଶନରେ ଅନ୍ୟ ଜଣକ ମେଶିନ୍‌ରେ ଟିକେଟ୍ କାଟୁଥିବାବେଳେ ଭେଣ୍ଡରମାନେ ଧରି ଜିଆରପିକୁ ଦେଇଥିଲେ। ଜିଆରପି ପୋଲିସ ତାଙ୍କୁ ଯାଞ୍ଚ କରିବାବେଳେ ତାଙ୍କ ନିକଟରୁ ଏକ ଲୁହା ଆରି ବାହାରିଥିଲା। ଜିଆରପିର ସନ୍ଦେହ ହେବାରୁ ଲକ୍ଷ୍ମୀସାଗର ଥାନାକୁ ଖବର ଦେଇଥିଲା। ପୋଲିସ ହତ୍ୟାକାଣ୍ଡ ଦିନ ଷ୍ଟେଶନ ସିସିଟିଭି ଫଟୋକୁ ମିଳାଇବା ପରେ ଅଜୟଙ୍କ ଚେହେରା ପାଖାପାଖି ମଶିଯାଇଥିଲା। ଏହାପରେ ପଚରାଉଚରା ପରେ ସେ ନିୟମିତ ଭୁବନେଶ୍ୱର ଆସୁଥିବା ଏବଂ ଏକ ଲଜ୍‌ରେ ରହୁଥିବା କହିଥିଲେ। ପୋଲିସ ଉକ୍ତ ଲଜକୁ ଯାଇ ଯାଞ୍ଚ କରିବା ପରେ ଅଜୟ ନିୟମିତ ଆସୁଥିବା ଜଣାପଡ଼ିଥିଲା। କିନ୍ତୁ ପୋଲିସ ଲଜ୍‌ର ରେଜେଷ୍ଟି ଯାଞ୍ଚ କରିବା ପରେ ଜଣାପଡିଥିଲା ହତ୍ୟାକାଣ୍ଡ ଦିନ ସେ ଲଜ୍‌କୁ ଆସି ନ ଥିଲା। ଫଳରେ ପୋଲିସ ସ୍ୱଷ୍ଟ ହୋଇଯାଇଥିଲା ଯେ ସେ ହିଁ ଅଭିଯୁକ୍ତ।

### ହତ୍ୟାର କାରଣ:

ଗତ ନଭେମ୍ବର ୧୮ରେ ଅଜୟ ଘରକୁ ଯିବା ପାଇଁ ବାହାରିଥିଲା। ଟ୍ରେନ ଟିକେଟ ପାଇଁ ସେ ଭେଙ୍କେଟଙ୍କ ନିକଟକୁ ଯାଇଥିଲେ। ସେଠାରେ ଭେଣ୍ଡିଂ ମେଶିନ୍‌ର ନେଟୱର୍କ ଠିକ୍ ନ ଥିବାରୁ ସମୟ ଲାଗିଥିଲା। ଏହା ମଧ୍ୟରେ ଉଭୟ ପରିଚିତ ହୋଇଥିଲେ। ଭେଙ୍କେଟ ହାତରେ ଟଙ୍କା ବ୍ୟାଗ ଥିବାରୁ ତାହା ଉପରେ ଅଜୟଙ୍କ ନଜର ଥିଲା। ସେ କୌଶଳକ୍ରମେ ଭେଙ୍କେଟଙ୍କୁ ଡର୍ମିଟୋରି ଲଜ୍‌କୁ ଡାକି ନେଇଥିଲେ। ସେଠାରେ ଅଜୟ ଭେଙ୍କେଟଙ୍କୁ ଛୁରି ଦେଖାଇ ଟଙ୍କା ବ୍ୟାଗ୍ ଦେବାକୁ କହିଥିଲେ। ଭେଙ୍କେଟ ବିରୋଧ କରିବାରୁ ଛୁରିରେ ତାଙ୍କ ଗଳା କାଟି ଟଙ୍କା ବ୍ୟାଗ୍ ନେଇ ପଳାଇ ଯାଇଥିଲେ। ସେଥିରେ ୩୭ ହଜାର ଟଙ୍କା ଓ ୪ଟି ଏଟିଭିଏମ୍ କାର୍ଡ ଥିଲା। ସେହି ଦିନ ସେ ଟ୍ରେନରେ ଘରକୁ ପଳାଇଥିଲା। ଇତିମଧ୍ୟରେ ୨ଥର ଭୁବନେଶ୍ୱର ଆସି ପଳାଇ ଯାଇଥିଲେ।



"ଯାହାର କୌଣସି ମୂଲ୍ୟ ନାହିଁ, ତାକୁ ହିଁ ପାଇବା ପାଇଁ ଅଯଥା ଶକ୍ତି ବ୍ୟୟ କରିବା ମହାଦୁଃଖଦାୟକ।
-ଆଇନ୍‌ଷ୍ଟାଇନ୍



## ସଂକ୍ଷେପରେ

### ଅଭିଯୋଗ ଶୁଣିଲେ ଅତିରିକ୍ତ ଜିଲାପାଳ

ବ୍ରହ୍ମଗିରି, ୬।୧(ଡି.ଏନ୍.ଏ): ବ୍ରହ୍ମଗିରି ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶହେ ଜଣ ଅଭିଯୋଗକାରୀ ସେମାନଙ୍କ ସମସ୍ୟା ସମ୍ପର୍କରେ ଲିଖିତ ଅଭିଯୋଗ ଜଣାଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ପ୍ରଦୀପ୍ତ କୁମାର ସାହୁ, ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ବିଶାଳ ସିଂ, ଅତିରିକ୍ତ ଏସ୍‌ପି ପି.କେ. ସ୍ୱାଇଁ, ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜିକା ସୌନ୍ଦର୍ଯ୍ୟମଞ୍ଜରୀ ଦାସ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତ୍ରିନାଥ ପାଢୀ, ତହସିଲଦାର କିଶୋର ଚନ୍ଦ୍ର ପଣ୍ଡା, ସଦର ଏସ୍‌ଡିପିଓ କିଶୋର ଚନ୍ଦ୍ର ମୁଣ୍ଡ, ମଣ୍ଡଳ ଉନ୍ନୟନ ଅଧିକାରୀ ଜ୍ୟୋତି ପ୍ରକାଶ ସେଠୀଙ୍କ ସମେତ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

### ପାନୀୟଜଳ ପାଇଁ ହଇରାଣ ଅନ୍ତେବାସୀ

କଣାସ, ୬।୧(ସ୍ୱ.ପ୍ର.): କଣାସ ବ୍ଲକର କେତେକ ପଞ୍ଚାୟତରେ ପାନୀୟଜଳ ସମସ୍ୟା ଦୂର ହୋଇପାରିନାହିଁ। ବିଶେଷକରି ଗଡ଼ସାହି ପଞ୍ଚାୟତରେ ଥିବା ଦୟାବିହାରସ୍ଥ ନୀଳାଚଳ ସେବା ପ୍ରତିଷ୍ଠାନରେ ପିଇବା ପାଣି ପାଇଁ ଅନ୍ତେବାସୀଙ୍କୁ ହଇରାଣ ହେବାକୁ ପଡୁଛି। ଆଶ୍ରମ ପରିସରସ୍ଥ ଜରା ନିବାସ, ସ୍ୱଳ୍ପକାଳୀନ ମହିଳା ନିବାସ, ସ୍ୱାଧାର ଗୃହ, ଉଜ୍ଜ୍ୱଳା, ଶିଶୁ ଗୃହ, ଦିବ୍ୟାଙ୍ଗ ଛାତ୍ରୀଛାତ୍ର ରହୁଥିବା ହଷ୍ଟେଲ ଏବଂ ବାଳାଶ୍ରମର ଅନ୍ତେବାସୀ ପାଣି ମୁନ୍ଦେ ପାଇଁ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି। ଅନୁଷ୍ଠାନକୁ ପାନୀୟଜଳ ଯୋଗାଣ ଲାଗି ସ୍ଥାନୀୟ ସରପଞ୍ଚ, ବିଭାଗୀୟ ଯନ୍ତ୍ରୀ, ବିଡିଓ ଏବଂ ବିଧାୟକଙ୍କୁ ମଧ୍ୟ ନିବେଦନ ଜଣାଇ ନିରାଶ ହୋଇଛନ୍ତି। ଏବେ ସେମାନେ ଜିଲାପାଳଙ୍କ ଉପରେ ଭରସା କରିଛନ୍ତି।

### ପ୍ରତିଭା ଚୟନ ଉତ୍ସବ

ବ୍ରହ୍ମଗିରି, ୬।୧(ଡି.ଏନ୍.ଏ.): ପଣସପଦାସ୍ଥିତ ସମ୍ଭାବନା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପ୍ରତିଭା ଚୟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉକ୍ତ ଅଞ୍ଚଳର କୃତୀ ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇ ସମ୍ମାନିତ କରାଯାଇଥିଲା। ଅତିଥି ଭାବେ ଶୁଭନାରାୟଣ ଶତପଥୀ, ରମାଶଙ୍କର ପାତ୍ର, ଅମୂଲ୍ୟ ସୁନ୍ଦରା ପ୍ରମୁଖ ଯୋଗଦେଇଥିଲେ। ଗ୍ରାମର ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ପ୍ଲାବନ ଦଳାଇ, ଆଶିଷ ସ୍ୱାଇଁ, ଗୌତମ ପ୍ରଧାନ, ମନୋରଞ୍ଜନ ପଲାଇ, ଶଶାଙ୍କ ଶେଖର ଜେନା ପ୍ରମୁଖ ପରିଚାଳନା କରିଥିଲେ।

### ୧୯୮୩ ବ୍ୟାଚ୍‌ର ବନ୍ଧୁମିଳନ

ଗୋପ, ୬।୧(ଡି.ଏନ୍.ଏ): ଗୋପସ୍ଥିତ ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟର ୧୯୮୩ ବ୍ୟାଚ୍‌ର ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ତଥା ରାଜ୍ୟ ବାହାରେ ରହୁଥିବା ବନ୍ଧୁମାନେ ପରିବାର ସହ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଦୀର୍ଘ ୩୬ବର୍ଷ ପୂର୍ବେ ମାଟ୍ରିକ ପରଠାରୁ ବିଚ୍ଛିନ୍ନ ଛାତ୍ରୀଛାତ୍ର ଅନୁଭୂତି ବଖାଣିବା ସହ ଭାବ ଆଦାନପ୍ରଦାନ କରିଥିଲେ। ଏହି ଅବସରରେ ଚନ୍ଦ୍ରଭାଗା ନିକଟ ଝାଉଁ ଜଙ୍ଗଲରେ ଏକ ଭୋଜି ଆୟୋଜିତ ହୋଇଥିଲା। ଏହି ବନ୍ଧୁ ମିଳନରେ ଲିଙ୍ଗରାଜ ନନ୍ଦ, ଜ୍ୟୋତି ମହାନ୍ତି, ଭାରତୀଭୂଷଣ ଉପାଧ୍ୟାୟ, ରାଜକିଶୋର ପାଇକରାୟ, ବଳରାମ ସିଂ, ନିର୍ମଳ ସେନାପତି, କେଦାରନାଥ ବେହେରା, କୃପାସିନ୍ଧୁ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ।

### ସହକାରୀ ଯନ୍ତ୍ରୀଙ୍କ ପରଲୋକ

ନିମାପଡ଼ା,୬।୧(ଡି.ଏନ୍.ଏ.): ନିମାପଡ଼ା ଜଳସେଚନ ଡିଭିଜନ ଅନ୍ତର୍ଗତ ବଳଙ୍ଗା ସବ୍‌ଡିଭିଜନର ସହକାରୀ ଯନ୍ତ୍ରୀ ବୀରଞ୍ଚି କୁମାର ସେନାପତିଙ୍କ ରବିବାର ପରଲୋକ ଘଟିଛି। ତାଙ୍କୁ ୫୬ବର୍ଷ ବୟସ ହୋଇଥିଲା। ସେନାପତିଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ନିମାପଡ଼ା ଜଳସେଚନ ବିଭାଗ ଡିଭିଜନ କାର୍ଯ୍ୟାଳୟରେ ସୋମବାର ନିର୍ବାହୀ ଯନ୍ତ୍ରୀ ଇ. ଶଶିଭୂଷଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହାକରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କେଶରୀ ମହାନ୍ତି, ରାକେଶ ମଲ୍ଲିକ, ସମ୍ବିତ୍ ସାହୁ, ଲମ୍ବୋଦର ପାଢୀ, ରମାକାନ୍ତ ବେହେରା, ପ୍ରସନ୍ନ କୁଜୁରୁ, ହେମାମାଳିନୀ ପତି, ଲକ୍ଷ୍ମୀପ୍ରିୟା ବେହେରା, ମନୋରଞ୍ଜନ ମହାସୁଆର, କୃଷ୍ଣଚନ୍ଦ୍ର ମୁଣ୍ଡୁରୀଙ୍କ ସମେତ ନିମାପଡ଼ା ଡିଭିଜନର ସମସ୍ତ ଅଧିକାରୀ ଓ କର୍ମଚାରୀ ଯୋଗଦେଇ ଶୋକ ପ୍ରକାଶ କରିବା ସହ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ।

# ଆଜିଠୁ ପୁଣି ଉଚ୍ଛେଦ ଆରମ୍ଭ

**ଶ୍ରୀମନ୍ଦିର ସୁରକ୍ଷା ଜୋନ୍**

ପୁରୀ ଅଫିସ, ୬।୧:

ଶ୍ରୀମନ୍ଦିର ସୁରକ୍ଷା ଜୋନରୁ ମଙ୍ଗଳବାରଠାରୁ ପୁଣି ଉଚ୍ଛେଦ ଆରମ୍ଭ ହେବ। ଗତ ମାସ ୨୧ ତାରିଖରେ ଭିତର ସେବାୟତ ନିଯୋଗ କୋଠା ଭଙ୍ଗା ସରିବା ପରେ ଉଚ୍ଛେଦ କାର୍ଯ୍ୟ ବନ୍ଦ ରଖିଥିଲା ପ୍ରଶାସନ। ବଡ଼ଦିନ ଏବଂ ନୂଆବର୍ଷ ଥିବାରୁ ଭକ୍ତଙ୍କ ସୁବିଧା ଦୃଷ୍ଟିରୁ ପ୍ରଶାସନ ଏହି ନିଷ୍ପତ୍ତି ନେଇଥିଲା। ଏବେ ପୁଣି ଉଚ୍ଛେଦ ଅଭିଯାନ ଜୋର୍‌ଦାର ଚାଲିବ। ଶ୍ରୀମନ୍ଦିର ସୁରକ୍ଷା ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ମେଘନାଦ ପାଚେରି କଡ଼ରୁ ୭୫ ମିଟର ପରିଧି ମଧ୍ୟରେ ଥିବା ସବୁ ନିର୍ମାଣ ଉଚ୍ଛେଦ ହେବ। କେବଳ ମଠ, ମନ୍ଦିରରେ ପୂଜା ପାଉଥିବା ଠାକୁରଙ୍କ ବିଜେସ୍ଥଳୀ ଓ ଗାଦିଘର ଛାଡ଼ି ଆଉ ସବୁ ଭଙ୍ଗାଯିବାକୁ ନିଷ୍ପତ୍ତି ହୋଇ ଅଭିଯାନ ଜାରି ରହିଥିଲା। ଲଙ୍ଗୁଳି ମଠ, ଏମାର ମଠ, ବଡ଼ଆଖଡା ମଠ, ମଙ୍ଗୁ ମଠ ଓ ସାନଛତା ମଠ ସହିତ ଦୋଳବେଦି କୋଣରେ ଥିବା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଭଙ୍ଗାଯାଇଥିଲା। ଏହାପରେ କେତେକ ଘରୋଇ କୋଠା ମଧ୍ୟ ମାଟିରେ ମିଶିଥିଲା। ଗତ ମାସ ୨୧ ତାରିଖରେ ଭିତର ସେବାୟତ ନିଯୋଗ କୋଠା ଭଙ୍ଗାଯିବା ପରେ ପ୍ରଶାସନ ପକ୍ଷରୁ ଉଚ୍ଛେଦ କାର୍ଯ୍ୟକୁ ସ୍ଥଗିତ ରଖାଯାଇଥିଲା। କାରଣ ବଡ଼ଦିନ ଏବଂ ନୂଆବର୍ଷ ପାଇଁ ପୁରୀକୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଆଗମନକୁ ଦୃଷ୍ଟିରେ ରଖି ପ୍ରଶାସନ ଏହି ନିଷ୍ପତ୍ତି ନେଇଥିଲା। ଏହି ସମୟରେ ସିଂହଦ୍ୱାର ସମ୍ମୁଖ ଅଞ୍ଚଳର ସୌନ୍ଦର୍ଯ୍ୟକରଣ ଓ ଭକ୍ତଙ୍କ ସୁବିଧା ପାଇଁ ବିଭିନ୍ନ ପ୍ରକାର ବ୍ୟବସ୍ଥା କରାଯାଇଥିଲା। ଏବେ ସେ ସବୁ କାମ ଶେଷ ହୋଇଛି। ପୁରୀରୁ ନୂଆବର୍ଷ ଗହଳି ବି କମିଗଲାଣି। ତେଣୁ ପ୍ରଶାସନ ପକ୍ଷରୁ ପୁଣି ଉଚ୍ଛେଦ କାର୍ଯ୍ୟ ଜୋର୍‌ଦାର କରାଯିବ ବୋଲି ସୂଚନା ମିଳିଛି। ସୁରକ୍ଷା ଜୋନ୍‌ରେ ଥିବା ଘରୋଇ ପ୍ଲଟ ମଧ୍ୟରୁ ପ୍ରଶାସନ ପ୍ରାୟ ୮୫ ପ୍ରତିଶତରୁ ଊର୍ଦ୍ଧ୍ୱ ପ୍ଲଟର ବିକ୍ରି କବଲା ଶେଷ କରିଛି। ଅନ୍ୟପକ୍ଷରେ ସରକାରଙ୍କୁ ଜମି ଦେବା ପରେ କେତେକ ପରିବାର ସେମାନଙ୍କ ଘର ମଧ୍ୟ ଖାଲି କରିଦେଇଛନ୍ତି। ପ୍ରଶାସନ ପକ୍ଷରୁ ମଧ୍ୟ ଘର ଖାଲି କରିବା ପାଇଁ ସେମାନଙ୍କୁ କୁହାଯାଇଛି। ତେଣୁ ଏଥର ଉଚ୍ଛେଦ ଆରମ୍ଭ ହେବା ପରେ ଏହି ପ୍ରକ୍ରିୟା ଲଗାତର ଭାବେ ଜାରି ରହିବ। ବିକ୍ରି କବଲା ସରିଥିବା ଘରୋଇ ପ୍ଲଟଗୁଡ଼ିକ ଭଙ୍ଗାଯିବ। ସେହିପରି ସୁରକ୍ଷା ଜୋନ୍ ମଧ୍ୟରେ ଥିବା ମଠ, ଲଜ୍ ଆଦି ବ୍ୟବସାୟିକ ପ୍ରତିଷ୍ଠାନ ମଧ୍ୟ ଉଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି।



ଏନଡିଆର୍‌ଏଫ୍ ଡିଆଇଜି ପ୍ରଶିକ୍ଷଣ ସ୍ଥଳ ପରିଦର୍ଶନ କରୁଛନ୍ତି।

■ ମହାନଦୀରେ ତାଲିମ ନେବେ ଏନଡିଆର୍‌ଏଫ୍ କର୍ମଚାରୀ

## ଏମ୍‌ଓୟୁ ସ୍ୱାକ୍ଷରିତ

କଟକ ଅଫିସ,୬।୧:

ନ୍ୟାଶନାଲ ଡିଜାଷ୍ଟର ରେସପନ୍ସ ଫୋର୍ସ(ଏନ୍‌ଡିଆର୍‌ଏଫ)ର କର୍ମଚାରୀ ଆସି କଟକରେ ପ୍ରଶିକ୍ଷଣ ନେବେ। ପର୍ଯ୍ୟାୟକ୍ରମେ ଗୋଟିଏ ପରେ ଗୋଟିଏ ରାଜ୍ୟର ଏନଡିଆର୍‌ଏଫ୍ କର୍ମଚାରୀମାନେ ମହାନଦୀରେ ପ୍ରଶିକ୍ଷଣ ହାସଲ କରିବେ। ମହାନଦୀର ବିପଦପୂର୍ଣ୍ଣ ସ୍ଥାନ ସମେତ ଧବଳେଶ୍ୱର ସେତୁ ନିକଟରେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। କଟକର କଳିଙ୍ଗ ଡାଇଭର୍ସ ଫାଉଣ୍ଡେସନ ଟ୍ରଷ୍ଟ ଓ ଦିଲ୍ଲୀର ଏନଡିଆର୍‌ଏଫ୍ ମଧ୍ୟରେ ସୋମବାର ଏଭଳି ଏକ ଏମଓୟୁ ସ୍ୱାକ୍ଷର ହୋଇଛି। ଏନଡିଆର୍‌ଏଫ୍ ଡିଆଇଜି ମୋହସେନ ସେହେଦି କଟକ ଆସିବା ସହ କଳିଙ୍ଗ ଡାଇଭର୍ସ ଫାଉଣ୍ଡେସନ ଟ୍ରଷ୍ଟର ଟ୍ରଷ୍ଟି ତଥା ଅନ୍ତର୍ଜାତୀୟ ସ୍କୁବା ଡାଇଭର ସବୀର ବକ୍ସଙ୍କୁ ଭେଟିଥିଲେ। ଏହି ଅବସରରେ ଚୁକ୍ତିନାମା ସ୍ୱାକ୍ଷର କରାଯାଇଥିବା ଜଣାପଡ଼ିଛି। ଏନ୍‌ଡିଆର୍‌ଏଫ୍ କମାଣ୍ଡାଣ୍ଟ ଜ୍ୟାକବ କିସପୋଟା ଉପସ୍ଥିତ ଥିଲେ। ଏ ନେଇ ସବୀର କହିଛନ୍ତି, ଗ୍ରୁପ ଗଠନ କରାଯାଇ ପ୍ରଶିକ୍ଷଣ ଦିଆଯିବ। ପ୍ରତ୍ୟେକ ଗ୍ରୁପରେ ୩୦ଜଣ ଏନଡିଆର୍‌ଏଫ କର୍ମଚାରୀ ରହିବେ। ପ୍ରତ୍ୟେକ ଗ୍ରୁପର ପ୍ରଶିକ୍ଷଣ ଅବଧି ୬ସପ୍ତାହ ରହିଛି। ମହାନଦୀରେ ପ୍ରଶିକ୍ଷଣ ଶେଷ ପରେ ସେମାନଙ୍କୁ ପାରାଦୀପ ନିକଟ ସମୁଦ୍ରରେ ପ୍ରଶିକ୍ଷଣ ଦିଆଯିବ ବୋଲି ସବୀର କହିଥିଲେ। ଅନ୍ତର୍ଜାତୀୟ ସ୍ତରର ୱିଣ୍ଡ ସର୍ଫିଂ ଖେଳାଳି ଦିଲେଶ ରାଓ ପ୍ରଶିକ୍ଷଣରେ ସହଯୋଗ କରିବେ ବୋଲି ସେ କହିଛନ୍ତି। ଏହି ଅବସରରେ ସୋମବାର କଟକ ତୁଳସୀପୁରସ୍ଥିତ ଡିୟରପାର୍କ ଜେଟିଠାରେ ଏନଡିଆର୍‌ଏଫ୍ ଡିଆଇଜି ପହଞ୍ଚି ପ୍ରଶିକ୍ଷଣ ସ୍ଥଳ ପରିଦର୍ଶନ କରିଛନ୍ତି।

■ ଜେଏନ୍‌ୟୁ ଛାତ୍ର ଆକ୍ରମଣ ଘଟଣାର ପ୍ରତିବାଦ

## ଏସ୍‌ଏଫ୍‌ଆଇ ପକ୍ଷରୁ ଶୋଭାଯାତ୍ରା





ଏସ୍‌ଏଫ୍‌ଆଇ ପକ୍ଷରୁ ବାହାରିଥିବା ପ୍ରତିବାଦ ଶୋଭାଯାତ୍ରା ।

ପୁରୀ ଅଫିସ, ୬।୧:

ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ରେ ରବିବାର ରାତିରେ ହୋଇଥିବା ଛାତ୍ର ଓ ଶିକ୍ଷକଙ୍କୁ ଆକ୍ରମଣ ଘଟଣାକୁ ବିଭିନ୍ନ ଛାତ୍ର ସଙ୍ଗଠନ ନିନ୍ଦା କରିଛନ୍ତି। ଏହି ଘଟଣା ପ୍ରତିବାଦରେ ଛାତ୍ର ଶିକ୍ଷକ ଫୋରମ୍ (ଏସ୍‌ଏଫ୍‌ଆଇ) ପକ୍ଷରୁ ସୋମବାର ଏକ ଶୋଭାଯାତ୍ରା ମୋଚିସାହି ଛକରୁ ବାହାରି କଚେରି ଛକରେ ପହଞ୍ଚିଥିଲା। ସେଠାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ନେତା ସୁରେନ୍ଦ୍ର କୁମାର ଜେନାଙ୍କ ନେତୃତ୍ୱରେ ଆୟୋଜିତ ଶୋଭାଯାତ୍ରାରେ ଶଙ୍କର ସୁବୁଦ୍ଧି, ଶରତ ସେଠୀ, ଅନୁରାଧା ବେହେରା, ସବିତା ମଲ୍ଲିକ, ଅନିଲ ପ୍ରଧାନ, ସନ୍ତୋଷ କୁମାର ବାରିକ, ସତ୍ୟପ୍ରକାଶ ମୁଦୁଲି ପ୍ରମୁଖ ସାମିଲ ଥିଲେ। ଜେଏନ୍‌ୟୁ କୁଳପତି ଓ ଦିଲ୍ଲୀ ପୋଲିସ କମିଶନରଙ୍କ ଇସ୍ତଫା ସମେତ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି।

### ୧୦ରୁ କଲ୍ୟାଣପୁର ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ

ଡେଲାଙ୍ଗ, ୬।୧(ଡି.ଏନ୍.ଏ):

ଡେଲାଙ୍ଗ ବ୍ଲକ କଲ୍ୟାଣପୁର ଉଚ୍ଚ ବିଦ୍ୟାଳୟର ୫୦ ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ପାଳନ ହେବାକୁ ଯାଉଛି। ଏ ନେଇ ରବିବାର ବିଦ୍ୟାଳୟ ପରିସରରେ ଶେଷ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଇନଜୀବୀ ଭୀମସେନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ପ୍ରଧାନଶିକ୍ଷକ ସୁଦର୍ଶନ ପରିଡା, ଅବସାରପ୍ରାପ୍ତ ଶିକ୍ଷକ ଦୁଃଶାସନ ପାହାଡସିଂହ, ଉତ୍କଳ ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗର ମୁଖ୍ୟ ପ୍ରଦ୍ୟୋତ କେଶରୀ ପ୍ରଧାନ, ପୂର୍ବତନ ପ୍ରଧାନ ଶିକ୍ଷକ ଚକ୍ରଧର ପ୍ରଧାନ, ପୂର୍ବତନ ଶିକ୍ଷକ ଅର୍ଜ୍ଜୁନ ପ୍ରଧାନ, ପୁରାତନ ଛାତ୍ର ପ୍ରଦୀପ୍ତ ପ୍ରଧାନ, ରଶ୍ମିରଞ୍ଜନ ଜେନା ପ୍ରମୁଖ ଯୋଗଦେଇଥିଲେ। ଏହି ସୁବର୍ଣ୍ଣ ଜୟନ୍ତୀ ଆସନ୍ତା ୧୦, ୧୧ ଓ ୧୨ ତାରିଖ ୩ ଦିନ ଧରି ପାଳନ ହେବ। ଏଥିରେ ରାଜ୍ୟପାଳଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦାନ କରିବେ। ଏହି ସମାରୋହକୁ ପରିଚାଳନା କରିବା ପାଇଁ ବିଭିନ୍ନ ବିଭାଗ ବଣ୍ଟନ କରାଯାଇ କମିଟି ଚୟନ କରାଯାଇଛି। ଏହି ବୈଠକରେ ୩ଶହରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଆଗାମୀ ଦିନରେ କାର୍ଯ୍ୟକ୍ରମଗୁଡ଼ିକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ପୁରାତନ ଛାତ୍ରମାନଙ୍କୁ ନେଇ ଏକ ବୈୟଜ୍ୟେଷ୍ଠ କମିଟି ଗଠନ କରାଯାଇଛି । ଏହି କମିଟି ନିର୍ଦ୍ଦେଶରେ ଅନ୍ୟ କମିଟିଗୁଡିକ ପରିଚାଳିତ ହେବେ।

■ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ମାମଲା

## ପକ୍ଷଭୁକ୍ତ ହେଲା ମତ୍ସ୍ୟଜୀବୀ ସମବାୟ ସମିତି

କଟକ ଅଫିସ, ୬।୧:

ଚିଙ୍ଗୁଡ଼ି ଘେରି ଉଚ୍ଛେଦ ମାମଲାରେ ସ୍ଥିତି ସମ୍ପର୍କିତ ରିପୋର୍ଟ ଦାଖଲ କରିବାକୁ ହାଇକୋର୍ଟଙ୍କ ପକ୍ଷରୁ ଜିଲାପାଳମାନଙ୍କୁ ଆଦେଶ ହୋଇଛି। ଆସନ୍ତା ୨୭ ତାରିଖ ମଧ୍ୟରେ ଏହି ରିପୋର୍ଟ ଦାଖଲ କରିବା ପାଇଁ ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ସଞ୍ଜୁ ପଣ୍ଡା ଓ ବିଚାରପତି ସଙ୍ଗମ କୁମାର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଏହି ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ପକ୍ଷରୁ ହାଇକୋର୍ଟରେ ଏକ ଆବେଦନ କରାଯାଇଥିଲା। ଉକ୍ତ ଆବେଦନକୁ ଖଣ୍ଡପୀଠ ଗ୍ରହଣ କରି ଘେରି ଉଚ୍ଛେଦ ହେଲେ ସେମାନଙ୍କ ଜୀବନ ଜୀବିକା କେତେ ମାତ୍ରାରେ ପ୍ରଭାବିତ ହେଉଛି ତା'ର ଆକଳନ ରିପୋର୍ଟ ମଧ୍ୟ ଦାଖଲ କରିବାକୁ ଆଦେଶ ହୋଇଛି। ସୂଚନାଥାଉ କି, ଚିଲିକା ଓ ଭିତରକନିକାରେ ବେଆଇନ ଚିଙ୍ଗୁଡ଼ି ଘେରିକୁ ନେଇ ହାଇକୋର୍ଟରେ ଏହି ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାର ଶୁଣାଣି ଜାରି ରହିଥିବାବେଳେ ସୋମବାର ପରିବେଶ ବିଭାଗର ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇକୋର୍ଟରେ ଏକ ସତ୍ୟପାଠ ଦାଖଲ କରାଯାଇଛି। ଚିଙ୍ଗୁଡ଼ି ଘେରି ସମ୍ପର୍କରେ ଗତ ୨ ତାରିଖରେ ଏକ ବୈଠକ ଡକାଯାଇ ଘେରି ଉଚ୍ଛେଦ ଉପରେ ଆଲୋଚନା କରାଯାଇଥିବା ଦର୍ଶାଯାଇଛି।

## ବାସୁଦେବ ବଲ୍ଲଭ ବିଦ୍ୟାଳୟର ଶତବାର୍ଷିକୀ ପ୍ରସ୍ତୁତି ବୈଠକ





ବୈଠକରେ ଶତବାର୍ଷିକୀ ଲୋଗୋ ଉନ୍ମୋଚନ କରାଯାଉଛି।

ପୁରୀ ଅଫିସ, ୬।୧ :

ପୁରୀ ସଦରସ୍ଥ ବାସୁଦେବ ବଲ୍ଲଭ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୁରାତନ ଛାତ୍ରଙ୍କୁ ନେଇ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରାତନ ଛାତ୍ର ତଥା ଐତିହ୍ୟ ଗବେଷକ ଡ. ସୁରେନ୍ଦ୍ର ମିଶ୍ର ଅଧ୍ୟକ୍ଷତା କରିଥିଲେ। ୧୯୨୦ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ ଆସନ୍ତା ଫେବୃୟାରୀ ଶେଷ ସପ୍ତାହରେ ପାଳନ ଲାଗି ନିଷ୍ପତ୍ତି ନିଆଯାଇଛି। ଉତ୍ସବର ରୂପରେଖ ନେଇ ଆଲୋଚନା କରାଯିବା ସହ ମୋ' ସ୍କୁଲ କମିଟି ଗଠନ ହୋଇଛି। ଏହି ଅବସରରେ ପ୍ରଧାନ ଶିକ୍ଷକ ଅଜୟ କୁମାର ପଣ୍ଡା ପୁରାତନ ଛାତ୍ରମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ଶତବାର୍ଷିକୀ ଲୋଗୋ ଉନ୍ମୋଚିତ ହୋଇଥିଲା। ଉତ୍ସବ ପରିଚାଳନା ଲାଗି ବିଭିନ୍ନ ସବ୍‌କମିଟି ଗଠିତ ହୋଇଛି। ରମାକାନ୍ତ ବରାଳ ଉପଦେଷ୍ଟା କମିଟି, କେଶବ ଚନ୍ଦ୍ର ମିଶ୍ର ଅଭ୍ୟର୍ଥନା କମିଟି, ରଘୁନାଥ ମିଶ୍ର ସ୍ମରଣିକା କମିଟି, ନାରାୟଣ ବେହେରା ଅର୍ଥ କମିଟି ଦାୟିତ୍ୱରେ ରହିଛନ୍ତି। ଶତବାର୍ଷିକ ଉତ୍ସବରେ ପ୍ରଧାନ ଶିକ୍ଷକ ଅଜୟ ପଣ୍ଡା ଆବାହକ, ଡ. ସୁରେନ୍ଦ୍ର ମିଶ୍ର ସଭାପତି ଏବଂ ବସନ୍ତ କୁମାର ମିଶ୍ର ସଂଯୋଜକ ଭାବେ କାର୍ଯ୍ୟ କରିବେ। ସ୍ମରଣିକା ପ୍ରକାଶନ, ଛାତ୍ର-ଶିକ୍ଷକ-ଅଭିଭାବକଙ୍କୁ ନେଇ ଆଲୋଚନାଚକ୍ର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଉକ୍ତ ବୈଠକରେ ରବିନାରାୟଣ ସାହୁ, ଇତିଶ୍ରୀ ସାହୁ, ଅର୍ଚ୍ଚନା ନାୟକ, ଭୀମସେନ ବେହେରା, ସିଆର୍‌ସିସି ମନୋଜ ମହାନ୍ତି, ପ୍ରଭାକର ମୁଦୁଲି, ପାଣ୍ଡବ ସାହୁ, ସତ୍ୟନାରାୟଣ ବରାଳ, ନିରଞ୍ଜନ ମିଶ୍ର, ସୀତାକାନ୍ତ ମିଶ୍ର, ନୀଳକଣ୍ଠ ମଲ୍ଲିକ, ଜ୍ୟୋତି ପ୍ରକାଶ ମହାରଣା, ଗଙ୍ଗାଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଧର୍ମଘଟକୁ ନେଇ କନ୍‌ଭେନସନ୍

ବ୍ରହ୍ମଗିରି, ୬।୧(ଡି.ଏନ.ଏ):

ଆଗାମୀ ୮ତାରିଖରେ ହେବାକୁ ଥିବା ଦେଶବ୍ୟାପୀ ଧର୍ମଘଟ ନେଇ ବ୍ରହ୍ମଗିରି ବ୍ଲକରେ ସୋମବାର କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଓ ପୁରୀ ଜିଲା ସମନ୍ୱୟ ସମିତି ତରଫରୁ ବ୍ରହ୍ମଗିରି ବସ୍‌ଷ୍ଟାଣ୍ଡରେ ଗଣକନଭେନ୍‌ସନ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ସରକାରଙ୍କ ଜନମାରଣ ଓ ଶ୍ରମିକ ବିରୋଧି ନୀତି, ଦରଦାମ ବୃଦ୍ଧି, ମହିଳା ନିର୍ଯାତନା, କୃଷି ଓ କୃଷକ ମାରଣ ନୀତି ବିରୋଧରେ ଧର୍ମଘଟକୁ ସଫଳ କରିବା ପାଇଁ ଗଣକନଭେସନ ମାଧ୍ୟମରେ ଅନୁରୋଧ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭୀମସେନ ସ୍ୱାଇଁ, ପୀତବାସ ବେହେରା, ଯୁଧିଷ୍ଠିର ବାରିକ ଏବଂ ସୁରେନ୍ଦ୍ର ଦଳାଇ ପ୍ରମୁଖ ସାମିଲ ଥିଲେ ।

## ପ୍ରହସନ ପାଲଟିଛି ଅଭିଯୋଗ ଶୁଣାଣି

ବ୍ରହ୍ମଗିରି, ୬।୧(ଡି.ଏନ୍.ଏ):

ପ୍ରଶାସନ ପକ୍ଷରୁ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ହେବାର ଶୁଣିଲେ ଗୁହାରି ଜଣାଇ ନିଜ ହକ ପାଇବା ପାଇଁ ଲୋକଙ୍କ ଭିଡ଼ ଜମୁଥିଲା। କିନ୍ତୁ ଏବେ ଜନଶୁଣାଣି କାର୍ଯ୍ୟକ୍ରମ ଉପରୁ ଧିରେ ଧିରେ ଲୋକଙ୍କ ଆସ୍ଥା ତୁଟିଯାଉଛି। ବିଗତ ଦିନରେ ହେଉଥିବା ଏହି କାର୍ଯ୍ୟକ୍ରମରେ ଅଭିଯୋଗର ତାଲିକାକୁ ଦେଖିଲେ ବର୍ତ୍ତମାନର ତାଲିକା କମି କମି ଯାଉଛି। ଏହାର ଅର୍ଥ ନୁହେଁ ଯେ, ଲୋକଙ୍କ ସମସ୍ୟାର ସମାଧାନ ହୋଇଯାଉଛି। ବରଂ ଲୋକେ ଏହି କାର୍ଯ୍ୟକ୍ରମକୁ ପ୍ରହସନ ବୋଲି ଭାବି ନେଲେଣି । ସରକାର ଏତେ ଟଙ୍କା ଖର୍ଚ୍ଚ କରି ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ଜନଶୁଣାଣିରେ ବାରମ୍ବାର ଅଭିଯୋଗ କରି ଏ ପର୍ଯ୍ୟନ୍ତ କୌଣସି ସୁଫଳ ମିଳୁନାହିଁ ବୋଲି କହିଛନ୍ତି ବ୍ରହ୍ମଗିରି ବ୍ଲକର ପୂର୍ବତନ ଏମ୍‌ପି ପ୍ରତିନିଧି ନୀଳକଣ୍ଠ ବେହେରା। ସେହିପରି ଅଭିଯୋଗ ଜଣାଇଲେ ମଧ୍ୟ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ନେଇ ଜିଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି ପ୍ରସନ୍ନ କୁମାର ବରାଳ ଓ ନୀଳକଣ୍ଠ ବେହେରା। ଅଭିଯୋଗର ତଦନ୍ତ କରାଯିବ ବୋଲି ଅତିରିକ୍ତ ଜିଲାପାଳ ପ୍ରଦୀପ୍ତ କୁମାର ସାହୁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ଗୋରୁଙ୍କୁ ନେଇ କଳସ ଯାତ୍ରା

ପୁରୀ ଅଫିସ, ୬।୧:

ଶ୍ରୀରାମ ସୁନ୍ଦରାକାଣ୍ଡ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ମହର୍ଷି ମହେଶ ଯୋଗୀଙ୍କ ୧୦୧ତମ ଜନ୍ମୋତ୍ସବ ପାଳନ ଅବସରରେ ଆଳିପଡ଼ାସ୍ଥିତ ଗୋବିନ୍ଦ ଗୋଧାମ ଗୋଶାଳା ପରିସରରେ ସୋମବାରଠାରୁ ଶ୍ରୀରାମଚରିତ ମାନସ ପାରାୟଣ, ଗୋ ଯଜ୍ଞ ଆରମ୍ଭ ହୋଇଛି। କଳସ ଯାତ୍ରାରେ ଗୋଶାଳାର ୧୫୦ରୁ ଊର୍ଦ୍ଧ୍ୱ ଗୋରୁ ସାମିଲ ହୋଇଥିଲେ। ପ୍ରଥମ ଦିବସରେ ଅଧିବାସ ସମ୍ପନ୍ନ ହୋଇଛି। ମଙ୍ଗଳବାର ପାରାୟଣ, ହୋମଯଜ୍ଞ ଓ ନାମଯଜ୍ଞ ଆରମ୍ଭ ହେବ ବୋଲି ଟ୍ରଷ୍ଟ ସମ୍ପାଦକ ବିଷ୍ଣୁଚରଣ ପଣ୍ଡା କହିଛନ୍ତି। ଏହି ଶୋଭାଯାତ୍ରାରେ କୃଷ୍ଣଚନ୍ଦ୍ର ଦାସଜୀ, ଜଗନ୍ନାଥ ମିଶ୍ର, କୈଳାସ ଚନ୍ଦ୍ର ପଣ୍ଡା, ଗଣେଶ୍ୱର ପଣ୍ଡା, ପୀତାମ୍ବର ପଣ୍ଡା, ହର ପ୍ରସାଦ ମହାପାତ୍ର, ପ୍ରସନ୍ନ କୁମାର ପଣ୍ଡା ପ୍ରମୁଖ ସାମିଲ ଥିଲେ।



ଗୋରୁମାନଙ୍କୁ ନେଇ ବାହାରିଥିବା କଳସ ଶୋଭାଯାତ୍ରା ।

## କୃଷି ନୀତି ବିରୋଧରେ ବିକ୍ଷୋଭ



ନବନିର୍ମାଣ କୃଷକ ସଂଗଠନର ସଦସ୍ୟମାନେ ଜିଲାପାଳଙ୍କ ଅଫିସ ଆଗରେ ଧାରଣାରେ ବସିଛନ୍ତି।

ପୁରୀ ଅଫିସ, ୬।୧:

ରାଜ୍ୟ ସରକାରଙ୍କ କୃଷିନୀତିକୁ ବିରୋଧକରି ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଭୁବନେଶ୍ୱରରେ ଚାଲିଥିବା ଧାରଣାକୁ ସମର୍ଥନ ଜଣାଇଛି ପୁରୀ ଜିଲା ଶାଖା। ଏ ନେଇ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସଙ୍ଗଠନର ପୁରୀ ଜିଲା ଶାଖା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା ସଂଯୋଜକ ପ୍ରଫୁଲ୍ଲ ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ଶତାଧିକ ଚାଷୀ ଓ କୃଷକ ନେତା ସାମିଲ ଥିଲେ। ସଙ୍ଗଠନର ଦାବି ସମ୍ପର୍କରେ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। କାଳିଆ ଯୋଜନାର ମୋହ ଦେଖାଇ ନିର୍ବାଚନୀ ବୈତରଣୀ ପାର ହେବା ପରେ ଚାଷୀଙ୍କୁ ଅଣଦେଖା କରୁଛନ୍ତି। ଚାଷୀଙ୍କୁ ୧୦ ହଜାର ଟଙ୍କା ସହାୟତା ଦେବାକୁ ଘୋଷଣା କରିଥିବାବେଳେ ଏବେ ମାତ୍ର ୪ହଜାର ଟଙ୍କା ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହା ଚାଷୀଙ୍କ ପ୍ରତି ବିଶ୍ୱାସଘାତକତା। ଚାଷୀଙ୍କ ସର୍ବାଙ୍ଗୀନ ବିକାଶ ଲାଗି ସରକାର ଗୁରୁତ୍ୱ ନ ଦେଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରାଯିବ। ବିକ୍ଷୋଭରେ ଦୁର୍ଗା ବାରିକ, ସୂର୍ଯ୍ୟନାରାୟଣ ରଥ, ଲିଙ୍ଗରାଜ ମିଶ୍ର, ଗୋବିନ୍ଦ ମହାପାତ୍ର, ବିକାଶ ଚନ୍ଦ୍ର ବରାଳ, କୁନି ମହାପାତ୍ର, ସୁଶାନ୍ତ ପରିଡ଼ା, ଜମ୍ବେଶ୍ୱର ଜେନା, କୈଳାଶ ଚନ୍ଦ୍ର ପ୍ରଧାନ, ଅଶୋକ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।